NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY
11 JANUARY 2026
ରବିବାର
୧୧ ଜାନୁଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 236 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୩୬ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

## ମଝି ଆକାଶରୁ ଖସିଲା ଚାର୍ଟର ବିମାନ

**ମେ ଡେ' କଲ୍ ପରେ ପାଇଲଟ୍ କଲେ ଫୋର୍ସ ଲ୍ୟାଣ୍ଡିଂ**





**ଚେପା ହୋଇଗଲା ଫ୍ଲାଇଟ୍ ହେଡ୍, ଭାଙ୍ଗିଗଲା ୱିଙ୍ଗ୍**

**ପାଇଲଟ୍, କୋ-ପାଇଲଟ୍‌ଙ୍କୁ ମିଶାଇ ୬ ଆହତ**

**ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

**ଆବଶ୍ୟକ ପଡ଼ିଲେ ଆହତଙ୍କୁ ଏୟାର୍‌ଲିଫ୍ଟ : ଏସ୍‌ପି**

**ରାଉରକେଲା,୧୦ା୧/ଏନ୍‌ଏନ୍‌ଏସ୍:**

ରାଉରକେଲାରେ ମଝି ଆକାଶରୁ ଖସିପଡ଼ିଲା ଇଣ୍ଡିଆ ୱାନ୍ ଏୟାରର ୯ ସିଟର୍ ଚାର୍ଟର୍ ପ୍ଲେନ୍ ଭିଟି-କେଏସ୍‌ଏସ୍ । ମେ ଡେ' କଲ୍ ପରେ ପାଇଲଟ୍ କଲେ ଫୋର୍ସ ଲ୍ୟାଣ୍ଡିଂ। ମାଟିରେ ଲୋଟି ଚେପା ହୋଇଗଲା ଫ୍ଲାଇଟ୍ ହେଡ୍, ଭାଙ୍ଗିଗଲା ୱିଙ୍ଗ୍। ତେବେ ଏଭଳି ଦୁର୍ଘଟଣାରେ କିନ୍ତୁ ସୌଭାଗ୍ୟକୁ ବଞ୍ଚିଯାଇଛନ୍ତି ସମସ୍ତ ଯାତ୍ରୀ ଓ ପାଇଲଟ। ସେମାନେ ହେଲେ ପାଇଲଟ୍ ନବୀନ କାଡ଼ାଙ୍ଗା ଓ ସହପାଇଲଟ୍ ତରୁଣ ଶ୍ରୀବାସ୍ତବଙ୍କ ସମେତ ୪ ଯାତ୍ରୀ ସୁଶାନ୍ତ କୁମାର ବିଶ୍ୱାଳ, ଅନୀତା ସାହୁ, ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲ। ପାଇଲଟଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ତାଙ୍କରି ଉପସ୍ଥିତି ବୁଦ୍ଧି ଓ ଉଦ୍ୟମ ଯୋଗୁ ହିଁ ସମସ୍ତଙ୍କ ଜୀବନ ସୁରକ୍ଷିତ ରହିଥିବା କୁହାଯାଉଛି। ତେବେ କାହିଁକି ଦୁର୍ଘଟଣା ଘଟିଲା, ତାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଯାଇଛି । ଡିଜିସିଏ ତନାଘନା ଆରମ୍ଭ କରିଦେଇଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ ବା ଏଏଆଇବି ରବିବାର ଆସି ଯାଞ୍ଚ କରିବ। ତଦନ୍ତର ତଦାରଖ ପାଇଁ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ସହ ଆହତ ଯାତ୍ରୀଙ୍କ ସମ୍ପର୍କୀୟଙ୍କ ନିମନ୍ତେ ମୋବାଇଲ୍ ନମ୍ବର ଜାରି କରାଯାଇଛି। ସେପଟେ ମୃତ୍ୟୁମୁଖରୁ ୬ ଜଣଙ୍କୁ ବଞ୍ଚାଇ ମାନବିକତାର ଶ୍ରେଷ୍ଠ ପରିଚୟ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

ପ୍ରକାଶ ଯେ ମଧ୍ୟାହ୍ନ ୧୨ଟା ୨୭ ମିନିଟ୍। ଭୁବନେଶ୍ୱର ବିମାନବନ୍ଦରରୁ ରାଉରକେଲା ଅଭିମୁଖେ ଉଡ଼ାଣ ଭରିଥିଲା ଚାର୍ଟର୍ ପ୍ଲେନ୍। ରନୱେ ଥିଲା ଆଉ ମାତ୍ର ୮ ନଟିକାଲ୍ ମାଇଲ୍ ଅର୍ଥାତ ପ୍ରାୟ ୧୪ କିଲୋମିଟର। ହେଲେ ତା'ପୂର୍ବରୁ ଭାରସାମ୍ୟ ହରାଇସାରିଥିଲା ବିମାନ। ଶନିବାର ମଧ୍ୟାହ୍ନ ସାଢ଼େ ଗୋଟାଏରୁ ୨ଟା ମଝିରେ ମଝି ଆକାଶରେ ଘଟିଯାଇଥିଲା ବଡ଼ ଗଡ଼ବଡ଼। ଶେଷରେ ରାଉରକେଲା ଜଳଦା ▶▶ ୫

**ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ମୁଖ୍ୟମନ୍ତ୍ରୀ**

# ଭେଟି ଦେଲେ ୯୪୮ କୋଟିର ପ୍ରକଳ୍ପ

**ଭୁବନେଶ୍ୱର,୧୦ା୧/ଏନ୍‌ଏନ୍‌ଏସ୍:**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସମ୍ବଲପୁର ଜିଲ୍ଲାବାସୀଙ୍କ ପାଇଁ ୯୪୮ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଭେଟି ଦେଇଛନ୍ତି। ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ଯାଇ ସେଠାରେ ଜିଲ୍ଲା ପାଇଁ ୨୫ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଥିରୁ ୫୭ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ୮୯୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପ ମଧ୍ୟରେ ସଡ଼କ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ସାମିଲ ଅଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିଭାଷଣ ରଖି ସମ୍ବଲପୁରର ବିକାଶ ପାଇଁ ଲୋକଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହିତ ସମ୍ବଲପୁର ବିକାଶକୁ ସନ୍ତୁଳିତ ବିକାଶ ଏବଂ ସୁଶାସନର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ। ଏହାଛଡ଼ା ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ଏହି ସମସ୍ତ ପ୍ରକଳ୍ପଗୁଡ଼ିକ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଆଗାମୀ ଦିନରେ ଏ ସବୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟର ପ୍ରମୁଖ ଶକ୍ତିପୀଠ ତଥା ଦର୍ଶନୀୟ ସ୍ଥାନ ଭାବେ ମା' ସମଲେଇଙ୍କ ମନ୍ଦିରର ବିକାଶ ପାଇଁ , ୩୧୬ କୋଟି ଟଙ୍କା ବିନିଯୋଗ ସହିତ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ କାମ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ସହିତ ରିଭର ଫ୍ରଣ୍ଟ ଡେଭ୍‌ଲ୍‌ପମେଣ୍ଟ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ। ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ କେବଳ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ବା ମହାନଦୀ ରିଭର ଫ୍ରଣ୍ଟ ଡେଭଲ୍‌ପମେଣ୍ଟ ଯୋଜନାରେ ୧୬୦ କୋଟି ଟଙ୍କା ବିନିଯୋଗରେ ମହାନଦୀ କୂଳର ମନ୍ଦ୍‌ଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ବିକାଶ କାମ ହାତକୁ ନିଆଯାଇଛି। ଏଥିରେ ପାର୍କ, ଜିମ୍, ସେଲ୍‌ଫି ପଏଣ୍ଟ, ସ୍ନାନ ଘାଟ, ଆରତୀ ଘାଟ, ସପିଙ୍ଗ୍ କମ୍ପ୍ଲେକ୍ସ, ଶୌଚାଳୟ ଓ ପାର୍କିଂ ଆଦିର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପାୟନ ଓଡ଼ିଶାର କିଛି ହାତଗଣତି ଶିଳ୍ପାଞ୍ଚଳରେ ପ୍ରତିଷ୍ଠିତ ହେଉଥିଲା। ଆଜି ବି ଓଡ଼ିଶାର ଅଧିକାଂଶ ଜିଲ୍ଲାରେ କୌଣସି ଶିଳ୍ପ କିମ୍ବା ବୃହତ୍ ଉଦ୍‌ଯୋଗ ନାହିଁ। କିନ୍ତୁ ଆମ ସରକାର ଆସିବା ପରେ ସମସ୍ତ ୩୦ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ନିବେଶ ହେବାକୁ ଯାଉଥିବା ଅନ୍ୟୁନ୍ୟ ୧୮ ଲକ୍ଷ କୋଟି ଟଙ୍କା ରାଜ୍ୟର ସମସ୍ତ ଜିଲ୍ଲାକୁ ଶିଳ୍ପାୟନ କରିବ। ଗତ ଦେଢ଼ ବର୍ଷରେ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି। ଏହି କ୍ରମରେ ସମ୍ବଲପୁର ଜିଲ୍ଲାର ବିକାଶ ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଜିଲ୍ଲାବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଗମନାଗମନ ଇତ୍ୟାଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରିଶେଷରେ ସମୃଦ୍ଧ ଓଡ଼ିଶା ସୃଷ୍ଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି ବୋଲି ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ▶▶ ୫

**୧୪ ପ୍ରକଳ୍ପର ଶୁଭ ଉଦ୍‌ଘାଟନ**

**୧୧ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ**

**ସମ୍ବଲପୁରର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ସିଏମ୍**

## ଭାରତକୁ ଭେନେଜୁଏଲା ତେଲ ଦେବ ଆମେରିକା

**ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବି କିଣିପାରେ**

**ୱାଶିଂଟନ୍ ଡିସି,୧୦ା୧/ଏଜେନ୍ସି:**

ଆମେରିକା ଭେନେଜୁଏଲାରୁ ତେଲ କିଣିବା ପାଇଁ ଭାରତକୁ ଅନୁମତି ଦେଇପାରେ। ମିଡିଆ ରିପୋର୍ଟ ଅନୁସାରେ ଟ୍ରମ୍ପ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଅଧିକାରୀଙ୍କ ଅନୁସାରେ ଏ ସବୁ ଆମେରିକାର ଦେଖରେଖ ଏବଂ ସର୍ତ୍ତ ସହିତ ହେବ। ତେବେ ଏହି ଜଡ଼ିତ ସର୍ତ୍ତ ସମ୍ପର୍କରେ ଏବେ ସୁଦ୍ଧା କୌଣସି ସୂଚନା ମିଳିପାରି ନାହିଁ। ଏହାର ଅର୍ଥ



ଆମେରିକାର ପ୍ରତିବନ୍ଧ କାରଣରୁ ଯେଉଁ ବ୍ୟାପାର ଅଟକି ରହିଥିଲା, ତାହା ଏବେ ପୁଣିଥରେ ଆରମ୍ଭ ହୋଇପାରେ। ସେହିପରି ରୟଟର୍ସ ରିପୋର୍ଟ ଅନୁସାରେ ଭାରତର ଅନ୍ୟତମ ବଡ଼ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭେନେଜୁଏଲା ତେଲ କିଣିବା ପାଇଁ ଆମେରିକା ତାକୁ ଅନୁମତି ଦେଉ ବୋଲି ମଧ୍ୟ ଚାହୁଁଛି। ଏଥିପାଇଁ କମ୍ପାନୀ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଇଛି।

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ବିଶ୍ୱର ▶▶ ୫

## ୭ଦିନ ନଆସିଲେ ପିଲାଙ୍କ ଘରକୁ ଯିବେ ଶିକ୍ଷକ

**ଭୁବନେଶ୍ୱର,୧୦ା୧/ଏନ୍‌ଏନ୍‌ଏସ୍:**

ଯଦି କୌଣସି ପିଲା ୭ ଦିନ ସ୍କୁଲ ବନ୍ଦ କରନ୍ତି, ତା ହେଲେ ସ୍କୁଲ କର୍ତ୍ତୃପକ୍ଷ, ଶିକ୍ଷକ କିମ୍ବା ପ୍ରଧାନ ଶିକ୍ଷକ ସମ୍ପୃକ୍ତ ଛାତ୍ର ଅବା ଛାତ୍ରୀଙ୍କ ଘରେ ପହଞ୍ଚିବେ। କାହିଁକି ସେ ପଢ଼ିବାକୁ ଆସୁ ନାହିଁ, ତା ଅନୁପସ୍ଥିତିର କାରଣ ପଚାରି ବୁଝିବେ।

ଡ୍ରପଆଉଟ୍, ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ସୃଷ୍ଟି ରୋକିବାକୁ ରାଜ୍ୟ ସରକାର ନେଇଛନ୍ତି ଏଭଳି ବଡ଼ ନିଷ୍ପତ୍ତି। ଏନେଇ ସବୁ ଡିଇଓ ଏବଂ ବିଇଓଙ୍କୁ ଚିଠି କରିଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସୁପାରିଶକୁ କାର୍ଯ୍ୟକାରୀ ▶▶ ୫

## ମହାକାଶକୁ ଯିବ ଓଡ଼ିଶା ସାଟେଲାଇଟ୍

**ଭୁବନେଶ୍ୱର,୧୦ା୧/ଏନ୍‌ଏନ୍‌ଏସ୍:**

ପିଏସ୍‌ଏଲ୍‌ଭି ସି-୬୨ ସାଙ୍ଗରେ ମହାକାଶକୁ ଯିବ ଓଡ଼ିଶା ନିର୍ମିତ ସାଟେଲାଇଟ୍ (ଉପଗ୍ରହ)ସିଜିୟୁଏସ୍‌ଏଟି-୧ । ଆସନ୍ତା ୧୨ ତାରିଖ ସକାଳ ୧୦ଟା ୧୭ ମିନିଟରେ ଆନ୍ଧ୍ର ଶ୍ରୀହରିକୋଟାରୁ ଉତକ୍ଷେପଣ ପାଇଁ ପ୍ରସ୍ତୁତ ହେଉଛି ପିଏସ୍‌ଏଲଭି-ସି୬୨ ରକେଟ୍। ଯେଉଁଥିରେ ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ୍ ୟୁନିଭରସିଟି ଦ୍ୱାରା ନିର୍ମିତ ସିଜିୟୁଏସ୍‌ଏଟି-୧ ଉପଗ୍ରହକୁ ସ୍ଥାନ ମିଳିଛି- ଯାହା ୧୫ ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ। ଜରୁରୀକାଳୀନ ପରିସ୍ଥିତି ହେଉ କି ପ୍ରାକୃତିକ ବିପର୍ଯ୍ୟୟ ସମୟ ଯୋଗାଯୋଗର ଏହା ସାଜିବ ଏକ ବଡ଼ ମାଧ୍ୟମ। ସିଜିୟୁଏସ୍‌ଏଟି-୧ର ଗ୍ରାଉଣ୍ଡ ଷ୍ଟେସନ ସଂରକ୍ଷକ ସୌମ୍ୟା ମିଶ୍ରଙ୍କ ସୂଚନା ଅନୁସାରେ ଲିଓ ଅର୍ବିଟ୍‌ରେ ଉପଗ୍ରହଟି ଇଜେକ୍ଟ ହେବା ପରେ ସାରା ବିଶ୍ୱ ଉପରେ ଏହା ଘୂରି ବୁଲିବ। ଯେତେବେଳେ ଭୁବନେଶ୍ୱର ଉପରକୁ ଆସିବ, ସେତେବେଳେ ସର୍ବାଧିକ ସିଗ୍‌ନାଲ୍ ମିଳିବ। ଯାହାଦ୍ୱାରା ଏହା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେଶ ଦେଇ ହେବ। ବିଶେଷକରି ଯେଉଁ ସମୟରେ କୌଣସି ଯୋଗାଯୋଗର ମାଧ୍ୟମ କାମ କରୁନଥିବ ସେତେବେଳେ ବି ସିଜିୟୁଏସ୍‌ଏଟି-୧ ତଥ୍ୟ ପ୍ରେରଣ କରିପାରିବ। ବିଶେଷକରି ବାତ୍ୟା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଏହାକୁ ବାର୍ତ୍ତା ଯୋଗାଯୋଗର ଏକ ବଳିଷ୍ଠ ▶▶ ୫

## ସମ୍ବଲପୁରକୁ ୫୦ ନୂଆ ଇ-ବସ୍



**ପ୍ରଥମ ୨୫ଟିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

**ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ମଧ୍ୟ ଉଦ୍‌ଘାଟିତ**

**ବସ୍ ଟର୍ମିନାଲ୍ ଓ ବସ୍‌ର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି**

**ଭୁବନେଶ୍ୱର,୧୦ା୧/ଏନ୍‌ଏନ୍‌ଏସ୍:**

ସମ୍ବଲପୁରବାସୀଙ୍କ ଗମନା ଗମନକୁ ସୁଗମ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ୨୫ଟି ନୂଆ ଇ-ବସ୍‌ର ଶୁଭାରମ୍ଭ କରିବା ସହିତ ଚଳିତ ମାସ ଶେଷ ସୁଦ୍ଧା ଆଉ ୨୫ଟି ଇ-ବସ୍‌ର ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଛନ୍ତି। ଯାହାଫଳରେ ସମ୍ବଲପୁରରେ ସମୁଦାୟ ୫୦ଟି ଇ-ବସ୍ ଚାଲିବ। ସମ୍ବଲପୁରକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଶନିବାର ଏହି ଇ-ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବସ୍‌ଗୁଡ଼ିକର ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ଅଇଁଠାପାଲି ଠାରେ କ୍ୟାପିଟାଲ୍ ରିଜିଅନ ଅର୍ବାନ ଟ୍ରାନସପୋର୍ଟ ବା କ୍ରୁଟର ଅତ୍ୟାଧୁନିକ ବସ୍ ଟର୍ମିନାଲ୍ ମଧ୍ୟ ଆଜି ଉଦ୍‌ଘାଟନ କରାଯାଇଛି। ଏଥିସହିତ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ୍ ଏବଂ ବସ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ▶▶ ୫



# ବାର୍ଷିକ ମହୋତ୍ସବ 'ଦର୍ପଣ'



ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଉତ୍ତର ଭୁବନେଶ୍ୱର ବ୍ଲକ୍ ଅଧୀନସ୍ଥ ଆର୍‌ଡିଏମ୍ ପବ୍ଲିକ ସ୍କୁଲ, କଳାରାହାଙ୍ଗର ବାର୍ଷିକ ମହୋତ୍ସବ 'ଦର୍ପଣ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର ଧୀରେନ୍ଦ୍ର କୁମାର ମହାପାତ୍ର, ପୂର୍ବତନ ସମ୍ପାଦକ, ରାଜ୍ୟ ଚୟନବୋର୍ଡ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପାଇକ ସଂଘର ସଭାପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ଏବଂ ମୁଖ୍ୟବକ୍ତା ରୂପେ ପ୍ରତିଷ୍ଠିତ ସମାଜସେବୀ ଗଣେଶ ସାମନ୍ତ ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତା ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପ୍ରଶାସନିକ ଅଧିକାରୀ ଜୀବନାନନ୍ଦ ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବରେ ଏହି ଉତ୍ସବରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ତୁଷାର ରଞ୍ଜନ ପାଠୀ ସଭାପତିତ୍ୱ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷୟତ୍ରୀ ସୁରଞ୍ଜିତା ବଡ଼ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

'ଶିଶିର ସରସ' ଉଦ୍‌ଘାଟିତ

# 'ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳତାର ଅନନ୍ୟ ମଞ୍ଚ'

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ ପକ୍ଷରୁ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ମେଗା 'ଶିଶିର ସରସ-୨୦୨୬'। ଶନିବାର ସନ୍ଧ୍ୟାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ହାତରେ ଏହି ମେଳାର ଭବ୍ୟ ଉଦ୍‌ଘାଟନ ହୋଇଛି। ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ କାରିଗର, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦକମାନେ ନିଜ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଶିଶିର ସରସ ମେଳା ସ୍ୱାବଲମ୍ବନ ଓ ଆତ୍ମନିର୍ଭରଶୀଳତାର ଏକ ଅନନ୍ୟ ମଞ୍ଚ। 'ବିକଶିତ ଓଡ଼ିଶା ବିକଶିତ ଭାରତ' ଓ 'ଆତ୍ମନିର୍ଭର ଭାରତ' ଦିଗରେ ଏହା ଗ୍ରାମୀଣ ଆତ୍ମଶକ୍ତିର ପ୍ରାଣବନ୍ତ ପ୍ରତିଛବି। ଏହି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର କାରିଗର ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ନିଜ ପରିଶ୍ରମର ଯଥୋଚିତ ମୂଲ୍ୟ ପାଇ ଆର୍ଥିକ ଭାବେ ସଶକ୍ତ ହେଉଛନ୍ତି। ସ୍ଥାନୀୟ ଉତ୍ପାଦ କ୍ରୟ କରି 'ଭୋକାଲ୍ ଫର୍ ଲୋକାଲ୍'କୁ ସାକାର କରିବାକୁ ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆହ୍ୱାନ




ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ବିଏମସି ମେୟର ସୁଲୋଚନା ଦାସ, ପାରମ୍ପରିକ କାରିଗରୀ ସଂରକ୍ଷଣ ଓ ସାଂସ୍କୃତିକ ଐତିହ୍ୟ ପୁନରୁତ୍ଥାନରେ ଓରମାସର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ମେଳା ଗ୍ରାମାଞ୍ଚଳର ହସ୍ତଶିଳ୍ପକୁ ସହରୀ ବଜାର ସହ ସିଧାସଳଖ ଯୋଡ଼ି ତୃଣମୂଳ ସ୍ତରର ଉତ୍ପାଦକଙ୍କୁ ନୂଆ ସୁଯୋଗ ଦେଉଛି। ଗୋବରରୁ ଗୃହସଜ୍ଜା ସାମଗ୍ରୀ ପରି ନବୀନ ହସ୍ତଶିଳ୍ପ ତିଆରି ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣ ସମ୍ଭବ ହେଉଛି ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ସମାରୋହରେ ବିଧାୟକ ଅନନ୍ତ ନାରାୟଣ ଜେନା, ଉପସ୍ଥିତ ରହି ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ିକରଣରେ ଏହାର ଭୂମିକାକୁ ପ୍ରଶଂସା କରିଥିଲେ। ଏଥି ସହିତ ଓରମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓରମାସ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ମେଳାରେ ଓଡ଼ିଶାର ୩୦ ଜିଲ୍ଲା ସହିତ ଦେଶର ଅନ୍ୟ ୨୦ଟି ରାଜ୍ୟର କାରିଗର ଓ ଉତ୍ପାଦକମାନେ ଅଂଶଗ୍ରହଣ କରିଛନ୍ତି। ମେଳା ପରିସରରେ ୩୪୦ଟି ବିକ୍ରୟ ଷ୍ଟଲ୍ ସ୍ଥାପିତ ହୋଇଥିବା ବେଳେ, ଫୁଡ୍ ଜୋନ୍‌ରେ ପରିଦର୍ଶକମାନଙ୍କ ଭାରି ଭିଡ଼ ଦେଖିବାକୁ ମିଳୁଛି। ମେଳା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ସହ ମେଳା ପରିସରରେ ତିଆରି କରାଯାଇଥିବା 'ସେଲ୍ଫି ପଏଣ୍ଟ' ଓ ଶିଶୁମାନଙ୍କ ପାଇଁ ବିଶେଷ 'ପ୍ଲେ ଜୋନ୍' ପରିବାରସହ ଆସୁଥିବା ପରିଦର୍ଶକଙ୍କୁ ଆକର୍ଷିତ କରୁଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଶିଶିର ସରସ ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ।

# 'ଚେତନାରେ ନବଜାଗରଣ ଆଣେ ଆଧ୍ୟାତ୍ମିକତା'

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଆଜି ସତ୍ୟବିହାର ସ୍ଥିତ ବରିଷ୍ଠ ନାଗରିକ କ୍ଲବ ସଭା ଗୃହରେ ସତ୍ୟବିହାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନା ଚକ୍ର ସଭାପତି ଡଃ ଅଭୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ ଓ ସଂସ୍କୃତି ଗବେଷକ ସଚ୍ଚିଦାନନ୍ଦ ଦାଶ 'ଚେତନାର ନବଜାଗରଣ' ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧ୍ୟାତ୍ମିକ ଉତ୍ତରଣ ହିଁ ଚେତନାରେ ନବଜାଗରଣ ଆଣି ଦେଇଥାଏ ଯାହା ଦିବ୍ୟଜୀବନର ଆଧାର।ସଭା ପ୍ରାରମ୍ଭରେ ଶ୍ରୀଜଗନ୍ନାଥଷ୍ଟକମ୍ ଓ



ଭଜନ ପରିବେଷଣ କରିଥିଲେ ଜୟନ୍ତୀ ରାଉତରାୟ, ଦୀପ୍ତି ପାଣିଗ୍ରାହୀ ଓ ବିନୋଦ ବେହେରା। ଭକ୍ତି ଧାରାର କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଚାଳନ କରିଥିଲେ ସସ୍ମିତା ହୋତା ଓ ମଧୁସ୍ମିତା ସ୍ୱାଇଁ। ସଂସଦର ସମ୍ପାଦକ କାହ୍ନୁଚରଣ ପାଣିଗ୍ରାହୀ ମଞ୍ଚ ସଂଚାଳନ କରିଥିଲେ ଏବଂ ଉପସଭାପତି ରବି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ନାଗରିକ କ୍ଲବର ସଭାପତି ଗଗନ ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲା ବେଳେ ଲକ୍ଷ୍ମୀଧର ମଲ୍ଲିକ ଧନ୍ୟବାଦ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାକର ପାଣି, ଅଶୋକ ସାହୁ, ସମରେନ୍ଦ୍ର ତ୍ରିପାଠୀ, ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

# ବିଚାରଧାରା, ଭାଷା, ସଂସ୍କୃତି ଉପରେ ଆଲୋଚନା

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲଏଫ)ର ୩ୟ ଦିନ ବିଚାରଧାରା, ଭାଷା, ସଂସ୍କୃତି ଓ କାହାଣୀର ଏକ ସମୃଦ୍ଧ ସଙ୍ଗମ ଭାବେ ଉନ୍ମୋଚିତ ହୋଇଛି, ଯାହା ଦକ୍ଷିଣ ଏସିଆର ସବୁଠାରୁ ସମାବେଶୀ ଓ ବୌଦ୍ଧିକ ରୂପେ ଉତ୍ସାହପୂର୍ଣ୍ଣ ସାହିତ୍ୟ ମଞ୍ଚ ଭାବେ ଏହି ମହୋତ୍ସବର ସ୍ଥାପତ୍ୟକୁ ସୁଦୃଢ କରିଛି। ଏହି ଅବସରରେ 'ଲାଷ୍ଟିଙ୍ଗ ଲିଗାସି ଅଫ୍ ଏ ସ୍କୁଲ ଟିଚର' ଭଳି ପ୍ରତିଫଳିତ ଓ ଗଭୀର ଭାବେ ମର୍ମସ୍ପର୍ଶୀ ଅଧିବେଶନଗୁଡିକ ସହ ଆରମ୍ଭ ହୋଇଥିଲା, ଯେଉଁଥିରେ ପି.କେ ଦାସ, ପ୍ରଫେସର ଅଭିରାମ ବିଶ୍ୱାଳ, ପ୍ରଫେସର କିଶୋର ବାସା, ପ୍ରଫେସର ଜତିନ କୁମାର ନାୟକ ଓ ଜୁଗଲ କେ. ଦାସ ଆଦି ସାମିଲ ଥିଲେ। ଗୀତ ଚତୁର୍ବେଦୀ ଓ ୟଶ୍ ମାଲ୍‌ବିୟ (ୟୁନିଶ ଖାନଙ୍କ ଦ୍ୱାରା ସଂଯୋଜିତ)ଙ୍କ ସହ 'ହିନ୍ଦୀ କବିତା କୀ ଭାଓ ଭୂମି' ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ସୃଜନଶୀଳତାକୁ ପରୀକ୍ଷଣ କରିଥିବା ବର୍ଷାଳି ଭଟ୍ଟାଚାର୍ଯ୍ୟ, ସୋନାଲି ପ୍ରସାଦ ଓ ବନ୍ଦନା ବାସୁଦେବନଙ୍କ 'ଷ୍ଟୋରିଜ ଇନ ଦ ଟାଇମ ଅଫ ଏଆଇ: ଦ ଫ୍ୟୁଚର ଅଫ୍ ଲିଟରେଚର' ଭଳି ଅଧିବେଶନଗୁଡିକରେ ସାହିତ୍ୟିକ ପରମ୍ପରା ଓ ଆଧୁନିକ ସ୍ୱରଗୁଡିକ ପ୍ରତିଧ୍ୱନିତ୍ୱ ହୋଇଥିଲା। ଡଃ ରାଜିବ କୁମାରଙ୍କ ସହିତ 'ଏଭ୍ରିଥିଙ୍ଗ ଅଲ୍ ଆଟ ଓ୍ୱାନ୍‌ସ: ଇଣ୍ଡିଆ ଆଣ୍ଡ ଦ ସିକ୍ସ ସିମୁଲ୍‌ଟାନିଅସ ଗ୍ଲୋବାଲ ଟ୍ରାଞ୍ଜିଶନ', ପୂଜା ରେ, ତନୟା ପଟ୍ଟନାୟକ, ସୋଫିଆ ଫିର୍ଦ୍ଦୋଷ ଓ ସ୍ୱାତି ପାଣ୍ଡେ ସାମିଲ ଥିବା 'ସି ଲିଡ୍‌ସ' ଏବଂ ରଞ୍ଜିତ ହସ୍‌କୋଟେ, କୁଳଧର ସାଇକିଆ, କେ.କେ. ଗୋପାଳକ୍ରିଷ୍ଣନ ଓ ଜୟପ୍ରକାଶ ପାଣ୍ଡେଙ୍କ ସହ 'ବିଲ୍ଡିଙ୍ଗ କଲ୍‌ଚରାଲ ଇନ୍‌ଷ୍ଟିଚ୍ୟୁଶନ୍ସ: ମେମୋରୀ, ମିନିଙ୍ଗ ଆଣ୍ଡ ମଡର୍ଣ୍ଣିଟି' ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

# ଏମ୍‌ସିଏଲ୍‌ରେ ରାଜଭାଷା ସେମିନାର୍

ଭୁବନେଶ୍ୱର,ସମ୍ବଲପୁର,୧୦।୧/ଏନ୍‌ଏନ୍‌ଏସ୍‌: ବିଶ୍ୱ ହିନ୍ଦୀ ଦିବସ-୨୦୨୬ ଅବସରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମୁଖ୍ୟାଳୟରେ ଏମ୍‌ସିଏଲ୍ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓଙ୍କ ଅଧକ୍ଷତାରେ 'ଜଗତୀକରଣ ଯୁଗରେ ହିନ୍ଦୀର ଭୂମିକା ଏବଂ ସମ୍ଭାବନା' ଉପରେ ରାଜଭାଷା ସେମିନାର ଆୟୋଜନ କରାଯାଇଛି। ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ କହିଥିଲେ ଯେ ହିନ୍ଦୀ ଭାଷାର ଜଗତୀକରଣରେ ପର୍ଯ୍ୟଟନ ଏବଂ ଚଳଚ୍ଚିତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଚଳଚ୍ଚିତ୍ରକୁ ସଫ୍ଟ ପାଓ୍ୱାର ଭାବେ ବର୍ଣ୍ଣନା କରି ସେ ହିନ୍ଦୀ ଭାଷାର ପ୍ରଚାର ପ୍ରସାରରେ ବିପଣନର ଭୂମିକାକୁ ରେଖାଙ୍କିତ କରିଥିଲେ ଏବଂ ହିନ୍ଦୀରେ ମେଡ଼ିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷାର ଉପଲବ୍ଧତାକୁ ଏକ ସକାରାତ୍ମକ ପରିବର୍ତ୍ତନ ବୋଲି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ରେ ରାଜଭାଷା ହିନ୍ଦୀକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉପରେ ମହାପ୍ରବନ୍ଧକ (ରାଜଭାଷା) ସମ୍ବିତ ପଟ୍ଟନାୟକ ଆଲୋକପାତ କରିଥିଲେ।

ମୁଖ୍ୟବକ୍ତା ଡଃ ଅଭିଜିତ୍ ସିଂ, ସହକାରୀ ପ୍ରଫେସର, ବିଦ୍ୟାସାଗର ମହିଳା



ମହାବିଦ୍ୟାଳୟ, କୋଲକାତା 'ବସୁଧୈବ କୁଟୁମ୍ବକମ୍'ର ଧାରଣା ସହିତ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ ଯେ ୧୯୯୯ ମସିହାରେ ଟୋକିଓ ମେସିନ୍ ଟ୍ରାନ୍ସଲେସନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ହିନ୍ଦୀକୁ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ଭାଷା ଭାବେ ସ୍ଥାନିତ କରାଯାଇଥିଲା, ଯାହା ଏହାର ସଂଖ୍ୟାଗତ ସାମର୍ଥ୍ୟକୁ ଦର୍ଶାଉଛି। ସେ କହିଥିଲେ, ହିନ୍ଦୀ ଭାଷାଭାଷୀଙ୍କ ଶକ୍ତି ଦୃଢ଼, କିନ୍ତୁ ବର୍ତ୍ତମାନର ସମୟରେ ହିନ୍ଦୀ ଭାଷାର ସ୍ତର ଏବଂ ଉପଯୋଗିତାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ହିନ୍ଦୀ ସାମ୍ବାଦିକତା ଲାଇବ୍ରେରୀ ବିଭାଗ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଏହା ହେଉଛି ହିନ୍ଦୀ ଭାଷାର ବୈଶ୍ୱିକ ଉପସ୍ଥିତିର ପ୍ରମାଣ। ସୋସିଆଲ ମିଡିଆ, ହିନ୍ଦୀ ସାହିତ୍ୟ ଏବଂ ହିନ୍ଦୀ ପଡକାଷ୍ଟର ଭୂମିକାକୁ ପ୍ରଶଂସା କରି ସେ ହିନ୍ଦୀକୁ କର୍ପୋରେଟ କ୍ଷେତ୍ର ସହିତ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ମୁଖ୍ୟାଳୟର ବିଭାଗୀୟ ମୁଖ୍ୟ, ରାଜଭାଷା ଅଧିକାରୀ, ହିନ୍ଦୀ ଅଧିକାରୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

# କିମ୍‌ସରେ ଏଏପିଆଇ ଗ୍ଲୋବାଲ୍ ହେଲଥ୍‌କେୟାର୍ ସମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ- ଏଏପିଆଇ) ପକ୍ଷରୁ କିମ୍‌ସରେ ୧୯ତମ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଊର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାର କିମ୍‌ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଥିଲେ ଯେ ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବଢ଼ାଇବା ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି। କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଥିଲେ ଯେ ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି। ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା ଅମିତ ଚକ୍ରବର୍ତ୍ତୀ କହିଥିଲେ ଯେ ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ। ଏଥିରେ ପ୍ରାୟ ୧୧୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀ ପାଇଁ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ। ସମ୍ମିଳନୀ ଉପରେ ଆଲୋକପାତ କରି ଓଡ଼ିଶା ଫିଜିସିଆନ୍‌ସ ଅଫ୍ ଆମେରିକାର ସଭାପତି ଡା ଅତଶ୍ରୁ ନାୟକ କହିଥିଲେ ଯେ ଏହି ସମ୍ମିଳନରେ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିବାରଣ, ମଧୁମେହ ଓ ମେଟାବୋଲିଜିମ୍ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ଡାକ୍ତରମାନଙ୍କୁ ଏକତ୍ରିତ କରିଛି। ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଘର ହୋଇଥିଲେ ମଧ୍ୟ ଓଡ଼ିଶା ସେମାନଙ୍କର ମାତୃଭୂମି। ସେମାନେ ଓଡ଼ିଶାକୁ କେବେ ବି ଛାଡ଼ି ପାରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍‌ସ ମହାନିର୍ଦ୍ଦେଶକ ଡା ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା ଜାରି ରହିଛି।

# ପ୍ରଦୂଷଣ ପ୍ରମାଣପତ୍ର ପ୍ରତିବାଦରେ କଂଗ୍ରେସର ଘେରାଉ

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଗାଡ଼ିଚାଳକଙ୍କ ଉପରେ ମନଇଚ୍ଛା ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ପ୍ରମାଣପତ୍ର ନୀତି ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। କଂଗ୍ରେସ ଭବନରୁ ଏକ ସାଇକେଲ ଶୋଭାଯାତ୍ରାରେ ଯୁବ କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଉଥିବାବେଳେ ବାସଭବନ ସମ୍ମୁଖରେ ପୁଲିସ ଅଟକାଇଥିଲା। ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହା ପରେ ପୁଲିସ ଆନ୍ଦୋଳନରତ ଯୁବ କଂଗ୍ରେସକର୍ମୀମାନଙ୍କୁ ଭ୍ୟାନ ଯୋଗେ ଉଠାଇନେଇଥିଲା। ଏହି ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଥିଲେ ଯେ ଗାଡ଼ିଚାଳକମାନଙ୍କର ରକ୍ତ ଶୋଷଣ କରିବା ପାଇଁ ମୋହନ ସରକାର ବ୍ୟବସ୍ଥା କରିଛି। ଯେଉଁଭଳି ଭାବେ ଫାଇନ୍ ଲଦି ଦିଆଯାଇଛି ତାହା ଇତିହାସର ବ୍ରିଟିଶ୍ ଶାସନ ଓ ମୋଗଲ ଶାସନର ଜନ ବିରୋଧୀ ନୀତିକୁ ଅତିକ୍ରମ କରିଛି। ପରିବହନ ମନ୍ତ୍ରୀ ଗାଡ଼ିଚାଳକମାନଙ୍କ ତଣ୍ଟି ଚିପି ଅର୍ଥ ଆଦାୟ



କରିବାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାର ଲକ୍ଷ ଲକ୍ଷ ଗାଡ଼ିଚାଳକଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥିବା ପରିବହନ ମନ୍ତ୍ରୀ ଓ ତାଙ୍କ ସରକାର ବିରୋଧରେ ଜନ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ପାତ୍ର କହିଥିଲେ। ଦୁଇଚକିଆ ଯାନଠାରୁ ଆରମ୍ଭ କରି ଟ୍ରକ୍ ଓ ବସ ପର୍ଯ୍ୟନ୍ତ ଆଉ ରାଜରାସ୍ତାରେ ଚଲାଇବା ପାଇଁ ସମ୍ଭବହେବ ନାହିଁ। ଗୋଟିଏ ଚାରିଚକିଆ ଯାନ ଦିନରେ ଯଦି ୫-୬ଟି ଟୋଲଗେଟ୍ ପାସ୍ କରୁଛି ତାହା ଉପରେ ଲକ୍ଷାଧିକ ଟଙ୍କାର ଫାଇନ୍ ପଡୁଛି। ଦୁଇଚକିଆ ଯାନର ମୂଲ୍ୟଠୁ ଫାଇନ ଅତ୍ୟଧିକ ରହୁଛି। ସରକାରଙ୍କ ପକ୍ଷରୁ କେଉଁ ତ୍ରୁଟି ହେଲେ ଫାଇନ ଦେବାକୁ ପଡ଼େ ସେ ବାବଦରେ ଗାଡ଼ିଚାଳକମାନଙ୍କୁ ସଠିକ୍ ଭାବରେ ଜଣାଇ ଦିଆଯାଉ ନାହିଁ। ଅନ୍ୟ ପକ୍ଷରେ ପ୍ରଦୂଷଣ ପ୍ରମାଣପତ୍ର ସହିତ ଫାଇନକୁ ଯୋଡ଼ିବା ବେଆଇନ। ସମସ୍ତ ଗାଡ଼ିମାଲିକଙ୍କୁ ଫାଇନ କଥାକୁ ବାଦ୍ ଦେଇ ପ୍ରଦୂଷଣ ପ୍ରମାଣ ପତ୍ର ବ୍ୟବସ୍ଥାକୁ ସରଳ କରାଯାଉ। ମାତ୍ରାଧିକ ଫାଇନ ଆଦାୟ ନିଷ୍ପତ୍ତିରୁ ଓହରି ସରକାର ସରଳ ଫାଇନ ବ୍ୟବସ୍ଥାର ପୁର୍ନବିଚାର କରନ୍ତୁ। ସରକାର ରେଭିନ୍ୟୁ ଯୋଗାଡ଼ ନାମରେ ଗାଡ଼ିଚାଳକଙ୍କୁ ହନ୍ତସନ୍ତ କରନ୍ତୁ ନାହିଁ। ତାଳଚେର, ଅନୁଗୁଳ, ବାରିପଦା, ବାଲେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଯାଜପୁର ପ୍ରଭୃତି ସହର କିଭଳି ଦେଶରେ ଅଧିକ ପ୍ରଦୂଷିତ ସହର ଭିତରେ ସ୍ଥାନ ପାଇଲା ତାହାର କାରଣ ସରକାର ଖୋଜନ୍ତୁ ଓ ନିରାକରଣ ପାଇଁ ବ୍ୟବସ୍ଥା କରନ୍ତୁ। ଯେଉଁ ଶିଳ୍ପ ବା ସଂସ୍ଥା ଏହି ପ୍ରଦୂଷଣ ପାଇଁ ଦାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଦି ମନମାନି ଫାଇନ ଏବଂ ତ୍ରୁଟିପୂର୍ଣ୍ଣ ପ୍ରଦୂଷଣ ନୀତିରୁ ବିରତ ନ ରହିବେ ତେବେ ଯୁବ କଂଗ୍ରେସ ଓଡ଼ିଶାର ସମସ୍ତ ଆର. ଟି. ଓ. ଅଫିସ ସାମନାରେ ବିକ୍ଷୋଭକରିବ। ଏହି ବିକ୍ଷୋଭରେ ମନୋଜ ବିଶ୍ୱାଳ, ୟାସିର ନଓ୍ୱାଜ, ସୁଦିପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ଶିବ ଅଗ୍ରଓ୍ୱାଲ, କିରଣ ସାହୁ, ମହମ୍ମଦ ଗୁଲଫାମ, ଆଲୋକ ଦାସ, ଅଜୟ ସାହୁ, ବଟକୃଷ୍ଣ ରାଉତରାୟ, ଅଜୟ ମହାପାତ୍ର, କେଦାର ଦଳାଇ, ସୁରଜ ରାଉତ, ବିଶ୍ୱଜିତ ସ୍ୱାଇଁ, ଅମରେଶ ପରିଡ଼ା, ବିଶ୍ୱ ରଞ୍ଜନ ମିଶ୍ର, ସାଇ ରଞ୍ଜନ ପଟ୍ଟନାୟକ, ପବିତ୍ରସେଠୀ, ପ୍ରୀତମ ପରିଜା, ବିରଞ୍ଚି ବାରିକ, ଜଗଦିଶରାଉତ, ପ୍ରଶାନ୍ତ ପରମାଣିକ, ପ୍ରଶାନ୍ତ ରାଉତ ପ୍ରମୁଖ ସାମିଲ ଥିଲେ।

# ଆର୍ଯ୍ୟ ସମାଜ ଭୁବନେଶ୍ୱର ସଂସ୍ଥାପକଙ୍କ ପରଲୋକ

ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍‌: ଆର୍ଯ୍ୟ ସମାଜ ଭୁବନେଶ୍ୱରର ସଂସ୍ଥାପକ, ଆର୍ଯ୍ୟଜଗତର ପ୍ରବୁଦ୍ଧ ବୈଦିକ ବିଦ୍ୱାନ, ବେଦ ଗବେଷକ, ୪୦ରୁ ଊର୍ଦ୍ଧ୍ୱ ବୈଦିକ ପୁସ୍ତକର ରଚୟିତା ଇଞ୍ଜିନିୟର ପ୍ରିୟବ୍ରତ ଦାସଙ୍କ ପରଲୋକ ହୋଇଯାଇଛି। ସେ ରାଜ୍ୟ ଓ ରାଜ୍ୟ ବାହାରେ ବହୁ ସମ୍ମାନଜନକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ। ଓଡ଼ିଶାରେ ବେଦ ଓ ବୈଦିକ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ଇଞ୍ଜିନିୟର ପ୍ରିୟବ୍ରତ ଦାସଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ୯ ତାରିଖ ରାତି ୧୦ଟା ୨୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଆଜି ଅପରାହ୍ଣରେ ସତ୍ୟନଗର ରେ ତାଙ୍କର ଅନ୍ତ୍ୟେଷ୍ଟି ସଂସ୍କାର ସମ୍ପନ୍ନ ହୋଇଛି। ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କୁ ୯୫ ବର୍ଷ ହୋଇଥିଲା। ମୃତ୍ୟୁ ବେଳେ ତାଙ୍କ ନିକଟରେ ପତ୍ନୀ ଶନ୍ନୋ ଦେବୀ, ବଡ଼ ପୁଅ ଯଜ୍ଞପ୍ରକାଶ, କନ୍ୟା ଡାକ୍ତର ପ୍ରଜ୍ଞା ଦାସ, ଜାମାତା ଡାକ୍ତର ଗୋପାଳ ଚନ୍ଦ୍ର ଦାସ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ସଂସ୍କାର ପୂର୍ବରୁ ତାଙ୍କ ମରଶରୀରକୁ ଆର୍ଯ୍ୟ ସମାଜ ନିଆଯାଇ ଶେଷ ଦର୍ଶନ ପାଇଁ ରଖା ଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଯଜ୍ଞ ମୁଖାଗ୍ନି ଦେଇଥିଲେ। ଆର୍ଯ୍ୟ ସମାଜର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।






ପ୍ରକାଶ ଯେ ପ୍ରିୟବ୍ରତ ଦାସ ୧୯୩୨ରେ ଗଞ୍ଜାମ ଜିଲ୍ଲା ପୋଲସରାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାମାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ସ୍ଥାପିତ ଆର୍ଯ୍ୟସମାଜର ସଂସ୍କାରବାଦୀ ବୈଦିକ ବିଚାରଧାରାରେ ଅନୁପ୍ରାଣିତ ଥିବାରୁ ବାଲ୍ୟାବସ୍ଥାରୁ ହିଁ ସେ ବ୍ରହ୍ମଚର୍ଯ୍ୟ ପାଳନ, ବେଦପଠନ, ଯୋଗାଭ୍ୟାସ, ସମାଜ ସଂସ୍କାର ଆଦି କ୍ରିୟାରେ ଅଭ୍ୟସ୍ତ ହେଲେ । ପାଟନା ବିଶ୍ୱବିଦ୍ୟାଳୟରେ ବି.ଟେକ୍ ଓ ପରେ ଇଂଲଣ୍ଡର ବ୍ରାଇଟେନ୍ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭ ପରେ ସେ ରାଜ୍ୟ ପୂର୍ତ୍ତ ବିଭାଗରେ ଇଞ୍ଜିନିୟର ରୂପରେ ଯୋଗ ଦେଇଥିଲେ। ସେ ସଡ଼କ ଗବେଷଣାର ପ୍ରଥମ ମୁଖ୍ୟଯନ୍ତ୍ରୀ ଭାବରେ ରାଜ୍ୟର ବିଭିନ୍ନ ସ୍ଥଳରେ ଗବେଷଣା କେନ୍ଦ୍ର ସ୍ଥାପନା ସହିତ ଦେଶର କୃତବିଦ୍ୟ ଇଞ୍ଜିନିୟରମାନଙ୍କର ଜୀବନୀ ରଚନା କରିଥିଲେ। ସେ ଦେଶର ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଦ୍ୟାବାଗୀଶ, ବେଦରତ୍ନ, ଆର୍ଯ୍ୟ ବିଭୂଷଣ ଆଦି ଉପାଧିରେ ଭୂଷିତ ହେବାର ଗୌରବ ଲାଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରେ ବେଦ, ପ୍ରଚାର ଓ ସମାଜ ସଂସ୍କାର ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆର୍ଯ୍ୟସମାଜ' କେନ୍ଦ୍ର ଓ ବୈଦିକ ପୁସ୍ତକ ପ୍ରକାଶନ ନିମନ୍ତେ 'ବୈଦିକ ଅନୁସନ୍ଧାନ ପ୍ରତିଷ୍ଠାନ'– ଏହି ଦୁଇ ଅନୁଷ୍ଠାନ ତାଙ୍କର ଅମର କୀର୍ତ୍ତି ହୋଇ ରହିବ। ତାଙ୍କ ଧର୍ମପତ୍ନୀ ବିଦୁଷୀ ଶନ୍ତୋଦେବୀ ପୂର୍ବ ଭାରତରେ ପ୍ରଥମ ମହିଳା ପୁରୋହିତା ଓ ବେଦ ପ୍ରଚାରିକା ଭାବରେ ସୁପରିଚିତା ।






# ଯାହା ଲୋକଙ୍କ ପାଇଁ ହିତ, ସରକାର ତାହା ହିଁ କରୁଛନ୍ତି: ମୁଖ୍ୟମନ୍ତ୍ରୀ

ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ଏବଂ ଯାହା ଲୋକଙ୍କ ପାଇଁ ହିତ ଆମ ସରକାର ତାହା ହିଁ କରୁଛନ୍ତି। ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣି ଏବଂ ଏହାର ତ୍ୱରିତ ପଦକ୍ଷେପ ଆମକୁ ଜନତାଙ୍କ ଆହୁରି ନିକଟତର କରି ଦେଉଛି। ଆମର ଶାସନ କେବଳ ଭୁବନେଶ୍ୱରରୁ ଅଫିସର ଏସି ରୁମ୍‌ରୁ ପରିଚାଳିତ ହୁଏ ନାହିଁ। ସରକାରଙ୍କ ନୀତି ନିୟମରେ ଯଦି କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ, ତାକୁ ଆମେ ନିଜ ସମ୍ମାନର ମିଛ ଆସ୍ଫାଳନର ଦୁହିଦେଇ ବିଚାରକୁ ନ ନେବାର ଜିଦ୍‌ରେ ଅଟଳ ନରହି ସେଥିରେ ଆବଶ୍ୟକୀୟ ସଂଶୋଧନ କରି ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରି ଆସୁଛୁ। କାରଣ, ସୁଶାସନର ମୂଳମନ୍ତ୍ର ହେଉଛି 'ଲୋକ' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶନିବାର ଦୁଇ ଦିନିଆ ସମ୍ବଲପୁରଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ୨୫ଟି ଇ-ବସ୍‌ର ଶୁଭାରମ୍ଭ କରିଛନ୍ତି। ଏହାଛଡ଼ା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।






## ବିଜେପି ପାଳିଲା 'ସୋମନାଥ ସ୍ୱାଭିମାନ ପର୍ବ'

# ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ଜଳିଲା ୧୦୦୦ ଦୀପ

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:** ଭାରତର ଆସ୍ଥା, ବିଶ୍ୱାସ ଓ ସଭ୍ୟତାର ପ୍ରତୀକ ହେଉଛି ଗୁଜୁରାଟର ସୋମନାଥ ମନ୍ଦିର। ଏହି ମନ୍ଦିର ଉପରେ ଜାନୁଆରୀ ୧୦୨୬ ମସିହାରେ ଗଜନୀର ସୁଲତାନ ମହମ୍ମଦ ପ୍ରଥମ ଆକ୍ରମଣ କରିଥିଲେ। ଭାରତର ଧର୍ମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ପାଇଁ ଅପଚେଷ୍ଟା କରି ମନ୍ଦିରକୁ ଧ୍ୱଂସ କରିଦେଇଥିଲେ। ଜାନୁଆରୀ ୮, ୯ ଏବଂ ୧୦ ତିନି ଦିନ ଧରି ଏହି ଆକ୍ରମଣ ଚାଲିଥିଲା। ଏହି ଘଟଣାକୁ ୧୦୦୦ ବର୍ଷ ପୂରଣ ହୋଇଛି । ଉକ୍ତ ହୃଦୟ ବିଦାରକ ଘଟଣାକୁ ମନେପକାଇବା ସହିତ ସୋମନାଥ ମନ୍ଦିର ଏହି ୧୦୦୦ ବର୍ଷର ସହନଶୀଳତା, ପୁନରୁଦ୍ଧାର ଏବଂ ନିରନ୍ତରତାକୁ ରେଖାଙ୍କିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଚଳିତ ବର୍ଷକୁ ସୋମନାଥ ସ୍ୱାଭିମାନ ପର୍ବ ରୂପେ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ଆଜି ସୋମନାଥ ପୀଠରୁ ଏହି ପର୍ବର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଓଡ଼ିଶାର ସମସ୍ତ ଶୈବପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି । ଆଜି ଦେଶର ସମସ୍ତ ଶିବ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ ସହ ଓଁକାର ମନ୍ତ୍ର ଜପ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ୧୦୦୦ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଛି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ସୋମନାଥ ମନ୍ଦିରର ଅଖଣ୍ଡତା ପାଇଁ ସଭିଏଁ ପ୍ରାର୍ଥନା କରିବା ସହ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ବିଧାୟକ ବାବୁ ସିଂ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର, କାଳନ୍ଦୀ ଚରଣ ସାମଲ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖଙ୍କ ସମେତ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମୁଖ୍ୟ ସଚିବଙ୍କ ଶକ୍ତି କ୍ଷେତ୍ରର କାର୍ଯ୍ୟ ସମୀକ୍ଷା

# ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ଶକ୍ତି ବିଭାଗ ଏବଂ ଏହି କ୍ଷେତ୍ରର ସରକାରୀ ଉଦ୍ୟୋଗର କାର୍ଯ୍ୟ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ରାଜ୍ୟବାସୀଙ୍କୁ ସୁଲଭ, ନିରବିଚ୍ଛିନ୍ନ, ବିଶ୍ୱସନୀୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡଃ. ସତ୍ୟପ୍ରିୟ ରଥ, ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାରଞ୍ଜନ ପାଣ୍ଡୁ, ସମସ୍ତ ୪ଟି ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବିଦ୍ୟୁତ୍ କ୍ଷେତ୍ରର ସାମଗ୍ରିକ କାର୍ଯ୍ୟଦକ୍ଷତା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏଥିରେ ବିଦ୍ୟୁତ୍ ଉତ୍ପାଦନ, ବିତରଣ, ବିଦ୍ୟୁତ ସଂଗ୍ରହ, ଢାଞ୍ଚାଗତ ବିକାଶ, ନବୀକରଣଯୋଗ୍ୟ ଉର୍ଜାର ସମନ୍ୱୟ ଏବଂ ଜନକୈନ୍ଦ୍ରିକ ସେବାଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଚାଲୁଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସହିତ ସଂପୃକ୍ତ ସଂସ୍ଥାମାନଙ୍କର ପ୍ରମୁଖ ପରିଚାଳନାତ୍ମକ ଓ ଆର୍ଥିକ ଦିଗ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଦ୍ୟୁତ ସଂସ୍ଥାଗୁଡ଼ିକୁ ଶକ୍ତି ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ନିରନ୍ତରତା ବଜାୟ ରଖି ରାଜ୍ୟବାସୀଙ୍କୁ ସୁଲଭ, ନିରବିଚ୍ଛିନ୍ନ, ବିଶ୍ୱସନୀୟ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏଥି ସହିତ ସେ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ବିଦ୍ୟୁତ ସଂସ୍ଥାମାନଙ୍କୁ 'ସମୃଦ୍ଧ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ସାଧନ ପାଇଁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରାଥମିକତା ଓ ସଂସ୍କାରମୂଳକ ପଦକ୍ଷେପ ଆଧାରରେ ସେମାନଙ୍କର କାର୍ଯ୍ୟଯୋଜନାକୁ ସମନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ ରାଜ୍ୟର ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି) ଏବଂ ଫ୍ଲୋଟିଂ ସୋଲାର୍ ଫୋଟୋଭୋଲ୍ଟାଇକ୍ (ଏଫ୍‌ଏସପିଭି)ର ସମ୍ଭାବନାର ସଦୁପଯୋଗ କରିବା ଏବଂ ଏହିପରି ସମସ୍ତ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ସଚିବ ମଧ୍ୟ ବିଷ୍ଣୁପୁର ନିକଟରେ ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ସହ ସଂଲଗ୍ନ ପରିବହନ ଲାଇନ୍‌ଗୁଡ଼ିକ ସମେତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପରିବହନ ଢାଞ୍ଚାର ଦ୍ରୁତ ଉନ୍ନତିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ମୁଖ୍ୟ ଶାସନ ସଚିବ ମଧ୍ୟ ରାଜ୍ୟର ରାଜଧାନୀ ଅଞ୍ଚଳ ସମେତ କେନ୍ଦୁଝର, ଝାରସୁଗୁଡ଼ା–ସମ୍ବଲପୁର ଅଞ୍ଚଳ, ବରଗଡ଼–ସାରସମାଲ ଅଞ୍ଚଳ, ଥେରୁବାଲି–ଜୟପୁର ଅଞ୍ଚଳ ଏବଂ ବ୍ରହ୍ମପୁର–ବାଲିଗୁଡ଼ା ଅଞ୍ଚଳରେ ୨୨୦ କେଭି ରିଂ ନେଟୱାର୍କ ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସେ ସାରା ରାଜ୍ୟରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକୁ ନିକଟରୁ ନିରୀକ୍ଷଣ କରିବା ପାଇଁ ବିଦ୍ୟୁତ୍ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## 'ଏନ୍‌ଡିଡବ୍ଲ୍ୟୁବିଏଫ୍- ୨୦୨୬'ରେ କୁଦୋପାଲିର ବୀରତ୍ୱ ଗାଥାକୁ ପ୍ରାଧାନ୍ୟ

# 'କୁଦୋପାଲି ପୁସ୍ତକ ଓଡ଼ିଶାର ବୀରତ୍ୱକୁ ନୂତନ ପରିଚୟ ଦେବ'

**ଭୁବନେଶ୍ୱର,୧୦।୧/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଭାରତ ମଣ୍ଡପମ୍ ଠାରେ 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା (ଏନଡିଡବ୍ଲ୍ୟୁବିଏଫ) ୨୦୨୬'ର ଉଦ୍‌ଘାଟନ କରିଛନ୍ତି। ଏହି ବର୍ଷର ମେଳାରେ ଓଡ଼ିଶାର ୧୮୫୭ ସଂଗ୍ରାମର ଅନାଲୋଚିତ ଅଧ୍ୟାୟ 'କୁଦୋପାଲି'କୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି ।

ଏହି ଅବସରରେ କୁଦୋପାଲିର ସଂଘର୍ଷ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହେବା ସହ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭' ପୁସ୍ତକଟିକୁ ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚନ କରାଯାଇଛି। ଶ୍ରୀ ପ୍ରଧାନ ଏବଂ ଅନ୍ୟ ଅତିଥିମାନେ ପୁସ୍ତକଟିକୁ ସ୍ପାନିସ୍, ବଙ୍ଗାଳି, ପଞ୍ଜାବୀ, ଅସମୀୟା, ମାଲାୟାଲମ, ଉର୍ଦ୍ଦୁ, ମରାଠୀ, ତାମିଲ, କନ୍ନଡ଼ ଏବଂ ତେଲୁଗୁ ଭଳି ମୋଟ ୧୦ଟି ଭାଷାରେ ଉନ୍ମୋଚନ କରିଥିଲେ। ପୂର୍ବରୁ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲୋକାର୍ପିତ ହୋଇସାରିଥିବା ଏହି ପୁସ୍ତକଟି ବର୍ତ୍ତମାନ ମୋଟ ୧୩ଟି ଭାଷାରେ ଉପଲବ୍ଧ। ବିଶେଷ ଭାବରେ ସ୍ପାନିସ ଭଳି ଆନ୍ତର୍ଜାତିକ ଭାଷାରେ ପୁସ୍ତକଟିର ଉନ୍ମୋଚନ ଓଡ଼ିଶାର ଇତିହାସକୁ ୟୁରୋପୀୟ ପାଠକଙ୍କ ପାଖରେ ପହଞ୍ଚାଇବାରେ ଏକ ବଡ଼ ସଫଳତା। ଶ୍ରୀ ପ୍ରଧାନ କହିଛନ୍ତି ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ପରେ ଆଉ ୪ ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ଏହିପରି ୫୭ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ଆଜିର ପଦକ୍ଷେପ ମାଧ୍ୟମରେ କୁଦୋପାଲିର ଅନାଲୋଚିତ ଇତିହାସ ଏବଂ ବୀର ସଂଗ୍ରାମୀଙ୍କ ବଳିଦାନକୁ ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ଏକ ବଳିଷ୍ଠ ପ୍ରୟାସ କରାଯାଇଛି। ଏହି ପୁସ୍ତକ ଉନ୍ମୋଚନ ଭାରତର ସଂଗ୍ରାମୀ ଇତିହାସକୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ । ଏହି ପଦକ୍ଷେପ ଦ୍ୱାରା ନୂଆପିଢ଼ିର ପିଲାମାନେ ନିଜ ମାଟିର ବୀରତ୍ୱ ଓ ସଂଘର୍ଷ ବିଷୟରେ ଜାଣିବାକୁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି ।



ଦୀର୍ଘ ବର୍ଷ ଧରି ଏହି ଇତିହାସ କେବଳ ସ୍ଥାନୀୟ ଲୋକଗୀତରେ ସୀମିତ ଥିଲା। ବର୍ତ୍ତମାନ ଆଇ.ସି.ଏଚ.ଆର ଏବଂ ନ୍ୟାସନାଲ ବୁକ୍ ଟ୍ରଷ୍ଟର ପ୍ରୟାସରେ ଏହି ବିସ୍ମୃତ କାହାଣୀ 'ଦି ସାଗା ଅଫ୍ କୁଦୋପାଲି' ପୁସ୍ତକ ମାଧ୍ୟମରେ ୧୩ଟି ଭାଷାରେ ପ୍ରକାଶିତ ହୋଇ ବିଶ୍ୱବ୍ୟାପୀ ପରିଚୟ ପାଉଛି। କୁଦୋପାଲିରେ ଏକ ଭବ୍ୟ ଶହୀଦ ସ୍ମାରକ ନିର୍ମାଣର ଯୋଜନା କରାଯାଇଛି, ଯାହା ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ରାଷ୍ଟ୍ରର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

ଉଲ୍ଲେଖନୀୟ, ଏହି ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ କାତାରର ସଂସ୍କୃତି ମନ୍ତ୍ରୀ ଏଆର ବିନ ହାମଦ ବିନ ଜାସିମ ବିନ ହାମଦ ଅଲ୍ ଥାନି, ଭାରତର କତାର ରାଷ୍ଟ୍ରଦୂତ ଏଚ.ଜେ ଅଲ ଜାବିର ଏବଂ ସ୍ପେନର ସଂସ୍କୃତି ମନ୍ତ୍ରଣାଳୟର ଡାରେକ୍ଟର ଜେନେରାଲ ଅଫ୍ ବୁକ୍ସ ସୁଶ୍ରୀ ମାରିଆ ଜୋସେ ଗାଲଭେଜ ପ୍ରମୁଖ ଉପସ୍ଥିତ ରହି ଭାରତର ଏହି ସଂଗ୍ରାମୀ ଗାଥାକୁ ସମ୍ମାନ ଜଣାଇଛନ୍ତି।



ଇଲା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବୃଜ, କେଜି, ଶେଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

### ଇ-କେୱାଇସି ମାଧ୍ୟମରେ ନୂତନ ହିତାଧିକାରୀ ଚିହ୍ନଟ

# ୨୧୫ ଖାଉଟି କାର୍ଡ ବାଣ୍ଟିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ



**ପୁରୀ,୧୦।୧/ଏନ୍ଏନ୍ଏସ୍:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ସ୍ୱଚ୍ଛ କରାଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ଯୋଜନା ରେ ସାମିଲ କରାଯାଇ ରାସନ ସାମଗ୍ରୀ ଦିଆଯିବ। କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମ ବାଦ କରାଯାଉଛି ବୋଲି କହିଥିଲେ ଖାଦ୍ୟ ଯୋଗାଣ ,ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଆଜି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୁରୀ ପୌରାଞ୍ଚଳର ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧୫ ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର କାର୍ଡ ବଣ୍ଟନ କରିବା ସହ ଇ କେୱାଇସି ମାଧ୍ୟମରେ ଟିପ ଓ ଆଖି ସ୍କାନ ଦ୍ୱାରା ଶତକଡା ୯୭ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ ପ୍ରାୟ ୭ ଲକ୍ଷ ଲୋକ ମୃତ୍ୟୁ ପରେ ମଧ୍ୟ ରାସନ ସାମଗ୍ରୀ ପାଉଥିଲେ। ୭୮ ହଜାର ଅଯୋଗ୍ୟ ହିତାଧିକାରୀ,୪୫ ହଜାର ଆୟକର ଦେଉଥିବା ହିତାଧିକାରୀ ଙ୍କୁ ଚିହ୍ନଟ କରାଯାଇଛି। ପ୍ରାୟ ୮ ଲକ୍ଷ ୧୬ ହଜାର କାର୍ଡ କଟିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଯଦି କିଏ ଭାବୁଛନ୍ତି ତାଙ୍କର କାର୍ଡ ଭୁଲରେ କଟିଯାଇଛି ତେବେ ସେମାନେ ପ୍ରମାଣ ସହ ଆବେଦନ କଲେ ତାହା ବିଚାର କରାଯାଇପାରେ। ଧାନର ସହାୟକ ମୂଲ୍ୟ ବୃଦ୍ଧି ପରେ ବର୍ତ୍ତମାନ ଚାଷ ପାଇଁ ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ଧାନ ବେଚାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟକୁ ଯାଉଛି। ଚଳିତବର୍ଷ ୧୯ଲକ୍ଷ ୭୬ହଜାର ଚାଷୀ ପଞ୍ଜିକରଣ କରିଛନ୍ତି ଯାହା ପୂର୍ବ ବର୍ଷ ତୁଳନାରେ ୨ଲକ୍ଷ ୧୭ହଜାର ଅଧିକ। ଚାଷୀ ମାନେ ବର୍ତ୍ତମାନ ଖୁସି ରେ ଅଛନ୍ତି ବୋଲି ମନ୍ତ୍ରୀ କହିବା ସହ ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ କୌଣସି ଚାଷୀ ଆତ୍ମହତ୍ୟା ଘଟି ନାହିଁ ବୋଲି କହିଥିଲେ। ସମସ୍ତଙ୍କୁ ଇଂରାଜୀ ନୂଆ ବର୍ଷର ଅଭିନନ୍ଦନ ଜଣାଇବା ସହ ଆଜି ମହାପ୍ରଭୁଙ୍କ ଦର୍ଶନ ସହ ହିତାଧିକାରୀଙ୍କ ଦର୍ଶନ ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ପୌରାଞ୍ଚଳ ସହକାରୀ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ମହାନିର୍ଦ୍ଦେଶକଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ,୧୦।୧/ଏନ୍ଏନ୍ଏସ୍:** ଶନିବାର ମଧ୍ୟାହ୍ନରେ ଓଡିଶା ପୋଲିସ ମହାନିର୍ଦ୍ଦେଶ ଯୋଗେଶ ବାହାଦୁର ଖୁରାନା (ୱାଇ.ବି.ଖୁରାନା) ପରିବାର ସହ ଆସି କୋଣାର୍କ ରେ ପହଁଚିବା ପରେ କୋଣାର୍କ ସୂର୍ଯ୍ୟମନ୍ଦିରର ସମ୍ମୁଖରେ ପୂର୍ବରୁ ଉପସ୍ଥିତ ଥିବା ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ଓ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସ୍ୱାଗତ ଜଣାଇ ସୂର୍ଯ୍ୟମନ୍ଦିର କୁ ପାଛୋଟି ନେଇଥିଲେ। ସୂର୍ଯ୍ୟମନ୍ଦିର ବୁଲି ସେ ଆନନ୍ଦିତ ହେବା ସହ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଅପୂର୍ବ ନିଦର୍ଶନର ପ୍ରତୀକ ସୂର୍ଯ୍ୟମନ୍ଦିରକୁ ବୁଲି ଦୀର୍ଘ ସମୟ ଟିକିନିଖି ଦେଖିଥିଲେ। ପ୍ରଶିକ୍ଷିତ ବରିଷ୍ଠ ଗାଇଡ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର କଳା ସ୍ଥାପତ୍ୟ, କାରୁକାର୍ଯ୍ୟ, ସଂସ୍କୃତି ସହିତ ଐତିହାସିକ ଓ ପୌରାଣିକ ତଥ୍ୟ ଉପରେ ଟିକିନିଖି ବୁଝାଇ ବୁଲାଇ ଦେଖାଇଥିଲେ। କୋଣାର୍କ ସୂର୍ଯ୍ୟ ମନ୍ଦିରର ପଥର ରେ ଖୋଦିତ ସୂକ୍ଷ୍ମ କଳା କାରୁକାର୍ଯ୍ୟକୁ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ପରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଥିବା ବାଖ୍ୟାନ କେନ୍ଦ୍ରକୁ ଯାଇ ବୁଲି ଦେଖିଥିଲେ। କୋଣାର୍କ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ମାହାଙ୍ଗା,୧୦।୧/ଏନ୍ଏନ୍ଏସ୍:** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଧାୟକ ଶ୍ରୀ ପ୍ରଧାନ ପ୍ରଥମେ ପଣସପୁର ପଞ୍ଚାୟତ ଗସ୍ତ କରି ଡିଆଁପଣସପୁର ଠାରେ ନଡିଆ ସାହାସପୁର ଠାରୁ ପଣସପୁର ରାସ୍ତା କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର କରିବା ପରେ ଲଳିତଗିରି ପଞ୍ଚାୟତ ଜେରକନ୍ଦ ଠାରେ ହରିଭକ୍ତପୁର ଠାରୁ ଜେରକନ୍ଦ ରାସ୍ତା ମରାମତି କାର୍ଯ୍ୟର ଶୁଭ ଭିତିପ୍ରସ୍ତର କରିଥିଲେ। ଶେଷରେ ପାଇକରାପୁର ପଞ୍ଚାୟତ ଗସ୍ତ କରି ଚମ୍ପତିପୁର ଠାରେ ଲକ୍ଷ୍ମୀନାରାୟଣ ପୁର ଠାରୁ ବିଦ୍ୟାଧରପୁର ରାସ୍ତା ମରାମତି କାର୍ଯ୍ୟର ଶୁଭ ଭିତିପ୍ରସ୍ତର କରିବା ପରେ ନୂତନ ଆବାସିକ ଗୃହ ଜି.ଏଚ.ଡି ଚମ୍ପତିପୁର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ୪ଟି ପ୍ରକଳ୍ପ ବାବଦକୁ ପ୍ରାୟ ୧.୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ଜନସାଧାରଣମାନେ ଗମନାଗମନରେ ଉପକୃତ ହୋଇ ପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ। କାର୍ଯ୍ୟକ୍ରମରେ ଏସଡିଓ ଚିନ୍ମୟୀ ପଲେଇ, କନିଷ୍ଠଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ, କନକଲତା ବେହେରା, ସମିତିସଭ୍ୟ ମନୋରଞ୍ଜନ ନାୟକ, ଧ୍ରୁବଚରଣ ସାମଲ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ଅରୁଣ ସେଠୀ, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥି , ଅଶୋକ ବିଶ୍ୱାଳ, ହେମନ୍ତ ଦାସ, ଅଭିନ ଜେନା, ଅନିଲ ରାଉତରାୟ, ଅମୀୟ ରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ  ଜନସାଧାରଣ ଉପସ୍ଥିତ ଥିଲେ।

## ବାବା ବାଲିକପିଳେଶ୍ୱର ମନ୍ଦିରରେ ୧୮ତମ କ୍ଷୀରସାଗର ମେଳା



**କୋଣାର୍କ,୧୦।୧/ଏନ୍ଏନ୍ଏସ୍:** କୋଣାର୍କ ପୁରୀ ବେଳାମାର୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱ ରାମଚଣ୍ଡୀ ଥାନାଅଧିନ ତରକୋର ପଂଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା କପିଳେଶ୍ୱର ମନ୍ଦିର ରେ ଆଜି ଶନିବାର ୧୮ତମ କ୍ଷୀର ସାଗର ମେଳା ମହାସମାରୋଜରେ ପାଳିତ ହୋଇଯାଇଛି। ମନ୍ଦିର ମୁଖ୍ୟ ପୂଜକ କୈଳାସ ପଣ୍ଡାଓ ମଦନ ମୋହନ ମହାପାତ୍ର ଙ୍କ ଦ୍ୱାରା ଭୋର ୪ଟା ରୁ ସକାଳ ନିତିକାନ୍ତି ସହ ମହାଦେବଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିସାରିବା ପରେ ଦ୍ୱାରଫିଟା କରାଯିବା ପରେ ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ କପିଳେଶ୍ୱର ମନ୍ଦିରରେ ପହଞ୍ଚି ପୂଜା ଅର୍ଚ୍ଚନା କରିବା ସହିତ ସ୍ଥାନୀୟ ଅଂଚଳର ସମସ୍ତ ଗୋପାଳ ସମ୍ପ୍ରଦାୟର ଲୋକ ନିଜର କ୍ଷୀର ବ୍ୟବସାୟ ବନ୍ଦ କରି ଆଜିର ଏହି ମେଳାରେ ନିଜର କ୍ଷୀର ଧରି ଲମ୍ବା ଧାଡିରେ ଛିଡା ହୋଇ ଦିବା ୧୦ଘଣ୍ଟିକାରୁ ଦିବା ୨ଟା ସୁଦ୍ଧା ୧୦ହଜାରରୁ ଉର୍ଦ୍ଧ୍ୱ ଲିଟର କ୍ଷୀର ଶ୍ରଦ୍ଧାଳୁ ମାନେ ମହାଦେବଙ୍କ ଉପରେ ଢାଳି ଥିବା ଜଣାପଡିଛି। କପିଳେଶ୍ୱର ଶୈବପୀଠରେ ସେହି କ୍ଷୀରରେ ପ୍ରସାଦ ତିଆରି କରାଯାଇ ସମବେତ ହୋଇଥିବା ଶତାଧିକ ଶୈବ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ମେଳାକୁ ବାଲି କପିଳେଶ୍ୱର ମନ୍ଦିର ସେବାୟତ ପରିଚାଳନା କମିଟିର ସଭାପତି ମଦନମୋହନ ମହାପତ୍ର, ବାବା କପିଳେଶ୍ୱର କ୍ଷୀର ସାଗର କମିଟିର ସମସ୍ତ ସଭ୍ୟ ପରିଚାଳନା କରିଥିଲେ।

## ରକ୍ତଦାନ ସେବାର ବାର୍ତ୍ତା ପ୍ରଚାରରେ ଶିଶୁ ପ୍ରତିଭା ତ୍ରିଷ୍ଟା




**ଫୁଲନଖରା,୧୦।୧/ଏନ୍ଏନ୍ଏସ୍:** ରକ୍ତଦାନ ଅମୂଲ୍ୟ ଦାନ କୁହାଯାଉଥିବା ବେଳେ ଏହି ମହତ୍ ସେବା ଅଭିଯାନର ମହନୀୟ ଆଦର୍ଶ ବାର୍ତ୍ତା ପ୍ରଚାରରେ ସାମିଲ ତଥା ବହୁବିଧ ସମାଜସେବା କାର୍ଯ୍ୟରେ ଅନୁପ୍ରାଣୀତ ତଥା ଏହି ଦିଗରେ ଶ୍ରଦ୍ଧା ଆଗ୍ରହ ପ୍ରକାଶ କରି ଶିଶୁ ପ୍ରତିଭା ତ୍ରିଷ୍ଟା ପ୍ରିୟଦର୍ଶିନୀ ଖୁବ୍ ଉଚ୍ଚ ପ୍ରଶଂସା ଲାଭ କରିଛନ୍ତି। ସୂଚନାଯୋଗ୍ୟ ପିପିଲି ସ୍ଥିତ ବେଦିକ୍ ଟେକ୍ନୋ ସ୍କୁଲ ନର୍ସରୀ ଶ୍ରେଣୀରେ ଶିକ୍ଷା ଗ୍ରହଣ କରୁଥିବା ଏହି ଶିଶୁ ପ୍ରତିଭା ସରସ୍ୱତୀ କଳା ପରିଷଦ କନ୍ଦରପୁର ଓ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା (ବିସିଟି) ପିପିଲି ଶାଖା ସଂଯୋଜକ ତଥା ହାଟସାହି ପଞ୍ଚାୟତ ପୋଡ଼ାଗୁଣ ନିବାସୀ ଯୁବ ସମାଜସେବୀ ରକ୍ତବୀର ହେମନ୍ତ କୁମାର ଦାସ ଓ ଆଦର୍ଶ ନାରୀ ପ୍ରତିଭା କାମିନୀ ବେହେରାଙ୍କ କନ୍ୟା ଅଟନ୍ତି। ପିଲା ଦିନରୁ କୁନି ଝିଅ ତ୍ରିଷ୍ଟାଙ୍କ ଏହି ମହତ୍ କାର୍ଯ୍ୟଧାରା ତଥା ଚିନ୍ତା ଚେତନା ନେଇ ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ୍ ଏକାଡେମୀ (ଏସିଏ) ଫୁଲନଖରା କଟକ, ଆଧାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ ଭଲ ପିଲା ସମ୍ମାନ ଚୟନ କମିଟି ଏବଂ ସଂଯୁକ୍ତା ମେମୋରିଆଲ ଚାରିଟେବଲ୍ ଟ୍ରଷ୍ଟ ଫୁଲନଖରା ଶାଖା ପକ୍ଷରୁ ଉତ୍ତରୋତ୍ତର ଉନ୍ନତି କାମନା କରାଯାଉଛି।

## ବନ୍ଦେ ମାତରମ୍’ ସମୂହ ଗାନ ଓ ପ୍ରଶିକ୍ଷଣ ଶିବିର



**ନୟାଗଡ଼,୧୦।୧/ଏନ୍ଏନ୍ଏସ୍:** ରାଷ୍ଟ୍ରଗୀତ ‘ବନ୍ଦେ ମାତରମ୍ ସମୂହ ଗାନ କାର୍ଯ୍ୟକ୍ରମ ଏବଂ ପ୍ରଶିକ୍ଷଣ ଶିବିର ନୟାଗଡ଼ ପୌରପରିଷଦର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ‘ବନ୍ଦେ ମାତରମ’ର ୧୫୦ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ନୟାଗଡ଼ ପୌରପାଳିକା ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ନୟାଗଡ଼ ପୌରପରିଷଦ ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଅଧକ୍ଷା ନିରୂପମା ଖଟେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଏହି ରାଷ୍ଟ୍ରଗୀତର ଓଡ଼ିଆ ଅର୍ଥ ଓ ଏହାର ମାହାତ୍ମ୍ୟ ନିହାତି ବୁଝିବା ଆବଶ୍ୟକ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଯୋଗଦେଇଥିଲା ବେଳେ ପୌ ।ରପରିଷଦର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ କାଉନସିଲରମାନେ ଯୋଗଦେଇ ଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଆତ୍ମନିର୍ଭରଶୀଳ ଭାରତ ଆମ୍ବାସାଡାର ଭାବେ ଜଣେ ବିଦ୍ୟାର୍ଥୀଙ୍କୁ ମନୋନୀତ କରାଯିବ। ଏହି ଅବସରରେ ନୂତନ ଭାରତ ଗଠନ ଦିଗରେ ସ୍ୱଦେଶୀ ସଂକଳ୍ପ କରିଥିଲେ।

## ରାହାସ ବିଦ୍ୟାପୀଠରେ ସେବାନିବୃତ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଓଡ଼ଗାଁ,୧୦।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରାହାସ ବିଦ୍ୟାପୀଠ ସାକେରୀର ସେବାନିବୃତ୍ତ ହୋଇଥିବା ସଂସ୍କୃତ ଶିକ୍ଷକ ତଥା ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଶୁକ୍ରବାର ବିଦ୍ୟାପୀଠ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ଦେବତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କାର୍ଯ୍ୟାଳୟ ସହକାରୀ ଅଶୋକ କୁମାର ଦାଶ ସଂଯୋଜନା କରିଥିବାବେଳେ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପାୟଲ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟବାଦୀ ଦିହୁଡି,ଅରକ୍ଷିତ ସାହୁ, ବିଦ୍ୟାପୀଠର ଅବସରପ୍ରାପ୍ତ ବରିଷ୍ଠ କର୍ମଚାରୀ ଜୟରାମ ସାହୁ,ସମାଜସେବୀ କାହ୍ନୁଚରଣ ପ୍ରଧାନ, ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ରାହାସ ଦିହୁଡିଙ୍କ କନ୍ୟା ତଥା ସମାଜସେବିକା ଶାନ୍ତିଲତା ପ୍ରଧାନଙ୍କ ସମେତ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପାତ୍ର, ଗଣିତ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ଶିକ୍ଷୟିତ୍ରୀ ସୁନୀତା ଜେନା, କ୍ରୀଡ଼ାଶିକ୍ଷକ ରିଙ୍କୁ ଦଳେଇ, ଶିକ୍ଷା କର୍ମଚାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଛାତ୍ରଛାତ୍ରୀ ମାନେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିବା ସହିତ ତାଙ୍କର କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ବିଦ୍ୟାପୀଠରେ ଥିବା ସମୟରେ ସମସ୍ତଙ୍କ ସହଯୋଗରେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିପାରିଥିବାରୁ ସେସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ବିଦ୍ୟାପୀଠର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ସାଲେପୁରରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ



**ସାଲେପୁର,୧୦।୧/ଏନ୍ଏନ୍ଏସ୍:** ପିଏମଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ,ଦୋକାନ ଯାତ୍ରା, ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ, ଆକାଂକ୍ଷୀ ମେଳା-ଇଂସ୍ପାଏରିଂ ଓଡ଼ିଶା ୨୦୩୬ ଅନୁଷ୍ଠିତ ହୋଇଯାଇଛି। ପିଏମଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପରିଡା ଙ୍କ ସ୍ୱଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କଟକ ମନୋରଞ୍ଜନ ବାରିକ, ମୁଖ୍ୟ ବକ୍ତା ଭାବେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହିରା ଲାବଣ୍ୟବତୀ ବେହେରା, ସମ୍ମାନିତ ଅତିଥି ଭାବେ ସାଲେପୁର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଫିରୋଜ ଖାନ, ହାଇସ୍କୁଲ ଆଲୁମିନି ଆସୋସିଏସନ ସଭାପତି ମିହିର କୁମାର ଜେନା,ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ଅକ୍ଷୟ କୁମାର ଦାଶ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଭୂୟାଁ, ଅବସର ପ୍ରାପ୍ତ ଶିକ୍ଷକ କମଳାକାନ୍ତ ମୁଦୁଲି, କଟକ ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇ ଏହି ମେଳା ଦ୍ୱାରା ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ସହିତ ସମାଜରେ ସୁନାଗରିକ ହେବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଦୋକାନ ଯାତ୍ରା ଓ ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଯାୟୀ ସ୍କୁଲର ଛାତ୍ରଛାତ୍ରୀ ମାନେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଛୋଟ ଛୋଟ ଦୋକାନ ଖୋଲି କିଭଳି ବ୍ୟବସାୟ କରିବେ ସେ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ। ଆକାଂକ୍ଷୀ ମେଳା-ଇଂସ୍ପାଏରିଂ ଓଡ଼ିଶା ୨୦୩୬ ଅନୁଯାୟୀ ପ୍ରଦୂଷଣ ମୁକ୍ତ ଓଡ଼ିଶା, କୃଷି ମାଧ୍ୟମରେ ଆତ୍ମନିର୍ଭରଶୀଳ ଓଡ଼ିଶା, ମୋ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା, ଓଡ଼ିଆରେ ଉନ୍ନତମାନର ପର୍ଯ୍ୟଟନ, ମହିଳା ମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ଭାବେ ମୋ ଓଡ଼ିଶା ୨୦୩୬ ସୁଦ୍ଧା ହେବା ପାଇଁ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ସେ ବିଷୟରେ ବିଭିନ୍ନ ପ୍ରକାର ପ୍ରକଳ୍ପ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ନିବେଦିତା ଖଣ୍ଟୁଆଳ ଧନ୍ୟବାଦ ଦେଇଥିଲା ବେଳେ ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଚିତ୍ର କୁମାର ଷଡ଼ଙ୍ଗୀ, ନିଷିଗନ୍ଧା ପ୍ରିୟଦର୍ଶିନୀ,ପ୍ରିୟଙ୍କା ସାମଲ, କଲ୍ୟାଣି ଯାଦବ, ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ, ବନଶ୍ରୀ ସେଠୀ, ଆରତୀ ଆଚାର୍ଯ୍ୟ, ସୁଶ୍ରୀ ଦାଶ, ଦିବ୍ୟରଞ୍ଜନ ସେଠୀ, ନିଳିମା ପ୍ରିୟଦର୍ଶିନୀ, ପ୍ରଦୀପ୍ତ କୁମାର କବି, କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନୟାହାଟରେ ଟ୍ରାଫିକ୍ ସମସ୍ୟା ଗୁରୁତର



**ନୟାହାଟ,୧୦।୧/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳରେ ସରକାରୀ ଜାଗାରେ ଜବରଦଖଲ ଯୋଗୁଁ ପ୍ରତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସୋମ, ବୁଧ, ଶୁକ୍ର, ରବି ହାଟ ବାରି ମାନଙ୍କରେ ରାସ୍ତା ପାର୍ଶ୍ୱରେ ବାଇକ୍ ଅଟୋ ଥୁଆହେବା ଫଳରେ ସାଧାରଣ ଲୋକ ଯାତ୍ରିବାହି ବସ୍ ଓ ଟ୍ରକ ଯାତାୟାତରେ ଅସୁବିଧା ଯୋଗୁଁ ଘଣ୍ଟା ଘଣ୍ଟା ଧରି ମୁଖ୍ୟ ପୁରୁରାସ୍ତା ଉପରେ ଆମ୍ବୁଲାନ୍ସ ବାଇକ୍ ଅଟିକୀ ରହିଥାଏ ଶିଙ୍ଗପାନିଆ ଠାରୁ ନୟାହାଟ ହାଇସ୍କୁଲ ପଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। ଯାହାକି ପୋଲିସକୁ ଦୁଇରୁ ତିନି ଘଣ୍ଟା ନକେଦମ୍ ହେବାକୁ ପଡ଼ିଥାଏ। କାକଟପୁର, ଗୋପ, ଚାରିଛକ ବଜାରରୁ ଜବରଦଖଲ ହଟା ଯାଇଥିବା ବେଳେ ନୟାହାଟ କୁ ସେହିପରି ଉଚ୍ଛେଦ କରିବା ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ପ୍ରଶାସନ ତରଫରୁ କଣ ପାଇଁ ବିଳମ୍ବ ହେଉଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଡାହାଣ ପଟରୁ ବାମପଟ ରାସ୍ତା ପାର ହେବା ପାଇଁ ୨୦ମିନିଟ୍ ସମୟ ଲାଗିଥାଏ। ଉକ୍ତ ରାସ୍ତା ଦେଇ ତହସିଲଦାର, ଆରଆଇ ଯାତାୟାତ କରୁଥିଲେ ମଧ୍ୟ ଟ୍ରାଫିକ ସମସ୍ୟାରେ ଛିଡ଼ା ହେଉଛନ୍ତି ତା ପରେ ବି ନିଦ ଭାଙ୍ଗୁ ନାହିଁ କାହିଁକି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ୧୯୯୩ ମସିହାରେ ନୟାହାଟରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ୨୫ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ଯାହାଫଳରେ ନୟାହାଟ ରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏଦିଗରେ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

## ମା’ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଶେଷ ଲିଗ୍‌ରେ ରାମପଡ଼ା’ ବିଜୟୀ



**ଭାପୁର,୧୦।୧/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ଭାପରୁ ବ୍ଲକ ବଡସହରା ପଞ୍ଚାୟତ ଅଧୀନ ରାମପଡ଼ା ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଶେଷ ଲିଗ୍ ମ୍ୟାଚରେ ବିଜୟୀ ହୋଇ ସେମିକୁ ପ୍ରବେଶ କରିଛି ରାମପଡ଼ା। ଆଜିର ଖେଳରେ ରାମପଡ଼ା ପ୍ରଥମେ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ରାମପଡ଼ା ୨୦ଓଭରରେ ୬ ୱିକେଟ ହରାଇ ୨୫୦ ରନର ବିଶାଳ ସ୍କୋର କରିଥିଲା। ଏମ୍‌ବିସି କ୍ରିକେଟ କ୍ଲବ ଲେମ୍ବେରିର ଖେଳାଳି ୨୫୦ ରନର ପିଛା କରି ୧୮ ଓଭର ୪ଓଭରରେ ସମସ୍ତ ଉଇକେଟ ହରାଇ ୧୭୪ ରନ୍ କରି ପରାଜୟ ବରଣ କରିଥିଲା। ଆଜିର ଏହିଶେଷ ଲିଗ ମ୍ୟାଚରେ ରାମନାଥ ୩୨ ଗୋଟି ବଲରେ ୬୬ ରନ୍ କରିବାରେ ସଫଳ ହୋଇଥିବା ବେଳେ ତୁଷାରକାନ୍ତ ଏବଂ ଅଂଶୁମାନଙ୍କ ଯୋଡି ରାମପଡ଼ା ଦଳକୁ ଆଗକୁ ନେବାରେ ସକ୍ଷମ ହୋଇଥିଲେ ତୁଷାରକାନ୍ତ ୨୬ ବଲ ଖେଳି ୪୬ କରିବା ସହ ଅଂଶୁମାନ୍ ୧୨ ବଲରେ ୪୪ ରନ୍ କରିବା ସହ ୪ ଓଭର ବୋଲିଂ କରି ୨୨ ରନ୍ ଦେଇ ୩ ଗୋଟି ୱିକେଟ ପାଇ ସଫଳତା ହାସଲ କରି ଆଜିର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ ।ରାମପଡା ପକ୍ଷରୁ ବୋଲିଂ ଭାର ସମ୍ଭାଳି ସୋମନାଥ ପଲେଈ ୪ ଓଭର ବୋଲିଂ କରି ୬୨ ରନ୍ ଦେଇ ୨ଗୋଟି ୱିକେଟ ହାତେଇ ଥିବା ବେଳେ ରିଣ୍ଟୁ ୪ ଓଭର ବୋଲିଂ କରି ୩୦ ରନ୍ ଦେଇ ୩ ଗୋଟି ୱିକେଟ ପାଇଥିଲେ। ମୁଖ୍ୟଅତିଥି ଭାବେ ସୁନିଲ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ ତାପସ କୁମାର ସ୍ୱାଇଁ ଏବଂ ପରମାନନ୍ଦ ସ୍ୱାଇଁ। ସ୍କୋର ବୋର୍ଡର ଭାର ପ୍ରାଣବନ୍ଧୁ ସ୍ୱାଇଁ ସମ୍ଭାଳି ଥିବା ବେଳେ ପ୍ରଶନକୁମାର ସାହୁଙ୍କ ସହ ତପନ କୁମାର ମହାନ୍ତି ଧାରାବିବରଣି ପ୍ରଦାନ କରିଥିଲେ।

## ନିର୍ଭୀକ ସାମ୍ବାଦିକତା ଓ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱ



**କୋଣାର୍କ,୧୦।୧/ଏନ୍ଏନ୍ଏସ୍:** କୋଣାର୍କ ସ୍ଥିତ ମା’ ଭଗବତୀ ପୀଠରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ପୁରୀ ଜିଲ୍ଲା ଶାଖାର ସଭାପତି ଶରତ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ସମାଜର ବିକାଶର ବାହାକ ହେଉଛନ୍ତି ଗଣମାଧ୍ୟମ। ସାମ୍ବାଦିକ ମାନେ ନିର୍ଭୀକ ହୋଇ ନିରପେକ୍ଷ ଭାବରେ ଖବର ପରିବେଷଣ କରି ବିକଶିତ ଓ ଭ୍ରଷ୍ଟାଚାର ମୁକ୍ତ ଗଠନରେ ମୁଖ୍ୟ ଭୂମିକା ନେବା ଜରୁରୀ ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି ସାଧାରଣ ପରିଷଦ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ପରମାନନ୍ଦ ମିଶ୍ର,ପୁରୀ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର ମହିଳା ଆଇନ ସହାୟତା କେନ୍ଦ୍ର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର, ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଶାଖାର ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା, ଜିଲ୍ଲା ଶାଖାର ଶୃଙ୍ଖଳା କମିଟି ଅଧକ୍ଷ ଜଗନ୍ନାଥ ବେହୁରା ପ୍ରମୁଖ ଯୋଗ ଦେଇ କୃତ୍ରିମ ବୁଦ୍ଧିମତ୍ତାର ଉପାଦେୟତା ଓ ସାମ୍ବାଦିକ ସୁରକ୍ଷା ଏବଂ ଏହା ଉପରେ ଏଆଇ ର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶାଖାର କଲ୍ୟାଣ ପାଣ୍ଠି ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁ, ବରିଷ୍ଠ ସମ୍ବକାର ଲଳିତେନ୍ଦୁ ପଲାଉରୀ, ସତ୍ୟଖବର ସାମ୍ବାଦିକ ଅକ୍ଷୟ କୁମାର ନାୟକ, ମହେଶ୍ୱର ସାମଲ ଓ ବିଚିତ୍ର ଓଝା ସମେତ ୧୫ରୁ ଉର୍ଦ୍ଧ୍ୱ ସାମ୍ବାଦିକ ମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

## ଅପହରଣ ଘଟଣାରେ ଜେଲ୍ ଗଲା ଯୁବକ

**ଓଡ଼ଗାଁ,୧୦।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ ଥାନା ଅଞ୍ଚଳର ଜଣେ ନାବାଳିକାକୁ ପୁଲିସ ଉଦ୍ଧାର କରିବା ସହ ଯୁବକକୁ ଗିରଫକରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଭୀଷ୍ମ ରାଉତଙ୍କ ପୁଅ ରାହୁଲ ରାଉତ (୨୪) ଗତବର୍ଷ ନଭେମ୍ବର ମାସ ୮ତାରିଖରେ ଶରଣକୁଳ ଛକରୁ ଜଣେ ନାବାଳିକାକୁ ଅପହରଣ କରି ନେଇଥିଲେ। ଏ ନେଇ ପରିବାର ଲୋକେ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅପହରଣ ପରେ ଚନ୍ଦ୍ରଶେଖର ନିକଟସ୍ଥ ପଣ୍ଡାପାର୍କ ପାଖରେ ଥିବା ଏକ ଘରେ ରାହୁଲ ନାବାଳିକା ସହିତ ବାରମ୍ବାର ଶାରିରୀକ ସଂପର୍କ ରଖିଥିବା ପୁଲିସ ଜାଣିବାକୁ ପାଇଛି। ଶରଣକୁଳ ପୁଲିସ ମାମଲା ରୁଜୁକରି ଯୁବକକୁ ଗିରଫ ପରେ କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୁଜିତ ଦାଶ ସୂଚନା ଦେଇଛନ୍ତି।

ନିତିଦିନ NITIDIN



# ବାଟବୁଢ଼ୀ କଲୋନୀ ଚୋରି ଘଟଣାରେ ତଦନ୍ତ ଆରମ୍ଭ

**ଚୌଦ୍ୱାର,୧୦।୧/ଏନ୍ଏନ୍ଏସ୍:** ଶୁକ୍ରବାର ଦିନ ବାଟବୁଢ଼ୀ କଲୋନୀର ଜନୈକା ଶିକ୍ଷୟିତ୍ରୀଙ୍କ ଘରୁ ଦିନ ଦ୍ୱିପହରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସୁନା ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିବା ଘଟଣାର ତଦନ୍ତ ଆରମ୍ଭ କରିଛି ଚୌଦ୍ୱାର ପୁଲିସ୍। ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ଆଇଆଇସି ନିରଞ୍ଜନ ଭୋଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ଼ ଚୋରି ହୋଇଥିବା ଘରେ ପହଞ୍ଚି ଅନେକ ସୁରାକ୍ ସନ୍ଧାନ କରିବା ସହିତ ଚୋରମାନେ ଯାଇଥିବା ବାଟ ଦେଇ ସନ୍ଧାନୀ କୁକୁର ଯାଇଥିଲା। ପାଖରେ ଲାଗିଥିବା ସିସିଟିଭିର ଫୁଟେଜ୍ ନେଇ ମଧ୍ୟ ପୁଲିସ୍ ତାର ତଦନ୍ତ ଜାରି ରଖିଛି। ପ୍ରକାଶଥାଉକି, ବାଟବୁଢ଼ୀ କଲୋନୀ ବାସିନ୍ଦା ଶିକ୍ଷୟିତ୍ରୀ ମନମୋହିନୀ ପରିଡ଼ା ପ୍ରତିଦିନ ଭଳି ଶୁକ୍ରବାର ସକାଳ ୯ଟା ବେଳେ ନିଜ ଘର ତାଲା ପକାଇ ବିଦ୍ୟାଳୟକୁ ଯାଇଥିଲେ। ଅପରାହ୍ଣ ସାଢ଼େ ୪ଟା ବେଳେ ଘରକୁ ଫେରି ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଘଟଣା ଦେଖି ଚୌଦ୍ୱାର ପୁଲିସ୍‌କୁ ଜଣାଇଥିଲେ। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆଣିବା ପରେ ଅନେକ ତଥ୍ୟ ପୁଲିସ୍‌ର ହସ୍ତଗତ ହୋଇଛି ଏବଂ ସେହି ତଥ୍ୟକୁ ଆଧାର କରି ପୁଲିସ୍ ଖୁବ୍ ଶୀଘ୍ର ଚୋରକୁ ଧରିବାରେ ସକ୍ଷମ ହେବ ବୋଲି ତଦନ୍ତକାରୀ ଅଧିକାରୀ ସବ୍‌ଇନ୍‌ସପେକ୍ଟର ସମରଜିତ୍ ବିଶ୍ୱାଳ ପ୍ରକାଶ କରିଥିବା ଜଣାପଡ଼ିଛି।

# ଦୟାନଦୀ ଜଳ ଦୂଷିତ ଯୋଗୁ କଣାସରେ ବ୍ୟାପିଲା ଜଣ୍ଡିସ୍

**କଣାସ,୧୦।୧/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥିତ ହୋଇଥିବାରୁ ବର୍ଷ ସାରା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରୁହେ। ଲୋକେମାନେ ମୁଖ୍ୟତଃ ଦୟା ନଦୀର ପ୍ରଦୂଷିତ ଜଳ ବ୍ୟବହାର କରିଥାନ୍ତି ଜଳ ବ୍ୟବହାର କରି ଗତ ବର୍ଷ ନୂଆଗାଁ, ନିକୁଳପାଟଣା, ଜାଗୁଳେଇପଦର, କଳାପଦାର, ଗୋପୀନାଥପୁର ଗ୍ରାମରେ ଝାଡାବାନ୍ତି ଲାଗି ୭ ଜଣ ମାରିଥିବା ବେଳେ। କିଛି ଦିନ ହେଲା ଦୟା ନଦୀର ଦୂଷିତ ଜଳ ବ୍ୟବହାର କରି ଦୋକାନ ପଞ୍ଚାୟତର ନୂଆଦୋକନ୍ଦା ଓ ଆଖ ପାଖ ଗ୍ରାମରେ ୧୦ରୁ ଉର୍ଦ୍ଧ ବ୍ୟକ୍ତି ଜଣ୍ଡିସ ରୋଗରେ ଆକାରନ୍ତ ହୋଇଛନ୍ତି। ଏହି ଖବର ଆଜି ଗଣମାଧ୍ୟମରେ ପ୍ରକାଶ ପାଇବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅଧିକାରିଣୀ ଡାକ୍ତର ଶିଲ୍ପା ଦାସ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ବିବେକ ଅନୁରାଗ, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି ଓ ସ୍ୱାସ୍ଥ୍ୟ କର୍ମୀ ମାନେ ନୂଆଦୋକନ୍ଦାକୁ ଯାଇ ପ୍ରତି ପରିବାରର ଲୋକ ଙ୍କୁ ପରୀକ୍ଷା ନିରୀକ୍ଷା କରି ଦୟା ନଦୀର ଦୂଷିତ ଜଳ ବ୍ୟବହାର ନକରିବା ପାଇଁ ଜନ ସଚେତନା କରିଥିଲେ। ପ୍ରକାଶ ଥାଉକି ଭୁବନେଶ୍ୱର ସହରର ବିଷାକ୍ତ ଜଳ ଗଙ୍ଗୁଆ ନାଳ ଦେଇ ଦୟା ନଦୀ ରେ ପ୍ରବେଶ କରୁଥିବାରୁ ଦୟା ନଦୀ ଜଳ ଦୀର୍ଘଦିନ ହେଲା ବିଷାକ୍ତ ହୋଇଯାଇଛି। ସେହି ଦିନ ଠାରୁ କଣାସ ଅଞ୍ଚଳରେ ଝାଡା ବାନ୍ତି ଜଣ୍ଡିସ ଚର୍ମ ରୋଗ ପିଛା ଛାଡୁନାହିଁ। ଆଜି ସତ୍ୟବାଦୀ ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ନିଜ ମତରେ କହିଛନ୍ତି। ଗତବର୍ଷ ହଇଜାରେ ୩୦୦ଜଣ ଆକ୍ରାନ୍ତ ହୋଇଥିଲେ ଏବଂ ସେଥିରେ ୭ଜଣ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଅବଗତ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହା ଦୟା ଏବଂ ଗଙ୍ଗୁଆ ନଦୀର ଜଳ ବିଷାକ୍ତ ହୋଇ ଥିବାରୁ ଏ ଅବସ୍ଥା ହୋଇଛି। ଯାହା ଫଳରେ କଣାସ, ଡେଲାଙ୍ଗ, ପିପିଲି ବ୍ଲକ ଏବଂ ଚିଲିକା ଲୋକେ ଏହି ଦୟା ନଦୀ ପାଣି ପାନୀୟଜଳ ରୂପେ ବ୍ୟବହାର କରନ୍ତି। ଗତବର୍ଷ ଏହି ଆକ୍ରାନ୍ତ ଯୋଗୁଁ ମାନବାଧିକାର କମିଶନଙ୍କୁ ମଧ୍ୟ ଅବଗତ କରାଯାଇଥିଲା।

## ମିଳିମିଶି ଚାପିଦେଲେ ଅଳିଆ ଉଠା ଗାଡ଼ିକିଣା ଦୁର୍ନୀତି

# ରାସ୍ତାରେ ଗଡ଼ିବାକୁ ବଳପାଉନି

**ଓଡ଼ଗାଁ,୧୦।୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ର ୩୬ଟି ପଞ୍ଚାୟତକୁ ଅଳିଆବୁହା ଗାଡ଼ି ପ୍ରଦାନ କରାଯାଇଛି।କିନ୍ତୁ ଏହି ବ୍ୟାଟେରୀ ଚାଳିତଗାଡ଼ି କେଉଁଠି ଅଟକି ଯାଉଛି ତ ଆଉ କେଉଁଠି ନଆସି ସେହି ସ୍ଥାନରେ ମୁହଁ ମାଡ଼ିପଡୁଛି। ଏବେ ସବୁ ଅଳିଆ ବୁହା ଗାଡ଼ି ପଞ୍ଚାୟତ ଆଗରେ ଦେଖେଣାହାରୀ ହୋଇ ଠିଆ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଓଡ଼ଗାଁ ବ୍ଲକର ୩୬ଟି ପଞ୍ଚାୟତକୁ ଆବର୍ଜନା ଉଠାଗାଡ଼ି ଜିଲ୍ଲା ପ୍ରଶାସନ ଯୋଗାଇ




### ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି

ଦେଇଛି। ଘରୋଇ ସଂସ୍ଥା ରିୟା ଏଣ୍ଟରପ୍ରାଇଜେସ୍ ଏହିସବୁ ଗାଡ଼ି ଦେଇ ୭୦ ହଜାର ଜାଗାରେ ୨ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛି। ବ୍ୟାଟେରୀ ଚାଳିତ ଗାଡ଼ି ପ୍ରତି ପଞ୍ଚାୟତରେ ଘରକୁ ଘର ବୁଲି କଞ୍ଚା, ଓଦା, ଅଳିଆ, ଆବର୍ଜନା ସଂଗ୍ରହ କରିବ। ଏଥିପାଇଁ ଜଣେ ଗାଡ଼ି ଚାଳକ ଓ ଅନ୍ୟଜଣେ ସହକାରୀ ଭାବେ କାମ କରିବେ। ସେମାନଙ୍କୁ ମାସିକ ୧୨ ହଜାର ଟଙ୍କା ପଞ୍ଚାୟତ ଫଣ୍ଡରୁ ଭରଣା କରାଯିବ। ଆବର୍ଜନା ଉଠା ଗାଡ଼ିର ପ୍ରକୃତ ମୂଲ୍ୟ ବଜାରରେ ୭୦ ହଜାର ଥିବାବେଳେ ଅଢେଇ ଲକ୍ଷ ଦେଇ କିଣିବାପଛରେ କାହାରି ହାତରହିଛି।ଏହି ସଂସ୍ଥାସହ କିଏ ଡ଼ିଲ କରିଛି। ଗାଡ଼ି କିଣିବା ପୂର୍ବରୁ ଗାଡ଼ିର ଦର ଘରୋଇ ରିୟା ସଂସ୍ଥା ଜିଲ୍ଲା ପ୍ରଶାସନକୁ ଜଣାଇନଥିଲା କି ? ଏମିତି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି। ଅଢେଇ ଲକ୍ଷ ଟଙ୍କାରୁ ୯୦ ହଜାର ଟଙ୍କା ପଞ୍ଚାୟତ ପରିମଳ ଫଣ୍ଡରୁ ବହନ ହେବ ଓ ବାକି ୧ଲକ୍ଷ ୬୦ ହଜାର ଟଙ୍କା ବ୍ଲକ୍ ପ୍ରଶାସନ ପ୍ରଦାନ କରିଛି।କିନ୍ତୁ ୭୦ ହଜାର ଦେଇ ୧ ଲକ୍ଷ ୮୦ ହଜାର ଟଙ୍କା କିଏ ଲୁଟିନେଲା ତାହାର ଟେର ମିଳୁନି। ଏତେବଡ଼ ଠକେଇ ପଛରେ ବିଡ଼ିଓ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପାଳ ଜାଣିପାରିଲେନି କେମିତି। କି ରାଜେନେତାଙ୍କ ସଂପୃକ୍ତି ରହିଛି, ତାକୁ ନେଇ ଏବେସବୁଠି ଚର୍ଚ୍ଚା ଆରମ୍ଭ ହୋଇଛି। କିଛିଦିନ ତଳେ ଓଡ଼ଗାଁ ବ୍ଲକର ଡ଼ିମିଶର ପଞ୍ଚାୟତକୁ ଦିଆଯାଇଥିବା ବ୍ୟାଟେରୀ ଚାଳିତ ଆବର୍ଜନା ଉଠାଗାଡ଼ି ଅଚଳ ହୋଇପଡ଼ିବାରୁ କଂପାନି କର୍ମଚାରୀମାନେ ଆସି ସଜାଡ଼ିଛନ୍ତି। ସେହିପରି ରଙ୍ଗଣିପାଟଣା ପଞ୍ଚାୟତରେ ଆବର୍ଜନା ଉଠାଗାଡ଼ି ଚାଲୁଥିବା ସମୟରେ ଗାଡ଼ିର ବିଭନ୍ନ ଯନ୍ତ୍ରାଂଶ ଝଡ଼ି ପଡୁଥିବା ଅଭିଯୋଗ ମଧ୍ୟ ହୋଇଥିଲା।ଏବେ ଅନେକ ପଞ୍ଚାୟତ ଏହି ବ୍ୟାଟେରି ଗାଡ଼ି ନେଇଥିଲେ ମଧ୍ୟ ଚଲାଇବାକୁ ଭୟ କରୁଥିବା କିଛି ସରପଞ୍ଚ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଅଳିଆ ବୁହାଗାଡ଼ି ବିଭିନ୍ନ ସ୍ଥାନକୁ ପଠାଇବାକୁ ଭୟଲାଗୁଛି। କେତେବେଳେ ଗାଡ଼ିର କ'ଣ ଖରାପ ହେଉଛି ତାହା ଜାଣିବା ଆମପାଇଁ କଷ୍ଟକର ହୋଇପଡୁଛି। ଏହାସହିତ ପଞ୍ଚାୟତରୁ ଗାଡ଼ି ଚଲାଇବା ପାଇଁ ଦୁଇଜଣଙ୍କୁ ପ୍ରତି ମାସରେ ଦରମା ଦେବା ଓ ଗାଡ଼ି ମରାମତି କରିବାପାଇଁ ଏତେ ଅର୍ଥ କେଉଁଠୁ ଆସିବ କହି ଉଦବେଗ ପ୍ରକାଶ କରିଛନ୍ତି। ଏହି ଆବର୍ଜନା ଉଠାଗାଡ଼ି କିଣାରେ ଏକବଡ଼ ଧରଣର ଘୋଟାଲା ହୋଇଥିବାର ଠୋସ ପ୍ରମାଣ ମିଳିଛି। ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଇଥିବା ମଧୁମିତା ରଥ ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, Puri, dtd. 05.01.2026, I, Hrushikesh Palai, S/o - Araskhita Palai, permanent resident of At - Kashijharia, Po - Chapamanik, Ps - Brahmagiri, Dist - Puri, Pin - 752011 do hereby declare that my minor daughter name have changed from Rili Palai (old name) to Birati Palai (new name). Henceforth, she shall be known as **Birati Palai** for all purposes. **Sd/- Hrushikesh Palai**

**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, Puri, dtd. 30.12.2025, I, Sukanta Muduli, S/o- Padan Muduli, permanent residence of Balikerapachhipala, Po- Rahadamala, Ps - Puri Sadar, Dist - Puri, Pin - 752013do hereby declare that my minor son name have changed from Aadity (old name) to Aditya Muduli (new name). Henceforth, he shall be known as **Aditya Muduli** for all purposes.
**Sd/- Sukanta Muduli**

**NOTICE**

The partnership firm M/S SRI JAGANNATH COAL TRANSPORT bearing Regd No.120202300009/2023 At/Po- Badasinghada, Ps- Vikrampur Dist-Angul Odisha has been Reconstituted on 02.12.2025 Due to retirement of Partners Dharitri Behera, Hrudananda @ Hridananda Sahoo & Ambika Sahoo(Death) and Admission of partners Gayatri Behera, Barsharani Dehury & Omm Dehury w.e.f 02.12.2025
Gayatri Behera
Managing partner
M/S SRI JAGANNATH COAL TRANSPORT

**NOTICE**

The partnership firm M/S MAA JANAKI & CO bearing Regd No.610/2015 At- Rangamatia, Po- Hensmul, Ps- Talcher Dist-Angul Odisha has been Reconstituted on 03.01.2026 Due to retirement of Partners Lambodhar Mohapatra (death), Duryodhan Mohapatra, Sanjaya Kumar Behera, Dhruba Charan Mohapatra,Bijaya Kumar Pradhan, Karunakar Pradhan & Sapan Kumar Nayak and Admission of partners Janaki Mohapatra, Sinu Sahu, Tapas Parida,Malati Sahoo,Rahul Pradhan,Aditya Narayan Pradhan, Rahul Dehury & Biren Dehury w.e.f 03.01.2026
Janaki Mohapatra
Managing partner
M/S MAA JANAKI & CO


# କାର୍ ଧକ୍କାରେ ୧ ମୃତ, ଦୁଇ ଗୁରୁତର

**କୁଆଁପାଳ,ମାହାଙ୍ଗା,୧୦।୧/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅର୍ନ୍ତଗତ କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତାର କୁସୁପୁର ଠାରେ ଆଜି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିଲା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ରାହାଣିଆ ପଞ୍ଚାୟତର କାଳିଅଣ୍ଟି ଗ୍ରାମର ଅନ୍ନା ଦାସ ସାଇକେଲ ଯୋଗେ ଯାଉଥିଲା ବେଳେ ଏକ କାର ଭାରସାମ୍ୟ ହରାଇ କୁସୁପୁର ନିକଟ ପଙ୍କାମୁଣ୍ଡାଇ କେନାଲ ବନ୍ଧରେ ଥିବା ଏକ ସୌଫିନ୍ ମୁହଁଠାରେ ତାଙ୍କୁ ସାମ୍ନାପଟୁ ଧକ୍କାଦେଇଥିଲା। ଫଳରେ ସାଇକେଲ ଚାଳକ ବିଲ କଡ଼ରେ ଥିବା ଗଛରେ ଆଘାତ ପାଇଥିଲେ।

# ବୈଦିକ ସଂସ୍କୃତି ପ୍ରତିଷ୍ଠାନରେ ବନ୍ଧୁମିଳନ, ବେଦପାଠ

**ଖଣ୍ଡପଡ଼ା,୧୦।୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ନଟବରପୁରଶାସନ ଗ୍ରାମସ୍ଥିତ ବୈଦିକ ସଂସ୍କୃତ ପ୍ରତିଷ୍ଠାନମ ଓ ବେଦ ଶାସ୍ତ୍ର ପାଠଶାଳାର ବେଦ ବାଟିକା ପରିସରରେ ଶନିବାର ଏକ ବନ୍ଧୁମିଳନ ଓ ବେଦ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିନାୟକ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ସ୍ୱର୍ଗତ ଦୀନବନ୍ଧୁ ଦାଶଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ପ୍ରତିଷ୍ଠାତା ସଭାପତି ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟ ଖଣ୍ଡପଡ଼ା ସାମ୍ବାଦିକ ସଂଘର ସମସ୍ତ ସଦସ୍ୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।ବୈଦିକ ସଂସ୍କୃତିର ପ୍ରଚାର ସହ ଖଣ୍ଡପଡ଼ା ଅଞ୍ଚଳର କଳା,ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ବେଦ ପାଠଶାଳାର ଭୂମିକାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ।ସମାଜ ସଂସ୍କାର କ୍ଷେତ୍ରରେ ଯୁଗେ ଯୁଗେ ସଂସ୍କୃତ ଭାଷାର କିଭଳି ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସଂପର୍କରେ ଅତିଥିମାନେ ମତ ରଖିଥିଲେ। ପଣ୍ଡିତ ମନୋଜ କୁମାର ଦାଶ ବୈଦିକ ଜ୍ଞାନର ଆବଶ୍ୟକତା ବିଷୟରେ ଉଦବୋଧନ ଦେଇଥିଲେ। ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ ମଞ୍ଚରେ ସଂଯୋଜନା କରିଥିଲେ। ଅଧ୍ୟାପକ ସତ୍ୟବାନ ଦାଶଙ୍କ ମାର୍ଗଦର୍ଶନରେ ବେଦପାଠୀଗଣ ବୈଦିକ ମନ୍ତ୍ର ପାଠ କରିଥିଲେ। ପଥରଗଣ୍ଡ ଗ୍ରାମର ବାୟକ ଲକ୍ଷ୍ମଣ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ହରିନାମ ସଙ୍କୀର୍ତ୍ତନ ଓ ଭଜନ ଗାନ କରାଯାଇଥିଲା। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ରାଜକିଶୋର ପାତ୍ର,ଖଣ୍ଡପଡ଼ା ପଠାଣିସାମନ୍ତ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ଲୋପାମୁଦ୍ରା ଷଡ଼ଙ୍ଗୀ,ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ଅଧକ୍ଷ ବିଷ୍ଣୁପ୍ରସାଦ ରଥ, ସମାଜସେବୀ ଜିତେନ୍ଦ୍ର ଭାଇ, ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ବିମ୍ବାଧର ଆଚାର୍ଯ୍ୟ, ଆବାହକ ରମେଶଚନ୍ଦ୍ର ଆଚାର୍ଯ୍ୟ, ସଚିବ ଶିବ ନାରାୟଣ ଆଚାର୍ଯ୍ୟ, ସୁରେନ୍ଦ୍ର କୁମାର ମିଶ୍ର, ମାଧବ ଚନ୍ଦ୍ର ତ୍ରିପାଠୀ, ତ୍ରିଲୋଚନ ଆଚାର୍ଯ୍ୟ, କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଆଖପାଖ ଅଞ୍ଚଳରୁ ବହୁ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ମା'ଭୈରବୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

**ଭୁଷଣ୍ଡପୁର,୧୦।୧/ଏନ୍ଏନ୍ଏସ୍:** ସ୍ଥାନୀୟ ଡିଆ ପଞ୍ଚାୟତ କାଶୀପୁରସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ମା'ଭୈରବୀ ଯୁବ ସଂସଦ କାଶୀପୁର, ଡିଆ ଅଞ୍ଚଳରେ ଥିବା ସର୍ବ ପୁରାତନ କ୍ରୀଡାନୁଷ୍ଠାନ ପକ୍ଷରୁ ୪୩ତମ ରାଜ୍ୟ ସ୍ତରୀୟ ଫୁଟୁବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ମା'ଭୈରବୀ ଯୁବ ସଂସଦର ସଭାପତି ପ୍ରଦୀପ୍ତ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ସର୍ବ ସମ୍ମତି କ୍ରମେ ରାଜ୍ୟର ବଛା ବଛା ଦଳକୁ ନେଇ କାଶୀପୁର ବଡ଼ ପଦର ଖେଳ ପଡିଆରେ ଏହା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି।ଏହାକୁ ବ୍ୟାପକ କରିବା ନିମନ୍ତେ ସ୍ଥାନୀୟ ଡିଆ ପଞ୍ଚାୟତରେ ଥିବା ସମସ୍ତ ବୁଦ୍ଧିଜୀବୀ, ଖେଳ ପ୍ରେମୀ, ଶୁଭେଚ୍ଛୁ ମାନଙ୍କୁ ଏହି ଅନୁଷ୍ଠାନରେ ସାମିଲ କରିବା ନିମନ୍ତେ ସ୍ଥିରୀକୃତ କରାଯାଇଛି।ସାମାଜିକ କର୍ମୀ ସନ୍ତୋଷ କୁମାର ଦଳେଇ, ଯୁବନେତା ବିଧୁ ଭୂଷଣ ମହାରଣା,ଖେଳ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ, ପ୍ରାକ୍ତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ପାଇକରାୟ, ୱାର୍ଡ ସଭ୍ୟ ନକୁଳ ସାହୁ, ୱାର୍ଡସଭ୍ୟ ବିପିନ ସାହୁ,ପରୀକ୍ଷିତ ସାହୁ, ଲକ୍ଷ୍ମୀଧର ମହାପାତ୍ର, ଶ୍ୟାମସୁନ୍ଦର ବିଶ୍ୱାଳ, ବ୍ରଜ ବିଶ୍ୱାଳ, ଶ୍ୟାମ ପରିଡା, ଦେବଦତ୍ତ ମହାପାତ୍ର, ଗୋପାଳ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ବଂଶୀଧର ନାୟକ, ରମେଶ ଚନ୍ଦ୍ର ପରିଡା ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। କାର୍ଯ୍ୟକ୍ରମକୁ ମା'ଭୈରବୀ ଯୁବ ସଂସଦର ସମ୍ପାଦକ ନୃସିଂହ କୁମାର ଦଳେଇ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## କୋର୍ଟ ନୋଟିସ୍ କେବଳ ଗଣମାଧ୍ୟମରେ ସୀମିତ: ପିୟୁଷ

# ମଞ୍ଚ ଚଢ଼ିଲେ, ଅଭିନୟରେ ଦର୍ଶକ ବିମୋହିତ

**ଟାଙ୍ଗୀ,୧୦।୧/ଏନ୍ଏନ୍ଏସ୍:** ଯାତ୍ରା ସିଂହବାହିନୀର ଚର୍ଚ୍ଚିତ ଚେହେରା ପୀୟୁଷ ଯାତ୍ରା ମଞ୍ଚ ଚଢି ପାରିବେ ନାହିଁ ବୋଲି ଭୁବନେଶ୍ୱର କୋର୍ଟ ନୋଟିସ କରିଥିଲେ। ହେଲେ ଏହି ନୋଟିସ କେବଳ ଗଣମାଧ୍ୟମ ପାଖରେ ପହଞ୍ଚିଥିବା ବେଳେ ପୀୟୁଷଙ୍କ ପାଖରେ ପହିଁଞ୍ଚିନାହିଁ। ତେବେ ଟାଙ୍ଗୀ ମଠସାହିରେ ଯାତ୍ରା ପରିବେଷଣ କରୁଥିବା ସିଂହବାହିନୀରେ ପୀୟୁଷ ମଞ୍ଚ ଚଢିବେ ନାହିଁ ବୋଲି ଚର୍ଚ୍ଚା ଲାଗିରହିବା ସହ ଯାତ୍ରା ପ୍ରେମୀମାନଙ୍କ ମନରେ ନିରାଶ ଖେଳି ଯାଇଥିଲା। ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ପୀୟୁଷ ପୁଣିଥରେ ଯାତ୍ରା ମଞ୍ଚ ନିକଟରେ ପହଞ୍ଚିବା ପରେ ସମର୍ଥକମାନେ ପାଛୋଟି ନେଇଥିଲେ। କୋର୍ଟ ଛାଟକୁ ନେଇ ଲାଗି ରହିଥିବା ବାଦ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ି ନଥିବା ବେଳେ କେମିତି ଅଭିନୟ କରିବେ ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ହେଲେ ପୀୟୁଷ ପ୍ରତି ଉତ୍ତରରେ ଗଣମଧ୍ୟମ ପାଖରେ କୋର୍ଟର ନୋଟିସ୍ ପହଞ୍ଚିଛି ବୋଲି କହିବା ସହ ମୋ ପାଖରେ କୌଣସି ନୋଟିସ୍ ପହଞ୍ଚି ନାହିଁ ବୋଲି ପୀୟୁଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ କ'ଣ ହେବ ତାହା ସମୟ କହିବ। ଅନ୍ୟ ପଟେ ତୁ ମୋ ବଜରଙ୍ଗୀ ନାଟକରେ ଦମଦାର ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।



# ୯୦ତମ ରାଜ୍ୟସ୍ତରୀୟ ହିନ୍ଦୀ ସାହିତ୍ୟ ଉତ୍ସବ




**ବାରଙ୍ଗ,୧୦।୧/ଏନ୍ଏନ୍ଏସ୍:** କୈବଲ୍ୟ ସାହିତ୍ୟ ସଂସଦ ଆନୁକୁଲ୍ୟରେ ୯୦ ତମ 'ରାଜ୍ୟସ୍ତରୀୟ ହିନ୍ଦୀ ସାହିତ୍ୟ ଉତ୍ସବ ୨୦୨୬ 'ବାରଙ୍ଗ ଫୁଲପୋଖରୀ ସରକାରୀ ୟୁ.ଜି ଏଚ.ଏସ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିଜୟା ଲକ୍ଷ୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟ ଉତ୍ସବରେ ଉଦଘାଟକ ଭାବରେ ଯୋଗାଚାର୍ଯ୍ୟ ଅନାମ ମୁନି ମହାରାଜ, ମୁଖ୍ୟ ଅତିଥିଭାବେ ବିଧାନସଭା ସଚିବ ଏବଂ ସାହିତ୍ୟିକ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବରେ କବି ନାରାୟଣ ମୁଦୁଲି, ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରିୟମ୍ବଦା ଦାସ, ପ୍ରସନ୍ନ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବରିଷ୍ଠ ସ୍ତମ୍ଭକାର ଲଳିତେନ୍ଦୁ ପଲାଉରୀ, ଜଗନ୍ନାଥ ସଂସ୍କୃତି ଗବେଷକ ଡ଼ ରଶ୍ମି ରାୟ, ଆଶୁକବି ହେମନ୍ତ କୁମାର ଜେନା, ଶିକ୍ଷାବିତ ନିବେଦିତା ସାହୁ, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିବାବେଳେ ସମ୍ପାଦକ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ବହୁଭାଷୀ କବିତା ପାଠ, ଭକ୍ତି ସଙ୍ଗୀତ ଗାନ, ହିନ୍ଦୀ ସାହିତ୍ୟର ଇତିହାସ ଶୀର୍ଷକ ଆଲୋଚନା, ଓଡ଼ିଶୀ ନୃତ୍ୟ, ହିନ୍ଦୀ ଭାଷାରେ ନାମ ଏବଂ ବାକ୍ୟଲିଖନ, ମେଧା ପରୀକ୍ଷା, ବେଦ ପାଠ ଏବଂ ଗୀତା ଆବୃତ୍ତି ଆୟୋଜନ କରାଯାଇଥିଲା। ଅଞ୍ଚଳର ବ୍ୟକ୍ତି ବିଶେଷମାନଙ୍କୁ ହିନ୍ଦୀ ସାହିତ୍ୟ ପ୍ରେରଣା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଜଗନ୍ନାଥ ସଂସ୍କୃତି ପ୍ରେମୀ ଏବଂ ସାହିତ୍ୟିକବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନୀଳମାଧବ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କଣ୍ଟିଲୋ,୧୦।୧/ଏନ୍ଏନ୍ଏସ୍:** ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋର ୪୨ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଛାତ୍ରୀ ଛାତ୍ରମାନଙ୍କଦ୍ୱାରା ନୀଳମାଧବ ଜୀଉଙ୍କ ନିକଟରୁ ଆସିଥିବା କ୍ରୀଡା ଜ୍ୟୋତିକୁ ମହାବିଦ୍ୟାଳୟର ଅଧକ୍ଷା ଡ. ନନ୍ଦିତା ବାରିକ, କ୍ରୀଡା ସଂସଦର ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ବେହେରା, ମାନଗୋବିନ୍ଦ ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ,କ୍ରୀଡା ଶିକ୍ଷକ ଅଶୋକ କୁମାର ବେହେରା, ଅଧ୍ୟାପିକା କଲ୍ୟାଣୀ ପଣ୍ଡା, ନମିତା ସାହୁ, ପ୍ରିତମ କୁମାର ପାତ୍ର, ବନମାଳୀ ଦଳେଇଙ୍କ ସମେତ ଅନୁଷ୍ଠାନର ଶିକ୍ଷୟତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ କ୍ରୀଡା ପତାକାକୁ ଅଧକ୍ଷା ଡ. ବାରିକ ଉତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ୧୦୦/ ୨୦୦ ମିଟର ଦୌଡ, ଲମ୍ଫଡ଼ିଆଁ, ଉଚ୍ଚ ଡ଼ିଆଁ, ସଟ୍ ଫୁଟ, ଡ଼ିସକସ ଥ୍ରୋ, ଜାଭିଲିନ୍ ଥ୍ରୋ ଆଦି ଖେଳ ପ୍ରତିଯୋଗିତାରେ



ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ । ୨ଦିନ ବ୍ୟାପୀ ଅନୁଷ୍ଠିତ ବିଭନ୍ନ କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୩ ବାଳିକା ଓ ବାଳକ ବିଭାଗରେ ଯଥାକ୍ରମେ ମାମିନା ନାୟକ ଓ ସୌମ୍ୟରଂଜନ ସୁବୁଦ୍ଧି ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୨ବାଳିକା ଓ ବାଳକ ବିଭାଗରେ ଯଥାକ୍ରମେ ସୁପ୍ରୀୟା ବେହେରା ଓ ସିପୁନ ଦାସ ଚାମ୍ପିୟନ ହୋଇଥିବା ଜଣାପଡିଛି । ଏହି ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟର ଅଧକ୍ଷା ସୂଚନା ଦେଇଛନ୍ତି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ଡ. ବାରିକ, ପ୍ରାଧ୍ୟାପକ ପ୍ରଭାତ ବେହେରା, ସୁଜଳ କୁମାର ମହାରଣା, ଅଶୋକ ପାତ୍ର, ମାନ ଗୋବିନ୍ଦ ରାଉତ, ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବା ସହ କ୍ରୀଡା ନିପୁଣତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଧ୍ୱଜା ଅବତରଣ ପୂର୍ବକ କ୍ରୀଡା ସମାପ୍ତି ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗୁରୁବାର ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ନୀଳମାଧବ ଜିଉଙ୍କୁ ଦର୍ଶନ କରି ଏକ ମଶାଲ ଶୋଭାଯାତ୍ରାରେ ମହାବିଦ୍ୟାଳୟର କ୍ରୀଡାଙ୍ଗନକୁ ଆସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

ବିଭିନ୍ନ କ୍ରୀଡା ପ୍ରତିଯୋଗିତାକୁ ଅନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ବାରିକଙ୍କ ସମେତ ଗଣିଆ କଲେଜର ଶେଷଦେବ ରାଉତ, କଂଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରାଜିବ ଲୋଚନ ନାୟକ, ବଡ଼ବାଣପୁର ଉଚ୍ଚବିଦ୍ୟାଳୟର ସୁବାସ ଚନ୍ଦ୍ର ବେହେରା, କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବିଜୟ କୁମାର ମହାପାତ୍ର ଓ ବଳରାମପ୍ରସାଦ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ବାବୁଲି ଦଳେଇ ପ୍ରମୁଖ ଖେଳ ଶିକ୍ଷକମାନେ ପରିଚାଳନା କରିଥିଲେ।

# ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆସିଥିବା ଯୁବକଙ୍କୁ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ପୁରୀ,୧୦।୧/ଏନ୍ଏନ୍ଏସ୍:** ଗତ ୮ତାରିଖ ବିଳମ୍ବିତ ରାତିରେ ଭଦ୍ରକ ଜିଲ୍ଲା ଆପଣ୍ଡା ଗ୍ରାମର ରଞ୍ଜନ କୁମାର ଦାସ ହତ୍ୟା କରାଯାଇଥିବା ଘଟଣାରେ ପୁରୀ ଏସ୍ପି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ଉକ୍ତ ସମ୍ମିଳନୀ ରେ ପୁରୀ ଏସପି ପ୍ରତୀକ ସିଂ ଘଟଣା ବିଷୟରେ ବିସ୍ତୃତ ତଥ୍ୟ ରଖିଥିଲେ। ସେ କହିଥିଲେ ଯେ, ହତ୍ୟା କରିଥିବା ଅଭିଯୁକ୍ତ ହେଉଛି ତନ୍ମୟ ମହାପାତ୍ର। ଅଭିଯୁକ୍ତ ଘର କେନ୍ଦ୍ରାପଡା ହୋଇଥିବା ବେଳେ ଗତ କିଛିବର୍ଷ ହେବ ଅଭିଯୁକ୍ତ ତନ୍ମୟ ନିଜ ସମ୍ପର୍କୀୟ ଘରେ ରହି କାମ କରୁଥିଲେ। ୮ ତାରିଖ ବିଳମ୍ବିତ ରାତିରେ ରଞ୍ଜନ ନିଜ ସମ୍ପର୍କୀୟଙ୍କ ଶବଦାହ କରିବାକୁ ପୁରୀ ଆସିଥିଲେ, ସେ ସମୟରେ ତନ୍ମୟଙ୍କ ସହ ବଚସା ହୋଇଥିଲା। ବଚସା ଉଗ୍ରରୂପ ନେବା ପରେ ଅଭିଯୁକ୍ତ ତନ୍ମୟ ଏକ ଧାରୁଆ ଅସ୍ତ୍ରରେ ରଞ୍ଜନର ଗଳା କାଟି ହତ୍ୟା କରିଥିଲେ। ଏହି ଘଟଣାରେ ରଞ୍ଜନଙ୍କ ସାଙ୍ଗ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣା ଘଟାଇଥିବା ଅଭିଯୁକ୍ତ ତନ୍ମୟକୁ ସମୁଦ୍ରକୂଳ ଥାନା ପୋଲିସ ସେହି ଦିନ ଗିରଫ କରି ପଚାର ଉଚରା କରୁଥିବା ପୁରୀ ଏସ୍ପି ପ୍ରତୀକ ସିଂ ପ୍ରକାଶ କରିଥିଲେ।

# ନାରଗୋଦା-ତମାଣ୍ଡୋ ଉ.ପ୍ରା ବିଦ୍ୟାଳୟର ଶତବାର୍ଷିକୀ ଜୟନ୍ତୀ



**ମୁଣ୍ଡମୁହାଣ,୧୦।୧/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ଭୁବନେଶ୍ୱର ବ୍ଲକ ନାରଗୋଦା-ତମାଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଜୟନ୍ତୀ ଉତ୍ସବ ଆଜି ଉଦ୍ଘାଟନ ହୋଇଯାଇଛି।ନାରଗୋଦା-ତମାଣ୍ଡୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଆଲୁମିନି ଟ୍ରଷ୍ଟ ଆନୁକୂଲ୍ୟରେଏହି ଶତ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ଚାଲିବ। ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍ଘାଟନ ଉତ୍ସବରେ ଓଡିଶାର ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚରିତ୍ର ଗଠନରେ ପ୍ରଥମିକ ବିଦ୍ୟାଳୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରଥମିକ ବିଦ୍ୟାଳୟ ହିଁ ଛାତ୍ର ଛାତ୍ରୀ ମାନଙ୍କ ମୂଳଦୁଆ ପକାଇଥାଏ।ଯାହା ଫଳରେ ଛାତ୍ର ଛାତ୍ରୀ ମାନେ ସେମାନଙ୍କ ଉତମ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ। ଆଜି ଏହି ଶତ ବାର୍ଷିକ ଜୟନ୍ତୀ ଉତ୍ସବରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢି ତାଙ୍କ ଶୈଶବ ଶିକ୍ଷା ଲାଭ ସମୟର କଥା ମନେ ପକାଇ ଛାତ୍ର ଛାତ୍ରୀ ମାନଙ୍କୁ ଏହି ପରାମର୍ଶ ଦେଇଥିଲେ। ସେହିଭଳି ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ଦୁଶାସନ ସ୍ୱାଇଁ, ଆଲୁମିନି ଟ୍ରଷ୍ଟ ଉପସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କୁମାର ପଟ୍ଟନାୟକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦେବସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ୧୯୨୫ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ଆଜି ୨୦୨୬ ମସିହାରେ ଉପନିତ ହୋଇଛି। ଦେଶ ସ୍ୱାଧୀନତା ପୂର୍ବରୁ ଯେଉଁ ମହାତ୍ମାମାନେ ଏହି ବିଦ୍ୟାଳୟର ପରିକଳ୍ପନା କରି ସଫଳ ହୋଇଥିଲେ ସେମାନେ ଏବେ ନାହାନ୍ତି ସତ କିନ୍ତୁ ସେମାନଙ୍କ ଅବଦାନ ଏହି ଅଞ୍ଚଳକୁ ଆଲୋକିତ କରି ଆସୁଛି ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବୟୋଜ୍ୟେଷ୍ଠ ପୁରାତନ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ରେଡକ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରର ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହା ସହ ମଣିପାଲ ହସ୍ପିଟାଲର ଅଭିଜ୍ଞ ବିଶେଷଜ୍ଞ ମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୭୨ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରି ଔଷଧ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଭଜନ ଓ ନୃତ୍ୟ ନାଟିକା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ନିତିଦିନ NITIDIN
ରବିବାର, ୧୧ ଜାନୁଆରୀ,୨୦୨୬

**ନିତି ଭାରତୀ**

ସଫଳତା ସେହି ବ୍ୟକ୍ତି ପାଏ ଯିଏ ନିରନ୍ତର ପ୍ରୟାସ ଜାରି ରଖିଥାଏ।
-ଡକ୍ଟର ଏପିଜେ ଅବଦୁଲ କଲାମ।



**ଭଦ୍ରଂ କର୍ଣେଭିଃ ଶୃଣୁୟାମ ଦେବା...**

ମନୋଜ କୁମାର ମହାପାତ୍ର

# ଜଗତ କ'ଣ ସତରେ ମିଥ୍ୟା ? (୩)

ଆମେ ପୂର୍ବ ଅଧ୍ୟାୟ(୨)ରେ ଆଲୋଚନା କରିଥିଲେ ଯେ ଜଗତକୁ ସତ ମଣିବାରୁ ଆମେ ସାଧାରଣତଃ ଜଗତ ପଶ୍ଚାତରେ ଥିବା ଅଧିଷ୍ଠାନ (substratum)କୁ ଭୁଲିଯାନ୍ତି। ଏହି ବିସ୍ମରଣ ହିଁ ଆଦି ଶଙ୍କରାଚାର୍ଯ୍ୟଙ୍କର ବେଦାନ୍ତ ଭାଷାରେ ମାୟା। ପାଠକେ, ମାୟା ବିଷୟରେ କିଛି ଜାଣିବା ପୂର୍ବରୁ ଶକ୍ତି ବା ଏନର୍ଜିକୁ ଜାଣିବା ଉଚିତ। ପ୍ରଥମ ଅଧ୍ୟାୟରେ ଆମେ ଦେଖିଥିଲେ ଯେ ବିଜ୍ଞାନ ମାସ୍‌ରୁ ଏନର୍ଜି ଓ ଏନର୍ଜିରୁ ଅଟମ୍ ଏବଂ ଶେଷରେ ସବ୍-ପାର୍ଟିକ୍ଲରୁ କ୍ୱାଣ୍ଟମ୍ ପାଖରେ ଆମକୁ ପହଞ୍ଚାଇ ଦେଇଛି। ଫିଜିକ୍ସ କହିଲା ଯେ ଆମେ ଯେଉଁ ଜଗତ ବା ବସ୍ତୁକୁ ଦେଖନ୍ତି, ତା'ର ପଶ୍ଚାତରେ ରହିଛି କେବଳ ଲହରି (Wave)ର ରୂପରେ ସବୁକିଛି। ଏଠାରେ ସେସବୁ ଆଲୋଚନା କରିବା ନିଷ୍ପ୍ରୟୋଜନ। କିନ୍ତୁ ଅଦ୍ୱୈତ ବେଦାନ୍ତ କହେ ଯେ ଯାହାକୁ ଆମେ ଅଧିଷ୍ଠାନ କହନ୍ତି, ସେ ବାସ୍ତବରେ ବ୍ରହ୍ମ। ଜଗତ ହିଁ ତାଙ୍କର ପରିପ୍ରକାଶ। ଏମନ୍ତ ପରିପ୍ରକାଶ କେମିତି ହେଲା ? ମାୟା ଯୋଗୁ। ମାୟା ହିଁ ବ୍ରହ୍ମଙ୍କର ଶକ୍ତି। ଯେହେତୁ ବ୍ରହ୍ମ ଏକ ଓ ଅଦ୍ୱୈତ, ତେବେ କ'ଣ ମାୟା ଅଲଗା ? ଯଦି ଅଲଗା ହୁଏ, ତେବେ ଆମେ ବୁଝିବା ଯେ ବ୍ରହ୍ମ ଓ ଶକ୍ତି ଦୁଇଟି ଜିନିଷ। ଦୁଇଟି ଜିନିଷ ଯଦି ହୁଏ, ତେବେ ବ୍ରହ୍ମ ତ ଦ୍ୱୈତ ହେଇଯିବେ। ଋଷି ଉପନିଷଦରେ କହିଲେ - ନାହିଁ ହେ, କଥାଟା ସେମିତି ନୁହେଁ। ସେ ଦୁହେଁ ଏକ ଓ ଅଦ୍ୱୈତ ଯେମିତି ନିଆଁ ଓ ତା'ର ଦାହିକା-ଶକ୍ତି ବା ସାଗର ଓ ତା'ର ଢେଉ। ନିଆଁରୁ ଦାହିକା-ଶକ୍ତି ବାହାର କରିନେଲେ, ନିଆଁ ଆଉ ନିଆଁ ହେଇ ରହିବନି। ସେମିତି ବ୍ରହ୍ମ ନିଷ୍କ୍ରିୟ ହେଇଯିବେ ଯଦି ଶକ୍ତିକୁ ତାଙ୍କ ଠାରୁ କାଢି ନିଆଯାଏ। ଯେମିତି ନିଆଁରୁ ଦାହିକା-ଶକ୍ତିକୁ ଅଲଗା କରିବା ସମ୍ଭବ ନୁହେଁ, ଠିକ୍ ସେମିତି ବ୍ରହ୍ମଙ୍କ ଠାରୁ ଶକ୍ତିକୁ ପୃଥକ୍ କରିବା ଅସମ୍ଭବ। ସୁତରାଂ ଅଦ୍ୱୈତ ବେଦାନ୍ତ କହେ-ସେ ହିଁ ଗୋଟିଏ, ଦୁଇ ବୋଲି ଜିନିଷ କିଛି ନାହିଁ। ଏହା ହିଁ ବ୍ରହ୍ମଙ୍କର ସତ୍ୟ ସ୍ୱରୂପ।

ବ୍ରହ୍ମ ସ୍ୱୟଂ ନିଜ ଶକ୍ତି ମାଧ୍ୟମରେ ଜଗତକୁ ପରିପ୍ରକାଶ କରନ୍ତି, ଯାହାକୁ ଆମେ ସୃଷ୍ଟି, ସ୍ଥିତି ଓ ବିନାଶ କହନ୍ତି। ଏହି ଶକ୍ତି ସ୍ୱାଧୀନ ଭାବରେ କିଛି କରିପାରିବେନି, କାରଣ ତାଙ୍କର ବିଲ୍‌କୁଲ ସ୍ୱତନ୍ତ୍ର-ଅସ୍ତିତ୍ୱ ନାହିଁ। ସେ ହିଁ ବ୍ରହ୍ମମୟୀ ଶକ୍ତି ଯାହାଙ୍କ ଠାରୁ ଉର୍ଜ୍ଜା ବା ବଳ ଉତ୍ସାରିତ ହୁଏ ଏବଂ ସେହି ଉର୍ଜ୍ଜା ଅନେକ ନାମ ଓ ରୂପରେ ରୂପାନ୍ତରିତ ହେଉଥାଏ ଯଥା - ଘରେ ଟିଭି ଚାଲିବା ଠାରୁ ପରମାଣୁ ବୋମା ଫୁଟିବା ବା ମହାକାଶକୁ ରକେଟ୍ ବା ସ୍ପେସ୍-ସିପ୍ ଉତ୍‌କ୍ଷେପିତ ହେବା ପର୍ଯ୍ୟନ୍ତ। ପାଠକେ, ଆମେ ଭୌତିକ ବଳ ବା ଉର୍ଜ୍ଜାକୁ ସାଧାରଣ ଅର୍ଥରେ ଶକ୍ତି କହନ୍ତି ବା ବିଭିନ୍ନ ବ୍ୟବହାରରେ ପ୍ରୟୋଗ କରନ୍ତି, ବ୍ରହ୍ମମୟୀ-ଶକ୍ତି କିନ୍ତୁ ସେପରି ଶକ୍ତି ନୁହନ୍ତି। ସବୁ ପ୍ରକାର ବଳ ବା ଉର୍ଜ୍ଜା ଯେଉଁଠାରୁ ନିଃସୃତ ହୁଏ ସେ ହିଁ ମହାଶକ୍ତି ବା ମାୟା। ମାୟାର ଅର୍ଥ ନୁହେଁ ମ୍ୟାଜିକ୍, ଯାଦୁ ବା ଅନ୍ୟ କିଛି ସମ୍ମୋହନୀୟ ଶକ୍ତି। ବ୍ରହ୍ମଙ୍କର ନିଜର ଶକ୍ତି ହିଁ ବ୍ରହ୍ମ ଶକ୍ତି।

କେମିତି ଆମେ ସାଧାରଣ ମନରେ ସେହି ମହାଶକ୍ତିକୁ ବୁଝିବା ? ଆମେ ଶପ୍ତସତୀ ଚଣ୍ଡୀରେ ଦେଖନ୍ତି ଯେ ଯେତେବେଳେ ଅସୁର ଶୁମ୍ଭ ଦେବୀ-ଦୁର୍ଗାଙ୍କୁ ଚ୍ୟାଲେଞ୍ଜ କରି କହିଲା - ହେ ଉଦ୍ଧତ, ଗର୍ବୀ ଦେବୀ ! ତୁମ ସହିତ ଅନେକ ଦେବୀ ସାଙ୍ଗରେ ରହି ଯୁଦ୍ଧ କରୁଥିବାରୁ ତୁମେ ନିଜକୁ ଅପରାଜେୟ ଭାବୁଛ। ଯଦି ସାହସ ଅଛି, ତୁମେ ମୋ ସହିତ ଏକଲା ଯୁଦ୍ଧ କର। ଦେବୀ ଦୁର୍ଗା କହିଲେ - ଆରେ ମୂର୍ଖ ! ମୁଁ ତ ଏକ, ମୋର ଦ୍ୱିତୀୟ କେଉଁଠୁ ଆସିବ ? ଏକୈବାହମ୍ ଜଗତ୍ୟ ଅତ୍ର ଦ୍ୱିତୀୟ କା ମମପରା, ପଶୈତା ଦୁଷ୍ଟ ମୟ ଏବ ବିଶନ୍ତ୍ୟୋ ମଦବିଭୂତୟାଃ। ତୁ ଯାହା ଦେଖୁଛୁ ଏହି ଜଗତରେ ଇୟେ ସବୁ ମୋର ପରିପ୍ରକାଶ (Projections) ମାତ୍ର। ହେଇ ଦେଖ ମୂଢ, ମୁଁ କିପରି ଏକ ହୋଇଯାଉଛି। ଦେବୀ ଦୁର୍ଗା ନିଜର ବିଭୂତି-ରୂପୀ ମାତୃଗଣଙ୍କୁ ନିଜ ଭିତରେ ସମାସୀନ କରି ଏକଲା ଦୁର୍ଦ୍ଦାନ୍ତ ଶୁମ୍ଭ ସହିତ ଯୁଦ୍ଧ କରିବାକୁ ଲାଗିଲେ।

ଆହୁରି ଟିକେ ସରଳ ଭାବରେ ବୁଝିବାକୁ ହେଲେ ଆସନ୍ତୁ କେନୋପନିଷଦର ଏକ ସୁନ୍ଦର ରୂପକଥା ଉପରେ ନଜର ପକାଇବା, ଯେଉଁଥିରୁ ଆମେ ବୁଝିପାରିବା ବ୍ରହ୍ମ କେମିତି ସକଳ ଶକ୍ତିର ଆଧାର ଓ ମନୁଷ୍ୟ ସମେତ ଜୀବମାନଙ୍କର ଅଧିଷ୍ଠାନ (Substratum), ଯାହାଙ୍କର ବିନା ଉପସ୍ଥିତିରେ ଜଗତ ସହିତ ଆମର ଅସ୍ତିତ୍ୱ ଅସମ୍ଭବ। ଏକଦା ଦେବତାଗଣ ବ୍ରହ୍ମଙ୍କର ଶକ୍ତି ଦ୍ୱାରା ବଳିଆନ ହେଇ ରାକ୍ଷସମାନଙ୍କ ସହିତ ଯୁଦ୍ଧରେ ବିଜୟ ଲାଭ କରି ଗର୍ବରେ ଫାଟିପଡିଲେ। ସେମାନଙ୍କର ଗର୍ବ ଓ ଅଭିମାନକୁ ଖର୍ବ କରିବା ନିମନ୍ତେ ବ୍ରହ୍ମ ସ୍ୱୟଂ ଏକ ସାକାର ଜ୍ୟୋତିର୍ମୟ ରୂପ ନେଇ ଆବିର୍ଭୂତ ହେଲେ। ଏମନ୍ତ ଅଭୂତପୂର୍ବ ଅଦେଖା ରୂପକୁ ଦେଖି ଦେବତାମାନେ ଭୟଭୀତ ହେଇ ଅଗ୍ନିଙ୍କ ନିକଟରେ ପହଞ୍ଚି କହିଲେ - ହେ ସର୍ବଜ୍ଞ ଅଗ୍ନିଦେବ ! ଆମେ ଏକ ଅଦ୍ଭୁତ ଜ୍ୟୋତିର୍ମୟ ଯକ୍ଷ ଦେଖିଲୁ, ଆପଣ କହନ୍ତୁ ସେ କିଏ ? ଅଗ୍ନି କ୍ଷୀପ୍ର ବେଗରେ ସେହି ଜାଗାକୁ ଯାଇ ଦିବ୍ୟସତ୍ତା ରୂପୀ ଯକ୍ଷଙ୍କୁ କହିଲେ - 'ମୁଁ ଅଗ୍ନି। ଏ ଜଗତରେ ଯାହାସବୁ ଅଛି, ମୁଁ କ୍ଷଣିକରେ ଭସ୍ମୀଭୂତ କରିପାରେ।' ସେହି ଦିବ୍ୟସତ୍ତା ଗୋଟିଏ ଶୁଖିଲା ଘାସଟିଏ ସମ୍ମୁଖରେ ରଖି କହିଲେ -ଏହାକୁ ଜାଳି ଦିଅନା ଟିକେ। ଅଗ୍ନି ଶୁଖିଲା ଘାସଟିକୁ ଜଳାଇ ପାରିଲେନି ବରଂ ଅଗ୍ନି ଲଜ୍ଜାରେ ପଳାଇ ଆସି ଦେବତାମାନଙ୍କୁ କହିଲେ - 'ବାପ୍‌ରେ ବାପ୍ ବାସ୍ତବରେ ସେ କିଏ, ମୋର ଜାଣିବାର ସାମର୍ଥ୍ୟ ନାହିଁ।'

ତା'ପରେ ଦେବତାମାନେ ବାୟୁ-ଦେବତାଙ୍କୁ କହିଲେ। ସେ ବି ଗର୍ବରେ ଉନ୍ମତ୍ତ ହେଇ କ୍ଷୀପ୍ରଗତିରେ ସେହି ଦିବ୍ୟସତ୍ତାଙ୍କ ପାଖରେ ପହଞ୍ଚି କହିଲେ - 'ମୁଁ ଅତ୍ୟନ୍ତ ଶକ୍ତିଶାଳୀ ବାୟୁ। ପୃଥିବୀର ସବୁ ପଦାର୍ଥକୁ ମୁହୂର୍ତ୍ତକେ ଉଡାଇ ପାରିବି। ମୁଁ ଶୂନ୍ୟରେ ବିଚରଣ କରେ।' ଛଦ୍ମବେଶୀ ଯକ୍ଷ ପୁନଶ୍ଚ ଗୋଟିଏ ସରୁ ଘାସଟିଏ ଆଗରେ ରଖି କହିଲେ, 'ୟାକୁ ଟିକେ ଉଡାଇ ଦିଅନା'। କିନ୍ତୁ ବାୟୁ ଘାସଟିକୁ ଟିକିଏ ବି ହଲାଇ ପାରିଲେନି। ଲଜ୍ଜାରେ ଜର୍ଜରିତ ହେଇ ସେ ମଧ୍ୟ ସେଠାରୁ ପଳାଇ ଆସିଲେ।

ଇନ୍ଦ୍ରଙ୍କ ପାଖରେ ଦେବତାମାନେ ପହଞ୍ଚି ସେହି ଛଦ୍ମବେଶୀ ଦିବ୍ୟସତ୍ତାଙ୍କ ସମ୍ବନ୍ଧରେ କହିବାରୁ ଇନ୍ଦ୍ର ଶୀଘ୍ର ସେଠାକୁ ଗମନ କଲେ। ଇନ୍ଦ୍ର ସେଠାରେ ପହଞ୍ଚିବା ମାତ୍ରେ ଛଦ୍ମବେଶୀ ଯକ୍ଷ ଅନ୍ତର୍ଦ୍ଧାନ ହେଇଗଲେ। ଅଗ୍ନି ଓ ବାୟୁ ଭଳି ଇନ୍ଦ୍ର ସେଠାରୁ ପଳାୟନ ନ କରି ଦଣ୍ଡାୟମାନ ହେଲେ। ଇତ୍ୟବସରେ ଶୂନ୍ୟରେ ବିଚରଣରତା ଦେବୀ ଉମାଙ୍କୁ ଅବଲୋକନ କରି ଇନ୍ଦ୍ର ପଚାରିଲେ - ମାତଃ, ଆପଣ ତ ଜଗତର ମହାଶକ୍ତି ଓ ଜ୍ଞାନଗୁରୁ ଦେବଦେବ ଶଙ୍କରଙ୍କ ଶକ୍ତି-ସ୍ୱରୂପା ଅଟନ୍ତି। ଆପଣ ଏହି ଦିବ୍ୟପୁରୁଷଙ୍କୁ ନିଶ୍ଚୟ ଜାଣିଥିବେ। ସେ କିଏ ଦୟାକରି କୁହନ୍ତୁ।

ଦିବ୍ୟସତ୍ତା-ରୂପୀ ଯକ୍ଷ ଯେଉଁ ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଥିଲେ ସେହି ସ୍ଥାନରେ ଦେବୀ ଆବିର୍ଭୂତା ହୋଇ କହିଲେ - ତୁମେ ଯାହାଙ୍କୁ ଛଦ୍ମବେଶୀ ଯକ୍ଷ ବୋଲି ଭାବୁଥିଲ, ସେ ସ୍ୱୟଂ ପରଂବ୍ରହ୍ମଙ୍କର ଏକ ସଗୁଣ ରୂପ ଅଟନ୍ତି। ଅସୁରମାନଙ୍କୁ ଜୟ କରିବା ପାଇଁ ସେ ଦେଇଥିଲେ ଦେବତାମାନଙ୍କୁ ଶକ୍ତି। କିନ୍ତୁ ପରଂବ୍ରହ୍ମଙ୍କର ଶକ୍ତିକୁ ସେମାନେ ନିଜର ଶକ୍ତି ଭାବି ଗର୍ବ ଓ ଅହଙ୍କାରରେ ବଶୀଭୂତ ହେଇଗଲେ। ଅଜ୍ଞାନ ଓ ଭ୍ରମରେ ପଡି ପ୍ରକୃତ ସତ୍ୟକୁ ଭୁଲିଗଲେ। ସେମାନଙ୍କୁ ଚେତାଇ ଦେବା ପାଇଁ ସ୍ୱୟଂ ବ୍ରହ୍ମ ଏପରି ଏକ ଅଦ୍ଭୁତ ବେଶ ଧାରଣ କରି ଦେବତାମାନଙ୍କ ନିକଟକୁ ଆସିଥିଲେ। ତେଣୁ ଏହି ସଚରାଚର ବ୍ରହ୍ମଙ୍କୁ ଚିହ୍ନିବା ପାଇଁ ନିଜର ସ୍ୱାତନ୍ତ୍ର୍ୟକୁ ପରିତ୍ୟାଗ କର। ତେବେ ଶକ୍ତି ଓ ବ୍ରହ୍ମ ଏକ ବୋଲି ତୁମେମାନେ ବୁଝିପାରିବ।

ଅଦ୍ୱୈତ ବେଦାନ୍ତର ଗୂଢ ତତ୍ତ୍ୱକୁ ବୁଝାଇ ଶଙ୍କର କହନ୍ତି - ମାୟା ଏପରି ବ୍ରହ୍ମାଣ୍ଡୀୟ ଶକ୍ତି ବା ଦିବ୍ୟ ଭ୍ରମ, ଯାହା ଅପରିବର୍ତ୍ତନୀୟ ବାସ୍ତବିକତା ପରମସତ୍ୟ (ବ୍ରହ୍ମ)ଙ୍କୁ ଆବୃତ କରି ବିବିଧ ପରିବର୍ତ୍ତନଶୀଳ ନାମ ଓ ରୂପର ସଂସାରକୁ ପ୍ରକଟ କରିଦିଅନ୍ତି ଏବଂ ଆମର ସଚ୍ଚା-ଦିବ୍ୟ ସ୍ୱରୂପକୁ ଢାଙ୍କି ଦିଅନ୍ତି ଏବଂ ଏକ ଅଲଗା ସ୍ୱ (ଅହଙ୍କାର) ତଥା ବ୍ରହ୍ମଙ୍କ ଠାରୁ ଭିନ୍ନ ସଂସାରର ଅନୁଭୂତି ଉତ୍ପନ୍ନ କରିଦିଅନ୍ତି। ଏହା ଏକ ରହସ୍ୟମୟ, ଶକ୍ତିଶାଳୀ ବଳ ଯାହା ଅବାସ୍ତବିକ ନୁହେଁ। କାହିଁକି ନା ମିଥ୍ୟା (ଅନିର୍ଦ୍ଧାରଣୀୟ) ଯାହା ଚେତନାକୁ ଅଜ୍ଞାନ ମାଧ୍ୟମରେ ସେ ପର୍ଯ୍ୟନ୍ତ ବାନ୍ଧି ରଖେ ଯେ ପର୍ଯ୍ୟନ୍ତ ବ୍ରହ୍ମଙ୍କର ସଚ୍ଚା-ଜ୍ଞାନ ପ୍ରକଟିତ ନ ହେଇଛି। ସଚ୍ଚା-ଜ୍ଞାନର ଉଦୟ ହେଲେ, ମାୟା ସ୍ୱପ୍ନ ଭଳି ଅନ୍ତର୍ହିତ ହେଇଯାଏ।

ଶ୍ରୀ ରମଣ ମହର୍ଷି ମାୟାକୁ ଏକ ଅନ୍ୟ ଦୃଷ୍ଟାନ୍ତ ଦ୍ୱାରା ବୁଝାଇଛନ୍ତି। ସେ କହନ୍ତି - ଯଦି ଆମେ ଅଗ୍ନିକୁ ଆଧାର ମାନନ୍ତି, ତେବେ ସେଥିରୁ ସ୍ଫୁଲିଙ୍ଗ (Spark) ବାହାରେ। ସ୍ଫୁଲିଙ୍ଗ ହେଉଛି ଅଗ୍ନିର ଏକ ରୂପ। ସ୍ଫୁଲିଙ୍ଗକୁ ଅଗ୍ନି ଭିତରେ ଦେଖିହୁଏନି। କିନ୍ତୁ ସ୍ଫୁଲିଙ୍ଗ ସେଥିରୁ ଉତ୍ପନ୍ନ ହୁଏ। ଏହି ଦୃଷ୍ଟାନ୍ତରୁ ଆମେ ନିଷ୍କର୍ଷ ବାହାର କରନ୍ତି ଯେ ଅଗ୍ନିର ଏକ ଅନ୍ତର୍ନିହିତ ଶକ୍ତି ଅଛି ଯାହା ସ୍ଫୁଲିଙ୍ଗକୁ ଉତ୍ପନ୍ନ କରେ। ଏହି ପ୍ରକାରେ ବ୍ରହ୍ମଙ୍କ ଭିତରେ ଛୁପି ରହିଥିବା ଏକ ଶକ୍ତି ସଂସାରର ଭ୍ରମକୁ ସୃଜନ କରୁଛି। ଏହି ଶକ୍ତିର ଆଧାର ହେଉଛନ୍ତି ବ୍ରହ୍ମ ଏବଂ ଜଗତ ତାହାର ପ୍ରଭାବ। ଏହି ଶକ୍ତି ନା ବ୍ରହ୍ମ ଅଟନ୍ତି, ନା ହିଁ ଜଗତ। କାହିଁକି ନା ଉଭୟ ଠାରୁ ସେ (ମାୟା) ଭିନ୍ନ।

ମାୟାକୁ ପରିଭାଷିତ କରି ହେବନି। ଯଦ୍ୟପି ଏହା ବିଦ୍ୟମାନ ତଥାପି ସେ ଅଗୋଚର ହେଇରହନ୍ତି। ଅତଃ ମାୟାର ସ୍ୱରୂପ ଅବର୍ଣ୍ଣନୀୟ ଓ ଅନିର୍ବଚନୀୟ। କାହିଁକି ଅନିର୍ବଚନୀୟ ଓ ଅବର୍ଣ୍ଣନୀୟ ? ମାୟା ଆବରଣ-ଶକ୍ତି ଦ୍ୱାରା ବ୍ରହ୍ମଙ୍କର ପ୍ରକୃତ ସ୍ୱରୂପକୁ ଜାଣିବାଲାଗି ଆମର ଦିବ୍ୟତାକୁ ଭୁଲାଇ ଦେଉଛନ୍ତି। କେମିତି ଭୁଲାଇ ଦିଅନ୍ତି ? ଏକ ସ୍ଥିର ଓ ଅପରିବର୍ତ୍ତିତ ସ୍କ୍ରିନ୍‌ରେ ଚାଲୁଥିବା ସିନେମାର ବିଭିନ୍ନ ରୂପରେ ଭୋଳ ହେଇ ଆମେ ଭାବାବେଗର ସୁଅରେ କେବେ ହସନ୍ତି ତ କେବେ ବି ଆଖିର ଲୁହ ଜମିଆସେ କିନ୍ତୁ ସ୍କ୍ରିନ୍ କେବେ ପରିବର୍ତ୍ତନ ହୁଏନି। ଏବଂ ତାଙ୍କର ବିକ୍ଷେପଣ-ଶକ୍ତି ସତ୍ୟ (ବ୍ରହ୍ମ)ଙ୍କୁ ଜଗତ ଭଳି ଦେଖାଇ ଆମ ଆଗରୁ ଲୁଚି ଯାଆନ୍ତି। କେମିତି ଜାଣନ୍ତି ? କ୍ଷୀଣ ଆଲୋକରେ ମୋଡିମାଡି ପଡିଥିବା ଦଉଡିକୁ ସାପ ଭଳି ଦେଖାଇଦେବା ଭଳି। ଦଉଡି ଜାଗାରେ ସାପକୁ ସତ ଭାବନ୍ତି। ପ୍ରଥମେ ଆବରଣ-ଶକ୍ତି ଦ୍ୱାରା ଦଉଡିର ସ୍ୱରୂପକୁ ଲୁଚାଇଦେଲେ ଏବଂ ପୁଣି ବିକ୍ଷେପଣ-ଶକ୍ତି ଦ୍ୱାରା ଦଉଡିକୁ ସାପ ଭଳି ଦେଖାଇଦେଲେ। ଠିକ୍ ସେହିଭଳି ଆମେ ବ୍ରହ୍ମଙ୍କ ଜାଗାରେ ଜଗତକୁ ସତ ଭାବନ୍ତି, ଏହି ମାୟା ଯୋଗୁ। ହଁ, ଆଉ ଗୋଟିଏ କଥା ଏଠାରେ କହିଦିଏ। ଏହି ମାୟା-ଶକ୍ତି ମାଧ୍ୟମରେ ଆମେ ପରମସତ୍ୟଙ୍କୁ ଉପଲବ୍ଧି କରିପାରିବା କି ?

ଏହାର ଉତ୍ତରଟିଏ ଆମକୁ ଶ୍ରୀ ଚଣ୍ଡୀରୁ ମିଳିଯିବ। ରାଜା ସୁରଥ ଓ ବୈଶ୍ୟ ସମାଧି ମେଧାଋଷିଙ୍କ ଠାରୁ ଦେବୀଙ୍କର ରହସ୍ୟ ଶୁଣିବା ପରେ ଉଭୟେ ଶକ୍ତିଙ୍କର ଉପାସନା ଆରମ୍ଭ କଲେ। ରାଜା ସୁରଥ ନିଜର ଅପହୃତ ରାଜ୍ୟ ପାଇବା ଆଶାରେ ସାଧନା କଲେ ଏବଂ ସମାଧି ବ୍ରହ୍ମ-ଉପଲବ୍ଧି ନିମନ୍ତେ ସାଧନା କଲେ। ଦୁହିଁଙ୍କର ଅଭୀଷ୍ଟ ପୂରଣ ହେଲା। ତେବେ କାହିଁକି ଶଙ୍କର କହିଲେ ଜଗତ ମିଥ୍ୟା ? ପରବର୍ତ୍ତୀ ଆଲେଖ୍ୟରେ ଆଲୋଚନା କରିବା। ■ (କ୍ରମଶଃ)

# ଆର୍ଥିକ ସ୍ୱାବଲମ୍ବନ ଏବଂ ସ୍ୱାୟତ୍ତତା ହାସଲ କରିବା ଲାଗି ଆତ୍ମନିର୍ଭର ହେଉଛି ଭାରତ : ଶକ୍ତିକାନ୍ତ ଦାସ



ଶକ୍ତିକାନ୍ତ ଦାସ

- ବିବେକ ଦେବରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସଙ୍କ ଉଦ୍‌ବୋଧନ।
- ଭୂରାଜନୈତିକ ଏବଂ ବାଣିଜ୍ୟ ନୀତି ବିଶ୍ୱ ଅର୍ଥବ୍ୟବସ୍ଥାକୁ ଦେଉଛି ଏକ ନୂଆ ଆକାର।
- ପ୍ରତିଦ୍ୱନ୍ଦ୍ୱିତା, ଆତ୍ମସୁରକ୍ଷା ଏବଂ ବିଭାଜନ କାରଣରୁ ବିଶ୍ୱବ୍ୟାପୀ ସୃଷ୍ଟି ହୋଇଛି ଅସ୍ଥିରତା।
- ଭାରତ ଏକ ସହଯୋଗୀ ତଥା ନିୟମ ଆଧାରିତ ବୈଶ୍ୱିକ ବ୍ୟବସ୍ଥାକୁ ସମର୍ଥନ କରୁଛି।
- ଢାଞ୍ଚାଗତ ସଂସ୍କାର ଏବଂ ଦକ୍ଷ ଆର୍ଥିକ ପରିଚାଳନା ମାଧ୍ୟମରେ ଭାରତ ବ୍ୟବସାୟିକ ସୁଗମତା ଏବଂ ସହଜ ଜୀବନଧାରଣକୁ ସମର୍ଥନ କରୁଛି।

ବିବେକ ଦେବରାୟ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଜଣେ ପ୍ରବୀଣ ଲେଖକ ଥିଲେ। ସେ ଭାରତକୁ ଯୋଜନା ଆଧାରିତ ଅର୍ଥବ୍ୟବସ୍ଥାରୁ ବଜାର ଆଧାରିତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ ବୋଲି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ ସେଣ୍ଟର ଠାରେ ବିବେକ ଦେବରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି, ସ୍ୱର୍ଗତ ଦେବରାୟ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ, ନୀତି ଆୟୋଗ ସଦସ୍ୟ ଭଳି ବହୁ ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତି ଓ ନୀତିଗତ ସଂସ୍କାରକୁ ପ୍ରଭାବିତ କରିଥିଲା। ସେ ଶିକ୍ଷାବିତ୍ ଏବଂ ନୀତି ନିର୍ଦ୍ଧାରଣକାରୀ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ ଏବଂ ଅର୍ଥନୀତି, ଆଇନ ଓ ସାହିତ୍ୟ ଉପରେ ବ୍ୟାପକ ଭାବେ ଲେଖିଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି, କେବଳ ଅର୍ଥନୀତି ନୁହେଁ ବେଦ, ରାମାୟଣ, ମହାଭାରତ ଏବଂ ଭଗବଦ୍ ଗୀତା ଉପରେ ମଧ୍ୟ ବିବେକ ଦେବରାୟ ଅନେକ ପ୍ରଭାବୀ ରଚନା ଲେଖିଯାଇଛନ୍ତି। ସାହିତ୍ୟ, ଶିକ୍ଷା ଏବଂ ଜନନୀତି କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ୨୦୨୫ରେ ମରଣୋତ୍ତର ଭାବେ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏସବୁ ଅସାଧାରଣ ଉପଲବ୍ଧି ସତ୍ତ୍ୱେ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଏବଂ ସଚ୍ଚୋଟତା ପାଇଁ ସେ ପରିଚିତ ଥିଲେ।

ଏହି କାର୍ଯ୍ୟକ୍ରମରେ 'ଭାରତୀୟ ଅର୍ଥବ୍ୟବସ୍ଥା; ବର୍ଦ୍ଧିତ ବିଶ୍ୱସନୀୟତାର ଏକ କାହାଣୀ ଶୀର୍ଷକ' ବିଷୟବସ୍ତୁ ଉପରେ ମତ ରଖି ଶକ୍ତିକାନ୍ତ ଦାସ କହିଛନ୍ତି, ବର୍ତ୍ତମାନ ଆମେ ଏପରି ଏକ ବିନ୍ଦୁରେ ଛିଡ଼ା ହୋଇଛୁ, ଯେଉଁଠି ପରିବର୍ତ୍ତିତ ଭୂରାଜନୈତିକ ଏବଂ ବାଣିଜ୍ୟ ନୀତି ବିଶ୍ୱ ଅର୍ଥବ୍ୟବସ୍ଥାକୁ ଏକ ନୂଆ ଆକାର ଦେଉଛି। ପାରମ୍ପରିକ ବହୁପକ୍ଷବାଦ ବର୍ତ୍ତମାନ ଚାପରେ ରହିଛି। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମସୁରକ୍ଷା ଏବଂ ବିଭାଜନ କାରଣରୁ ବିଶ୍ୱବ୍ୟାପୀ ଅସ୍ଥିରତା ସୃଷ୍ଟି ହୋଇଛି। ପୂର୍ବରୁ ଜଗତୀକରଣର ନିରପେକ୍ଷ ବାହକ ପାଲଟିଥିବା ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳ ଏବେ ବାଧା ଏବଂ ଆଧିପତ୍ୟର ଉପକରଣ ରୂପେ ବ୍ୟବହୃତ ହେଉଛି। ସେମିକଣ୍ଡକ୍ଟର, ବିରଳ ମୃତ୍ତିକା, ଶକ୍ତି ଏବଂ ଔଷଧ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବର୍ତ୍ତମାନ ପ୍ରଭାବ ବିସ୍ତାର କରିବାର ଉପକରଣ ରୂପେ ବ୍ୟବହାର କରାଯାଉଛି। ଏହା ବିଶ୍ୱରେ ଅନିଶ୍ଚିତତା ସୃଷ୍ଟି କରିବା ସହିତ ବାଣିଜ୍ୟିକ ମାନ୍ଦାବସ୍ଥାକୁ ଡାକି ଆଣିଛି। ଯୋଗାଣ ଶୃଙ୍ଖଳ ନୂଆ ରୂପ ନେଇଥିବା ବେଳେ ବହୁପକ୍ଷୀୟ ବିଶ୍ୱ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବହୀନ ହୋଇପଡ଼ିଛି। ବହୁପାକ୍ଷିକ ସହଯୋଗ ହାସଲ କରିବା କଷ୍ଟକର ହୋଇପଡ଼ିଥିବା ବେଳେ ମୁକ୍ତ ବାଣିଜ୍ୟର ସିଦ୍ଧାନ୍ତ ଏବେ ସୁରକ୍ଷାବାଦ ଏବଂ ଆଞ୍ଚଳିକ ଗୋଷ୍ଠୀ ଦ୍ୱାରା ପ୍ରଭାବିତ ହୋଇଛି।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ କହିଛନ୍ତି, ଭାରତ ଏହି ବାସ୍ତବତାକୁ ସ୍ୱୀକାର କରି ଏକ ସହଯୋଗୀ ତଥା ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାକୁ ସମର୍ଥନ କରୁଛି। ନିଜ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ସହଭାଗିତା ଏବଂ ରଣନୀତି ପ୍ରସ୍ତୁତ କରୁଛି। ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇଲେ ସୁଦ୍ଧା ବହୁପାକ୍ଷିକ ବ୍ୟବସ୍ଥାକୁ ପୁନର୍ଜୀବିତ କରିବାକୁ ଭାରତ ସମର୍ଥନ କରୁଛି। ଶ୍ରୀ ଦାସ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାରତ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ଗ୍ରହଣ କରିଛି। ଆତ୍ମନିର୍ଭରଶୀଳତାର ଅର୍ଥ ବିଚ୍ଛିନ୍ନତା ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ଉତ୍ପାଦନର କ୍ଷମତା ହାସଲ କରିବା। ଏହା ବିଦେଶୀ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଭାରତ ଆତ୍ମନିର୍ଭରଶୀଳତାକୁ ଗ୍ରହଣ କରି ଏକ ରଣନୀତିକ ପଦକ୍ଷେପ ଗ୍ରହଣ କରିଛି। ଆତ୍ମନିର୍ଭରତାର ଦୁଇଟି ପରିପୂରକ ଦିଗ ଅଛି : ଆର୍ଥିକ ସ୍ୱାବଲମ୍ବନ ଏବଂ ଭୂ-ରାଜନୈତିକ ସ୍ୱାୟତ୍ତତା।

ଶ୍ରୀ ଦାସ କହିଛନ୍ତି, ସ୍ଥୂଳ ଆର୍ଥିକ ସ୍ଥିରତା ହାସଲ କରିବା ପାଇଁ ଭାରତର ଆତ୍ମନିର୍ଭରଶୀଳତା ବିଚାରକୁ ଗ୍ରହଣ କରିଛି। ଏହା ସ୍ଥିରତା, ସଂସ୍କାର ଏବଂ ଯୋଜନାର ତ୍ରିମୁଖୀ ଆଧାର ଉପରେ ନିର୍ଭରଶୀଳ। କୋଭିଡ୍ ମହାମାରୀ, ୟୁକ୍ରେନ ସଂଘର୍ଷ, ବିଶ୍ୱ ଦରବୃଦ୍ଧି, ନିମ୍ନ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ସ୍ଥିର ରହିଛି ଏବଂ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ରୂପେ ଉଭା ହୋଇଛି। ସ୍ଥିର ଘରୋଇ ଉପଯୋଗ ଏବଂ ନିବେଶ ଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥା ୮.୨ ପ୍ରତିଶତରୁ ଅଧିକ ବିକାଶ ହାର ହାସଲ କରିପାରିଛି। ୨୦୨୫-୨୬ରେ ବାସ୍ତବ ଜିଡିପି ୭.୪ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବ୍ୟତୀତ, ୨୦୨୫-୨୬ରେ ବିଶ୍ୱ ଜିଡିପି ଅଭିବୃଦ୍ଧିରେ ଭାରତ ପ୍ରାୟ ୧୮ ପ୍ରତିଶତ ଯୋଗଦାନ ଦେବ ବୋଲି ଆକଳନ କରାଯାଇଛି। ସେ ଆହୁରି କହିଛନ୍ତି, ଚତୁର ମୁଦ୍ରା ନୀତି ପରିଚାଳନା ଯୋଗୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ଅକ୍ଟୋବର ୨୦୨୫ରେ ସିପିଆଇ ମୁଦ୍ରାସ୍ଫୀତି ୦.୨୫ ପ୍ରତିଶତ ସହିତ ସର୍ବନିମ୍ନ ରେକର୍ଡ ସ୍ତରରେ ପହଞ୍ଚିଥିଲା।

ଭାରତ ଖୁବ୍ ଦକ୍ଷତାପୂର୍ଣ୍ଣ ଭାବେ ଆର୍ଥିକ ପରିଚାଳନା ମଧ୍ୟ କରୁଛି ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି, ସେ କହିଛନ୍ତି- କେନ୍ଦ୍ର ସରକାରଙ୍କ ମୋଟ ଆର୍ଥିକ ନିଅଣ୍ଟ ୨୦୨୦-୨୧ରେ ୯.୨ ପ୍ରତିଶତରୁ ହ୍ରାସ ପାଇ ୨୦୨୪-୨୫ରେ ୪.୮ ପ୍ରତିଶତକୁ ହ୍ରାସ ପାଇଛି। ସରକାରଙ୍କ ମୋଟ୍ ଋଣ ଜିଡିପି ଅନୁପାତ ୨୦୨୦-୨୧ରେ ୮୮.୪ ପ୍ରତିଶତରୁ ୨୦୨୪-୨୫ରେ ୮୧.୬ ପ୍ରତିଶତକୁ ଖସି ଆସିଛି। ଏହା ୨୦୩୦-୩୧ ସୁଦ୍ଧା ୭୬.୯କୁ ହ୍ରାସ ପାଇବ ବୋଲି ଆଇଏମ୍ଏଫ୍ ଆକଳନ କରିଛି। ସେ ଆହୁରି କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପୁନରୁଦ୍ଧାର ହୋଇଛି। ବ୍ୟାଙ୍କ, ଏନ୍‌ବିଏଫ୍‌ସି ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ସ୍ୱାସ୍ଥ୍ୟ ଏବେ ହୁଏତ ସର୍ବୋତ୍ତମ ସ୍ଥିତିରେ ଅଛି। ବ୍ୟାଙ୍କଗୁଡ଼ିକର ମୋଟ ଅଚଳ ସମ୍ପତ୍ତି ଅବିଶ୍ୱସନୀୟ ସ୍ତରକୁ ଖସିଯାଇଛି। ବାହ୍ୟ କ୍ଷେତ୍ରରେ, ଭାରତର ଦେୟ ସନ୍ତୁଳନ ସ୍ଥିତି ସୁସ୍ଥ ଅଛି ଏବଂ ଚଳନ୍ତି ଖାତା ନିଅଣ୍ଟ ସ୍ଥିର ରହିଛି। ବର୍ତ୍ତମାନ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଡଲାର ରହିଛି। ଦୃଢ଼ ନୀତି ନିର୍ଦ୍ଧାରଣ, ବିଚକ୍ଷଣ ନୀତି ଏବଂ ସ୍ଥିର ବଫର୍‌ର ଫଳାଫଳ ବୋଲି ସେ କହିଥିଲେ।

ଶ୍ରୀ ଦାସ କହିଛନ୍ତି, ଢାଞ୍ଚାଗତ ସଂସ୍କାର କାରଣରୁ ଭାରତ ସ୍ଥିର ଅଭିବୃଦ୍ଧି ହାସଲ କରିଛି ଏବଂ ଏହାର ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଉଛି। ସରକାର ଟିକସ, ଆର୍ଥିକ ଢାଞ୍ଚା, ଶ୍ରମ ନିୟମ ଏବଂ ବ୍ୟବସାୟିକ ସୁଗମତା କ୍ଷେତ୍ରରେ ଅନେକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି। ଜିଏସ୍‌ଟି ଭାରତୀୟ ଅର୍ଥବ୍ୟବସ୍ଥା ପାଇଁ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି । ଗତ ସେପ୍ଟେମ୍ବରରେ ଲାଗୁ ହୋଇଥିବା ନୂଆ ଜିଏସ୍‌ଟି ସଂସ୍କାର ଟିକସ ଢାଞ୍ଚାକୁ ସରଳ ଏବଂ ଅଧିକ ଗ୍ରାହକ ଅନୁକୂଳ କରିଛି। ୨୦୧୬ରେ ଲାଗୁ ହୋଇଥିବା ଦେବାଳିଆ ଓ ଦେବାଳିଆପଣ ସଂହିତା ଭାରତର ଋଣ ସଂସ୍କୃତିରେ ମୌଳିକ ପରିବର୍ତ୍ତନ ଆଣିଛି। ଏହା ଏକ ଆଧୁନିକ ଏବଂ ସମୟବଦ୍ଧ ଦେବାଳିଆପଣ ସମାଧାନ ପ୍ରକ୍ରିୟା ଆରମ୍ଭ କରିବା ସହିତ ଋଣଦାତାଙ୍କୁ ଦ୍ରୁତ ଅସୁଲି ପାଇଁ କ୍ଷମତା ପ୍ରଦାନ କରିଛି। ଏହା ବ୍ୟାଙ୍କିଙ୍ଗ କ୍ଷେତ୍ରରେ ମଧ୍ୟ ସ୍ଥିରତା ଆଣିପାରିଛି। ସେହିପରି ରେରା ଆଇନ ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ସହିତ ଉପଭୋକ୍ତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛି। ୨୯ଟି ଶ୍ରମ ଆଇନକୁ ଚାରିଟି ଶ୍ରମ ସଂହିତାରେ ଏକୀକୃତ କରାଯାଇ ଶ୍ରମିକମାନଙ୍କୁ ଉପଯୁକ୍ତ ମଜୁରି, ମହିଳା ଶ୍ରମିକଙ୍କ ଅଂଶଗ୍ରହଣ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଏବଂ ବୃତ୍ତିଗତ ନିରାପତ୍ତା ସୁନିଶ୍ଚିତ କରାଯାଇଛି। ୧୪ଟି ପ୍ରମୁଖ କ୍ଷେତ୍ରରେ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଯୋଜନା ଉତ୍ପାଦନ ବୃଦ୍ଧି କରିଛି। ଏହା ବ୍ୟତୀତ ମେକ୍ ଇନ୍ ଇଣ୍ଡିଆ, ଜାତୀୟ ଭିତ୍ତିଭୂମି ପାଇପ୍‌ଲାଇନ୍, ଗତିଶକ୍ତି, ଡିଜିଟାଲ୍ ଇଣ୍ଡିଆ ମିଶନ, ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ, ଭାରତମାଳା, ସାଗରମାଳା, ଉଡ଼ାନ ଯୋଜନା ଆଦି ଦେଶର ସାମଗ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିଥିବା ଶ୍ରୀ ଦାସ କହିଛନ୍ତି।

ଶକ୍ତିକାନ୍ତ ଦାସ କହିଛନ୍ତି, ବ୍ୟବସାୟିକ ସୁଗମତା ଏବଂ ଜୀବନଧାରଣର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଗତ କିଛି ବର୍ଷ ମଧ୍ୟରେ, ୪୦,୦୦୦ରୁ ଅଧିକ ଅନାବଶ୍ୟକ ଅନୁପାଳନ ଏବଂ ୧,୫୦୦ ପୁରୁଣା ଆଇନକୁ ଉଚ୍ଛେଦ କିମ୍ବା ସଂଶୋଧନ କରାଯାଇଛି। ଜନ ବିଶ୍ୱାସ ଆଇନ ପ୍ରକ୍ରିୟାଗୁଡ଼ିକୁ ସୁଗମ କରିବା, ଡିଜିଟାଲ୍ ଅନୁପାଳନକୁ ସକ୍ଷମ କରିବା ଏବଂ 'ପୁଲିସିଂ'ରୁ 'ସୁବିଧା ପ୍ରଦାନ' ଆଡ଼କୁ ଶାସନକୁ ପରିବର୍ତ୍ତିତ କରିଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ, ଇଲେକ୍ଟ୍ରୋନିକ୍ ଉପକରଣ ଉତ୍ପାଦନ ଯୋଜନା, ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସମର୍ଥନ ପ୍ୟାକେଜ୍, ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଏବଂ ଭାରତରେ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗ୍ନେଟ୍ ନିର୍ମାଣ ପାଇଁ ସାମ୍ପ୍ରତିକ ଯୋଜନା ଭଳି ଅନେକ ପଦକ୍ଷେପ ଆତ୍ମନିର୍ଭର ଭାରତ ନିର୍ମାଣରେ ଯୋଗଦାନ ଦେଉଛି। ଆୟୁଷ୍ମାନ ଭାରତ ଯୋଜନା ସାଧାରଣ ନାଗରିକଙ୍କ ଚିକିତ୍ସା ଖର୍ଚ୍ଚ ହ୍ରାସ କରିଛି।

ଶ୍ରୀ ଦାସ ଆହୁରି କହିଛନ୍ତି, ଯୁବ ଜନସଂଖ୍ୟା, ବିଶ୍ୱରେ ଅଗ୍ରଣୀ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି, ପ୍ରଯୁକ୍ତି ଏବଂ ଏଆଇ ସମ୍ଭାବନା, ଗଭୀର ଆର୍ଥିକ ଅନ୍ତର୍ଭୁକ୍ତିକରଣ ଭଳି ସାମର୍ଥ୍ୟ ଭାରତର ଭବିଷ୍ୟତ ଅଭିବୃଦ୍ଧିକୁ ଆଗେଇ ନେବ। ଭାରତକୁ ଏଆଇ ବିକାଶର ଏକ ପ୍ରମୁଖ କେନ୍ଦ୍ର କରିବା ଲକ୍ଷ୍ୟରେ ସରକାର ଏଆଇ ମିଶନ ମଧ୍ୟ ସ୍ଥାପନ କରିଛନ୍ତି। ଘରୋଇ ଉଦ୍ୟୋଗୀଙ୍କ ପାଇଁ ମହାକାଶ କ୍ଷେତ୍ର ଖୋଲାଯିବା ଫଳରେ ଭାରତରେ ଷ୍ଟାର୍ଟଅପ୍‌ଗୁଡ଼ିକ ଉପଗ୍ରହ ଏବଂ ଉତ୍କ୍ଷେପଣ ଯାନ ନିର୍ମାଣ କରିବାରେ ସଫଳ ହୋଇଛି।

ଶେଷରେ ଶ୍ରୀ ଦାସ କହିଥିଲେ, ଭାରତ ବର୍ତ୍ତମାନ ଏକ ଐତିହାସିକ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଛିଡ଼ା ହୋଇଛି। ବିଶ୍ୱ ସ୍ତରରେ ଆର୍ଥିକ ଅନିଶ୍ଚିତତା ଆସିବା ସତ୍ତ୍ୱେ ବର୍ତ୍ତମାନ ଦେଶ ଗ୍ରହଣ କରିଥିବା ନୀତିଗତ ପଦକ୍ଷେପ ଭାରତକୁ ନିଶ୍ଚିତ ଭାବେ ଏକ ବିକଶିତ ରାଷ୍ଟ୍ର ଦିଗରେ ନେଇଯିବ। ■

ନୂଆଦିଲ୍ଲୀ

# ଆବେଗବିହୀନ ଜୀବନ



ଧ୍ରୁବ ଚରଣ ଘିବେଲା

ଆଜିକାଲି ବ୍ୟକ୍ତିର ଜୀବନ ଲାଗୁଛି ଯେମିତି ଖାଆଁ ଖାଆଁ। ଜୀବନରେ ନାହିଁ ପୂର୍ଣ୍ଣତା। ରହିଛି ଖାଲି ଶୂନ୍ୟତା। ଜୀବନରେ ବ୍ୟସ୍ତତା ଅଛି ଓ ଧାଁ ଦଉଡ଼ ଅଛି। ଟଙ୍କା ଅଛି। ହେଲେ ନାହିଁ ସୁଖ ଶାନ୍ତି। ଓଠରୁ ଲିଭିଛି ହସ। ଜୀବନରୁ ହଜୁଛି ସେମିତି ସୁଖ ସନ୍ତୋଷ। ଶିଝୁଛି ଜୀବନ ଅଶାନ୍ତି ଅନଳରେ ଓ ମଣିଷ ରହୁଛି ଘୋର ଅସୁଖ ଘେରରେ। ସୁଖ ହୋଇପାରୁନି ହାତପାଆନ୍ତା ଓ ରକ୍ତର ସମ୍ପର୍କ ହଗୁଲୁଛି ଦିନକୁ ଦିନ। ସାହିଭାଇ ସମ୍ପର୍କରେ ବି ଶିଥିଳତା ଆସିଲାଣି ଓ କାହା ସୁଖରେ ସୁଖୀ, କାହା ଦୁଃଖରେ ଦୁଃଖୀ ହୋଇପାରୁନି ଆଜିର ମଣିଷ। ବରଂ, ଓଲଟା ଅନୁଭବ ଜାଗୁଛି ଘାରୁଛି ଅମୃତ ସନ୍ତାନ ମଣିଷଠି। ପର ସୁଖରେ ଦୁଃଖୀ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି ବଢୁଛି ଓ ଅନ୍ୟ ଦୁଃଖରେ ଉଲ୍ଲସିତ ରହୁଥିବା ମଣିଷକୁ ବି ଏଠି ଆବିଷ୍କାର କରାଯାଇପାରେ। ପରୋପକାର ନୁହେଁ, ପରଶ୍ରୀକାତରତା ପ୍ରକାଶ ପାଏ ଏବେ ଅଧିକ। ସମ୍ପର୍କ ବଢ଼ିବା ଯୋଡ଼ିବା ବଦଳରେ ଛିଡ଼େ। ପରିବାରର ଆକାର କମୁଛି ଓ ପରିବାରର ସଦସ୍ୟ ସଂଖ୍ୟା ଅତି ବେଶିରେ ତିନି ରହୁଛି ଓ କ୍ୱଚିତ ଚାରି ଥିବ କେଉଁଠି କାହାର ଓ ପାଞ୍ଚ ଛଅଜଣିଆ ପରିବାର ବିରଳ।

ପୁଣି ଦେଖାଯାଉଛି ଯିଏ ଯେତେ ପାଠ ପଢୁଛି ସିଏ ସେତେ ଗାଆଁ, ସହର, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ର ଛାଡ଼ି ବିଦେଶ ଯାଉଛି। ମାଟ୍ରିକ୍ ପଢ଼ିଲେ ଗାଆଁ ଛାଡ଼ିଲେ, ବିଏ. ଯୁକ୍ତ ତିନି ପଢ଼ିଲେ ସହର ଛାଡ଼ିଲେ, ପିଜି ପଢ଼ିଲେ ରାଜ୍ୟ ଛାଡ଼ିଲେ, ସର୍ବୋପରି ଆହୁରି ପଢ଼ିଲେ ଦେଶ ଛାଡ଼ି ବିଦେଶ ଯାଆନ୍ତି। ବିଦେଶୀ ସାଜନ୍ତି ଓ ସହରରେ ଏକା ରୁହନ୍ତି ବାପାମାଆ ବିଦେଶୀ ପୁଅର ବାଟ ଚାହିଁ। ଏପରିକି ବାପାମାଆ କାହାର ହଠାତ ଦୁଃଖଦ ମୃତ୍ୟୁ ଘଟିଲେ ପୁଅ ଆସିପାରେନି। ଶେଷ ମହାଯାତ୍ରା ବେଳେ ପୁଅର କାନ୍ଧ ପାଆନ୍ତିନି / ପାଉନାହାନ୍ତି ହତଭାଗ୍ୟ ବାପାମାଆ। ଆଜିର ଦିନରେ ଜାତି ବାସନ୍ଦ, ଜାତି ଆକଟ, ଅଚିହ୍ନା ବ୍ୟାଧି ଏମିତି ବିଭିନ୍ନ କାରଣରୁ କାନ୍ଧ ମିଳେନି। ଏ ସମ୍ପର୍କିତ ଅଭାବନୀୟ ଖବର ଏବେ ବି ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ଓ ଯୁଗ ଆସି କେଉଁଠି ପହଞ୍ଚିଲାଣି ତଥାପି ମଣିଷର ରକ୍ଷଣଶୀଳ ମନୋଭାବରେ ପରିବର୍ତ୍ତନ ଘଟିପାରୁନି।

ପୁଣି ଏମିତି ସ୍ଥିତିରେ ଆମେ ଆସି ପହଞ୍ଚିଛୁ ଯେ ପଡ଼ୋଶୀର ଖବର ବି ପଡ଼ୋଶୀ ରଖୁନାହାନ୍ତି। ଗାଆଁ ଅପେକ୍ଷା ସହରରେ ଏ ସ୍ଥିତି ସଙ୍ଗିନ ଓ ପରୋପକାର ଶବ୍ଦର ପରିଭାଷା ଅନେକଙ୍କ ଅଭିଧାନରେ ନାହିଁ ଯେମିତି ଓ ଯାନ୍ତ୍ରିକ ଜୀବନ ଜିଉଁଥିବା ଆଧୁନିକ ମଣିଷର ମନ, ମସ୍ତିଷ୍କ ଯନ୍ତ୍ରଭଳି କାମ କରୁଥିବାରୁ ଆବେଗବିହୀନ ହେଉଛି ମଣିଷ। ଯେଉଁ ଆବେଗ ମଣିଷକୁ ମଣିଷପଣିଆ ସଚେତନ କରାଏ ତାହା ଯାନ୍ତ୍ରିକ ମଣିଷଠି ନାହିଁ ଯେମିତି। ଆବେଗ ଅଭାବରୁ ଯାନ୍ତ୍ରିକ ମଣିଷ ହୋଇପାରୁନି ସମ୍ବେଦନଶୀଳ ଓ ଦେଖାଇପାରୁନି କାହାକୁ ସମବେଦନା। ହରାଇ ବସୁଛି ମାନବୀୟ ଗୁଣାବଳୀ। ତାଠି ଦେଖାଦେଉଛି ବିଚାରବିଭ୍ରାଟ ଓ ବିବେକହୀନତା। ଆଜିର ମଣିଷ ଯେଉଁ ଚଳନ୍ତି ଦେବତା ବାପାମାଆ ପାଇଁ ଦୁନିଆର ଆଲୋକ ଦେଖେ, ଯେଉଁମାନଙ୍କ ଆଶୀର୍ବାଦରେ ମଣିଷ



ହୁଏ, ନିଜ ଗୋଡ଼ରେ ଛିଡ଼ା ହେବାକୁ ବଳ ପାଏ, ସେମାନଙ୍କୁ ଘୋର ଅବହେଳା କରେ। ବୃଦ୍ଧାବସ୍ଥାରେ ବୃଦ୍ଧାଶ୍ରମରେ ରଖେ ଓ ବାପାମାଆଙ୍କ ସେବା ପାଇଁ ବିଚାର ରଖେନା। ଅମୃତ ସନ୍ତାନ ହୋଇପାରେନା। ସକଳ ଆବେଗ କେମିତି ତାଠି ମରିଯାଏ ? ହୋଇଯାଏ ଗୋଟାପଣେ ଆବେଗଶୂନ୍ୟ।

ଆଜିର ମଣିଷ ବୁଦ୍ଧିଆ ନିଶ୍ଚୟ ଓ କିନ୍ତୁ ଯଥାର୍ଥ ମଣିଷ ସଭିଏଁ ହୋଇପାରନ୍ତିନି ଓ ମଣିଷ ସାମାଜିକ ପ୍ରାଣୀର ମର୍ଯ୍ୟାଦା ହରେଇ ହୋଇଚାଲିଛି ସାମାଜିକ ପଶୁ। ଯୁଗ ଯେତେ ଆଗଉଛି, ମଣିଷ ସେତେ ଯନ୍ତ୍ର ପାଲଟି ବିଚାରଶୂନ୍ୟତା, ବିବେକହୀନତା ହୋଇ ମଣିଷପଣିଆ ହରଉଛି। ମଣିଷଠି ଆଇକ୍ୟୁ ବଢୁଛି, କିନ୍ତୁ ଇକ୍ୟୁ ବଢୁନି। ଗୋଟେ ପାଖେ ଆଇକ୍ୟୁ ବଢ଼ି ବୁଦ୍ଧିଆ ହେଉଛି ମଣିଷ ଓ ଅନ୍ୟପାଖେ ଇକ୍ୟୁ କମି ଆବେଗ ହରଉଛି। ଅନ୍ୟର ଦୁଃଖ ଦେଖି ଆଖିରୁ ଯଦି କାହାର ନ ଝରିଲା ଲୁହ, ଛାତିରେ ନ ଜମିଲା କୋହ, ତାକୁ କି ମଣିଷରେ ଗଣିବା, ଗଣନା କରିବା କୁହ ? ଲାଭ - ଲୋଭ, ସ୍ୱାର୍ଥ ମଣିଷକୁ କରୁଛି ଆଜି ବିବଶ। ମଣିଷ ମନଠି ଜମି ରହୁଛି ଲାଭ, ଲୋଭ, ସ୍ୱାର୍ଥ ବିଷ ଓ ବୁଦ୍ଧି ବଳରେ ଆଇକ୍ୟୁ ବଢୁଛି, ହେଲେ ବୁଦ୍ଧିର ନକାରାତ୍ମକ ପ୍ରୟୋଗରେ ଇକ୍ୟୁ ମାଡ଼ ଖାଉଛି ଓ ଆବେଗହୀନ ଜୀବନ ଜିଉଁଛି ଆଜିର ମଣିଷ। ବାଜେ ବିଚାରଠୁ ମୁକୁଳିଲେ, ବିବେକୀ ହେଲେ ଅମୃତ ସନ୍ତାନ ମଣିଷଠି ଜାଗିବ ଆବେଗ ନିଶ୍ଚୟ। ଆବେଗ ଜାଗିଲେ ସବୁ ମଣିଷ ଅମୃତ ସନ୍ତାନର ମର୍ଯ୍ୟାଦା ଲଭିବାରେ ଅସୁବିଧା ରୁହନ୍ତା ନାହିଁ। ■

ବଉଦରାଜ, ଜି. ବୌଦ୍ଧ
ମୋ- ୯୪୩୭୪୭୮୪୬୬

**ସମ୍ପାଦକଙ୍କୁ ପତ୍ର**

## ବୁଲା ଗାଈ ଗୋରୁଙ୍କ ଲାଗି ନିର୍ଦ୍ଦିଷ୍ଟ କଟକଣା ଜାରି ହେଉ

ଚଳିତ ବନ୍ୟା ବିଭୀଷିକା ଆମ ରାଜ୍ୟର ଅନେକ ଜିଲ୍ଲାରେ ଚାଷୀମାନଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିବା କାହାରିକୁ ଅବିଦିତ ନୁହେଁ। ଚାଷ ଜମିରେ ବନ୍ୟା ଜଳ ଦ୍ୱାରା ଫସଲ ଉଜୁଡ଼ି ଯାଇଛି। ମୁଖ୍ୟ ଫସଲ ଧାନ ସହିତ ପନିପରିବା ମଧ୍ୟ ପଚିସଢ଼ି ନଷ୍ଟ ହୋଇଛି। ଚାଷୀଙ୍କ ସୁନା କ୍ଷେତ ବନ୍ୟା ବିପ୍ଳାତ ଯୋଗୁଁ ଯେତିକି ନଷ୍ଟ ହେଉଛି, ବୁଲା ଗାଈ ଗୋରୁ, ଷଣ୍ଢ ଆଦିଙ୍କ ଦ୍ୱାରା ତତୋଧିକ କ୍ଷୟକ୍ଷତି ହେବା ମଧ୍ୟ ଦେଖା ଯାଉଛି। ଏପରିକି ଡିପ ଜମି, ଡିଅ, ଘରବାଡ଼ିରେ ଲଗା ଯାଇଥିବା ପନିପରିବା ଗାଈ ଗୋରୁ, ଷଣ୍ଢ ପ୍ରଭୃତିଙ୍କ କବଳରୁ ବର୍ତ୍ତି ପାରୁନାହିଁ। କାରଣ : ଗାଆଁ ଗହଳି, ମଫସଲ ଅଞ୍ଚଳ, ଏପରିକି ସହରାଞ୍ଚଳରେ ବି ବେପରୁଆ ଭାବେ ଗାଈ, ଗୋରୁଙ୍କ ଅବାଧ ବିଚରଣ ନିତି ପ୍ରତି ଦେଖିବାକୁ ମିଳୁଛି। ଏଥିପାଇଁ କୌଣସି କଟକଣା ନାହିଁ କହିଲେ ଚଳେ। ଗୃହପାଳିତ ପଶୁଙ୍କ ଅବାଧ ବିଚରଣ ଉପରେ ରୋକ୍ ଲଗାଇବା ପାଇଁ ପୂର୍ବେ କାଞ୍ଜିଆହୁଦା ବ୍ୟବସ୍ଥା ଥିଲା। ସରକାରଙ୍କ ରାଜସ୍ୱ ବିଭାଗ ଅଧୀନରେ ପ୍ରାୟ ସବୁ ଗ୍ରାମରେ ଗୋଚର ଜମି ବ୍ୟବସ୍ଥିତ ଉପାୟରେ ସଂରକ୍ଷିତ ରଖା ଯାଇଥିଲା। ଖରାଦିନେ ଗୋପାଳକମାନେ ନିଜ ନିଜର ଗାଈ ଗୋରୁଙ୍କୁ ଗୋଚର ଜମିରେ ଘାସ ଚରିବା ପାଇଁ ମୁକୁଳା ଛାଡୁଥିଲେ। ଏବେ ପ୍ରାୟତଃ ଆଉ ଗୋଚର ଜମି ନାହିଁ। ବରଂ ଖାଲି ଖରାଦିନ କାହିଁକି, ବର୍ଷର ସବୁ ସମୟରେ ଗାଈ ଗୋରୁ ଖୁଲମ୍‌ଖୋଲା ଭାବେ ଅନ୍ୟର କ୍ଷେତ ବାଡ଼ିରେ ପଶି ଫସଲ ଓ ପନିପରିବା ନଷ୍ଟଭ୍ରଷ୍ଟ କରୁଥିବା ବେଳେ ଆହାର ପାଇଁ ଧାନ, ଚାଉଳ, ଡାଲି ଓ ପନିପରିବା ଆଦିର ଅହେତୁକ ମୂଲ୍ୟ ବୃଦ୍ଧି ଘଟୁଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯିବା ଦରକାର। ଏଣୁ, ବୁଲା ଗାଈ ଗୋରୁଙ୍କ ଲାଗି ନିର୍ଦ୍ଦିଷ୍ଟ କଟକଣା ଜାରି ହେଉ।

ଅବନୀ ଚନ୍ଦ୍ର ଦାସ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର

# ବନ୍ଦର ସାଂସ୍କୃତିକ ସମାରୋହର ତୃତୀୟ ସନ୍ଧ୍ୟା



**ପାରାଦୀପ,୧୦।୧/ଏନ୍ଏନ୍ଏସ୍:** ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ସର୍ବ ଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ତୃତୀୟ ସନ୍ଧ୍ୟାରେ କଲିକତା ଭିଓ ଚିଦାମ୍ବରନାର, କୋଚିନ୍ ବନ୍ଦରର କଳାକାରମାନେ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜର କଳା ପାରଦର୍ଶିତାକୁ ଉପସ୍ଥାପନା ତଥା ନିଜ ରାଜ୍ୟର ସାଂସ୍କୃତିକ ପରମ୍ପରାକୁ ପାରାଦୀପ ଅନ୍ତେବାସୀଙ୍କୁ ପରିଚିତ କରାଇଥିଲେ। ତିନୋଟିଯାକ ବନ୍ଦରର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ସାଂସ୍କୃତିକ ପରମ୍ପରାରେ ଭରପୁର କାର୍ଯ୍ୟକ୍ରମଗୁଡ଼ିକ କେବଳ ମନୋରଞ୍ଜନଧର୍ମି ନଥିଲା ତା ସଙ୍ଗେ ସଙ୍ଗେ ସମାଜର କୌଣସି ନା କୌଣସି କୋଣରେ ଥିବା ଅନ୍ଧବିଶ୍ୱାସ, ଅସହିଷ୍ଣୁତା, ନିରକ୍ଷରତା ଆଦିର ସମାଜ ଉପରେ ପ୍ରଭାବ ସହିତ ପରିଚିତ କରାଇଥିଲା। ଭାଷା ଓ ସଂସ୍କୃତିର ବିଭିନ୍ନତା ଥିଲେ ମଧ୍ୟ କଳାକାରମାନଙ୍କର ପ୍ରଦର୍ଶନ ଦର୍ଶକଙ୍କର ମନକୁ ଛୁଇଁଥିଲା। କଲିକତା ବନ୍ଦରର କଳାକାରମାନେ ରବୀନ୍ଦ୍ର ସଙ୍ଗୀତ ଓ ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ଅନ୍ୟଦୁଇଟି ବନ୍ଦର ସେମାନଙ୍କର ରାଜ୍ୟର ଶାସ୍ତ୍ରୀୟ ଓ ଲୋକସଂସ୍କୃତି ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ସତେ ଯେପରି ଲାଗୁଥିଲା ଗଙ୍ଗାଠାରୁ ଗୋଦାବରୀ ତଥା କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାରତ ବର୍ଷ ପାରାଦୀପ ଠାରେ ଏକାଠି ହୋଇଛନ୍ତି ଓ ବିଭିନ୍ନ ବନ୍ଦରରୁ ଆସିଥିବା କଳାକାରମାନେ ଏଇ ଏକତ୍ରିକରଣର ଜଣେ ଜଣେ ଅଂଶ ପାଲଟି ଯାଇଛନ୍ତି । ନାଟକରେ କଳାକାରମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକମାନଙ୍କୁ ଆକର୍ଷିତ କରିନଥିଲା ତା'ସଙ୍ଗେ ସଙ୍ଗେ ଦର୍ଶକମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।୧୧ ତାରିଖ ରବିବାର ଦିନ ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜକ ପାରାଦୀପ ବନ୍ଦର ତାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ ଓ ବନ୍ଦର ଅଧ୍ୟକ୍ଷ ପିଏଲ. ହରନାଦ କୃତି ପ୍ରତିଯୋଗୀ ତଥା ବିଜୟୀ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିବେ।

# ପାରାଦୀପରେ ସାଂସଦ ଖେଳ ମହୋତ୍ସବ



**ପାରାଦୀପ,୧୦।୧/ଏନ୍ଏନ୍ଏସ୍:** ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ସାଂସଦ ଖେଳ ମହୋତ୍ସବ ୨୦୨୬ ଜାନୁଆରୀ ୯ ତାରିଖ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ମହୋତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ୍ ଓ ଭଲିବଲ୍ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌରପାରିଷଦ ପ୍ରତାପ ଚନ୍ଦ୍ର ନାୟକ ଓ ସାଂସଦଙ୍କ ପ୍ରତିନିଧି ଗୌତମ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ୍ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଗୋପବନ୍ଧୁ କ୍ରୀଡା ସଂସଦର ସଦସ୍ୟ ବିପ୍ଳବ କୁମାର ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜଗତସିଂହପୁର ସଂସଦୀୟ ଏହି ସମସ୍ତ କ୍ରୀଡ଼ାକୁ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ସଂଯୋଜନା କରୁଥିବା ବେଳେ ଏହି ଖେଳକୁ କାଳନ୍ଦୀ ଚରଣ ନାଥ, ଭାଗବତ ବେହେରା, ସଞ୍ଜିତ ଜେନା, ରାଜ କିଶୋର ମଣ୍ଡଳ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ କୁଜଙ୍ଗ କ୍ଲବର କ୍ରୀଡା ସମ୍ପାଦକ ରଶ୍ମିକାନ୍ତ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ପାଲିଙ୍କି ଶୋଭାଯାତ୍ରା




**ଢେଙ୍କାନାଳ,୧୦।୧/ଏନ୍ଏନ୍ଏସ୍:** ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଶିରିଡିରେ ବିଶାଳ ପାଲିଙ୍କି ଶୋଭାଯାତ୍ରା ଗୁରୁବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶିରିଡିସ୍ଥ ପ୍ରସିଦ୍ଧ ଖଣ୍ଡୋବା ମନ୍ଦିର ପରିସରରୁ ଶିରିଡିର ପୂଜକ ଓ ଅନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ଦ୍ୱାରା ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବାବାଙ୍କର ସୁସଜ୍ଜିତ ପାଲିଙ୍କି, ଘୋଡା ଗାଡି, ସାଇ ପାଦୁକା, ଆଲଟ, ଚାମର ଛତ୍ରଛତ୍ରୀ ସହ ମହାରାଷ୍ଟ୍ରର ପ୍ରସିଦ୍ଧ ଟାଙ୍ଗୁ ବାଦ୍ୟ, ତୁରୀ ଓ ଘଣ୍ଟ ଘଣ୍ଟା ବାଦ୍ୟ ସହିତ ଶୁଭ୍ର ବସ୍ତ୍ର ପରିହିତ ୨୦୦ରୁ ଊର୍ଦ୍ଧ୍ୱ ଶ୍ରୀ ସାଇ ଅନୁଗାମୀ ମହିଳା, ପୁରୁଷ ଓ ଢେଙ୍କାନାଳ ଶ୍ୟାମାଚରଣପୁର ସ୍ଥିତ ଆଦୃତା ଶିଶୁ ଗୃହର ୩୦ଜଣ ଅନ୍ତେବାସୀ ସାମିଲ ହୋଇଥିଲେ। ସାଇ ବାବାଙ୍କର ଜୟ ଜୟକାର ଧ୍ୱନିରେ ଶିରିଡି ମାଟି ପ୍ରକମ୍ପିତ ହୋଇ ଉଠିଥିଲା। ପୂର୍ବାହ୍ନ ୧୨ଟାରେ ଶୋଭାଯାତ୍ରା ଶିରିଡି ଗ୍ରାମ ପରିକ୍ରମାକରି ସପ୍ତାଧି ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଥିବା ସମସ୍ତ ଭକ୍ତମାନଙ୍କୁ ହାଲୱା ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ମହିଳା ମଣ୍ଡଳ, ଶିଶୁ କଳକାର ଓ ଆଦୃତା ଶିଶୁ ଗୃହର ଅନ୍ତେବାସୀମାନଙ୍କ ପକ୍ଷରୁ ସାଇ ସପ୍ତାଧି ମଣ୍ଡପରେ ନୃତ୍ୟ, ଭକ୍ତି ରସାତ୍ମକ ନାଟକ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଶିରିଡି ସଂସ୍ଥାନ ପକ୍ଷରୁ ସିଧା ପ୍ରସାରଣ କରାଯାଇଥିଲା। ଶିରିଡି ସାଇ ସଂସ୍ଥାନର ସିଇଓ ଗୋରକ୍ଷ ଗାଡିଲକର ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ଓ ଆଦୃତା ଶିଶୁ ଗୃହର ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଆଦୃତା ଶିଶୁ ଗୃହର ଅନ୍ତେବାସୀମାନେ ଶନିସିଙ୍ଗ୍ନାପୁର ଔରଙ୍ଗବାଦସ୍ଥିତ ପ୍ରାଚୀନ ଐତିହ୍ୟ ସମ୍ପର୍ଣ୍ଣ ଅଜନ୍ତା ଗୁମ୍ଫା, ମିନି ତାଜମହଲ, ଜ୍ୟୋତିର୍ଲିଙ୍ଗ ଘୃଷନେଶ୍ୱର ଓ ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ।

# ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦିନିକିଆ ପ୍ରଶିକ୍ଷଣ



**କେନ୍ଦ୍ରାପଡ଼ା,୧୦।୧/ଏନ୍ଏନ୍ଏସ୍:** ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ 'ବନ୍ଦେ ମାତରମ'ର ସାଂସ୍କୃତିକ, ଐତିହାସିକ ଏବଂ ଭାବନାତ୍ମକ ସାରାଂଶ ସହିତ ପୁନଃ ସଂଯୋଗ କରିବା ଏବଂ ସମଗ୍ର ଓଡ଼ିଶାରେ ଏହାର ମର୍ଯ୍ୟାଦାପୂର୍ଣ୍ଣ ଏବଂ ସଠିକ ଉପସ୍ଥାପନା ସୁନିଶ୍ଚିତ କରାଇବା ପାଇଁ ସରକାରୀସ୍ତରରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ପ୍ରସଙ୍ଗରେ ମହାକାଳପଡା ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ଆସିଥିବା ଶିକ୍ଷକ,ଶିକ୍ଷୟିତ୍ରୀ,ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଦିନିକିଆ ପ୍ରଶିକ୍ଷଣ ଶିବିର ମହାକାଳପଡା ବ୍ଲକ୍ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ୨୦୨୪ ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ତଥା 'ଜାତୀୟ ଯୁବ ଦିବସ' ଅବସରରେ ମହାକାଳପଡା ବ୍ଲକ୍‌ର ସମସ୍ତ ଶିକ୍ଷା ଅନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ କିପରି 'ବନ୍ଦେ ମାତରମ'ର ସାମୂହିକ ଗାନ କରିବେ ତଥା ଆତ୍ମନିର୍ଭର ଭାରତ ଉପରେ 'ସ୍ୱଦେଶୀ ସଂକଳ୍ପ ପାଠ' କରିବେ। ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମକବୋଧ ଜାତ କରିବା ନିମନ୍ତେ ଏହି ଦିବସ ଅବସରରେ ସମସ୍ତ ଶିକ୍ଷା ଅନୁଷ୍ଠାନମାନଙ୍କରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରତିଯୋଗିତା ଗୁଡିକର ବିଷୟବସ୍ତୁ ଦେଶାତ୍ମକ ବୋଧକ, ଆତ୍ମନିର୍ଭର ଭାରତ ଉପରେ ପର୍ଯ୍ୟବସିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର, ମହାକାଳପଡା ରବିନାରାୟଣ ଆଚାର୍ଯ୍ୟ, ପ୍ରଶିକ୍ଷକ ଶ୍ରୀକାନ୍ତ କୁମାର ନନ୍ଦ, ଜନ୍ମେଞ୍ଜୟ ପ୍ରଧାନ, ଅଂଶୁମାନ ରାଉତରାୟ ଏବଂ ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶେଷରେ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦିପକ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍ ବିଜେପି ପକ୍ଷରୁ ସମୂହ ଦୀପଦାନ

**ମାର୍ଶାଘାଇ,୧୦।୧/ଏନ୍ଏନ୍ଏସ୍:** ସୋମନାଥ ମନ୍ଦିର ଆକ୍ରମଣର ୧୦୦୦ବର୍ଷ ଏବଂ ମନ୍ଦିର ନିର୍ମାଣର ୭୫ବର୍ଷ ପୂରଣ ହେଇଛି। ଚଳିତ ବର୍ଷକୁ 'ସୋମନାଥ ସ୍ୱାଭିମାନ ବର୍ଷରୂପେ ପାଳନ ହେବ। ଏହି ଅବସରରେ ପ୍ରତି ଶିବ ମନ୍ଦିରରେ ପୂଜାର୍ଚ୍ଚନା, ଓଁ କାର ମନ୍ତ୍ର ଜପ କରାଯିବା ପାଇଁ ବିଜେପି ପକ୍ଷରୁ ସ୍ଥିର କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ବିଜେପି ପକ୍ଷରୁ କୁସୁନପୁର ଆଖଣ୍ଡଳମଣୀ ମନ୍ଦିରରେ ସମୂହ ଦୀପଦାନ ଏବଂ ଓଁକାର ମନ୍ତ୍ରୀ ଜପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦିକା ପ୍ରତିମା ନାୟକ, ୨୫ ନମ୍ବର ଜୋନ୍ ସଭାପତି ରଶ୍ମିରଞ୍ଜନ ସାମଲ , ୨୨ ନମ୍ବର ଜୋନ୍ ସଭାପତି ପବିତ୍ର ଚୈଧୁରୀ, କୁସୁନପୁର ବୁଥ ସଭାପତି ପବିତ୍ର ନାୟକ, ରଜନୀକାନ୍ତ ନାୟକ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



# ଜାତୀୟ ରାଜପଥରେ ଗଦା ହୋଇଛି ମାଟି



**ଆଳି,୧୦।୧/ଏନ୍ଏନ୍ଏସ୍:** ଗତ କିଛିଦିନ ପୂର୍ବେ ପୁରୀ ପିପିଲି ଜାତୀୟ ରାଜପଥ ଉପରେ ବାଲିଗଦା ହୋଇଥିବାରୁ ଜଣେ ସାମ୍ବାଦିକଙ୍କ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିବା ଘଟଣା ରାସ୍ତାରେ ଯାତାୟତ କରୁଥିବା ଗାଡି ଚାଳକମାନଙ୍କୁ ଭୟବିତ କରିଦେଇଛି। ଏଭଳି ଘଟଣା ଦେଖିବାପରେ ପ୍ରଶାସନ ପକ୍ଷରୁ ସେହି ବାଲି ଉଠା ଯାଇଥିଲା। କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବଜାର ପରେ ଚାନ୍ଦବାଲି ଆଡ଼କୁ ଯାଇଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଟି ଗଦା ହୋଇଛି। ଏତେ ପରିମାଣର ମାଟି ଗଦା ହୋଇଛି ଯେ କେହି ଅଜାଣତରେ ଆସିବ ଦୁର୍ଘଟଣା ଘଟିବା ନିଶ୍ଚିତ। ରାସ୍ତାରେ ମାଟି ଗଦା ହୋଇଥିବାରୁ ଯାତାୟତରେ ବାଧା ଉପୁଜିଥିବା ବେଳେ ଆଳି ଆଠ କଣିଆ ଛକରେ ରାସ୍ତାଟି ଟର୍ଣ୍ଣ ଥିବାବେଳେ ଏହି ରାସ୍ତାର ଦୁଇ ପାର୍ଶ୍ୱକୁ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀ କବଜା କରି ରଖିଛନ୍ତି। ଯାହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରୁ ଯାତାୟାତ କରୁଥିବା ଗାଡି ଚାଳକମାନେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଏଥିପ୍ରତି ପୂର୍ତ୍ତବିଭାଗ ଅଧିକାରୀ ଓ ଆଳି ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ନୂତନ ଫାର୍ମାସୀ ଅଧିକାରୀଙ୍କୁ ଚାର୍ଜ ଦେବାରେ ବିଳମ୍ବ, ରୋଗୀ ହନ୍ତସନ୍ତ

**ନାଉଗାଁ,୧୦।୧/ଏନ୍ଏନ୍ଏସ୍:** ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଫାର୍ମାସୀ ଅଧିକାରୀଙ୍କୁ ଚାର୍ଜ ନ ଦେବାରୁ ସଠିକ୍ ଔଷଧ ନପାଇ ରୋଗୀ ହନ୍ତସନ୍ତ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଡେରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଫାର୍ମାସୀ ଅଧିକାରୀ ମିହିର କୁମାର ଲେଙ୍କା ଗତ କିଛିଦିନ ତଳେ ଚାକିରିରେ ପଦୋନ୍ନତୀ ପାଇଁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲେ ମାତ୍ର ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୧।୧।୨୦୨୬ରେ ଡେରିକି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ବରିଷ୍ଠ ଫାର୍ମାସୀ ଅଧିକାରୀ ଅରବିନ୍ଦ ସାହୁଙ୍କୁ କୌଣସି ଚାର୍ଜ ହସ୍ତାନ୍ତର କରିନାହାନ୍ତି କି ରହିବା ପାଇଁ ନିଜ କ୍ୱାର୍ଟର୍ସକୁ ଖାଲି କରୁନାହାନ୍ତି। ଏତଦ୍ ଦ୍ୱାରା ସେଠାରେ ନିଯୁକ୍ତି ପାଇଥିବା ନୂତନ ଅଧିକାରୀ ଶ୍ରୀ ସାହୁଙ୍କୁ ରୋଗୀସେବା କରିବାରେ ବାଧା ସୃଷ୍ଟି ହେଉଛି ଯାହା ଫଳରେ ଉକ୍ତ ଡାକ୍ତରଖାନାକୁ ଦୈନନ୍ଦିନ ଆସୁଥିବା ରୋଗୀ ସଠିକ୍ ଭାବେ ମାଗଣା ଔଷଧ ପାଇବାରୁ ବଞ୍ଚିତ ହେବା ସଂଗେ ସଙ୍ଗେ ରୋଗୀ ସେବାରେ ବ୍ୟାଘାତ ଘଟୁଛି। ଏବଂ ଉକ୍ତ ଫାର୍ମାସୀ ଅଧିକାରୀ ଶ୍ରୀ ଲେଙ୍କା ବର୍ତ୍ତମାନ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ହୋଇଥିଲେ ମଧ୍ୟ ସେଠାରେ ତାଙ୍କର ରୋଗୀସେବା କର୍ତ୍ତବ୍ୟ ଠିକ୍ ରୂପରେ ପାଳନ କରୁ ନାହାନ୍ତି। ଏଭଳି ପରିସ୍ଥିତିରେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ନୀରବ ଦ୍ରଷ୍ଟା ସାଜି ସିଡିଏମଓଙ୍କ ଚିଠିକୁ ସିଧାସଳଖ ଭାବେ ଅଣଦେଖା କରୁଛନ୍ତି। ତାହାଲେ ଏଠାରେ ଜନ ସାଧାରଣଙ୍କର ପ୍ରଶ୍ନ ଉଠୁଛି ଯେ ଉକ୍ତ ଫାର୍ମାସୀ ଅଧିକାରୀ କାହାର ଇଙ୍ଗିତରେ ଏପରି କରୁଛନ୍ତି ତା' ସହିତ ବର୍ତ୍ତମାନ ସେ କୌଣସି ଡାକ୍ତରଖାନାରେ ଡ୍ୟୁଟି ନକରି ମଧ୍ୟ ଦରମା କେଉଁଠାରୁ ପାଉଛନ୍ତି।

# ଶ୍ୟାମସୁନ୍ଦର ହାଇସ୍କୁଲ୍‌ର ବାର୍ଷିକ କ୍ରୀଡ଼ା



**ଧର୍ମଶାଳା,୧୦।୧/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିହର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡା.ରୁଦ୍ରନାରାୟଣ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ। ବିକ୍ରମାଦିତ୍ୟ ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲ। ବରିଷ୍ଠ ଶିକ୍ଷକ ଡକ୍ଟର ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି ଓଷ୍ଟା ଜିଲ୍ଲା ସଂପାଦକ ପବିତ୍ର କୁମାର ପଣ୍ଡା, ଡକ୍ଟର ବିଶ୍ୱଜିତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯଶୋବନ୍ତ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ଥାନା ଏସ୍ଆଇ କୈଳାସ ଚନ୍ଦ୍ର ଭଦ୍ର ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ସାମ୍ବାଦିକ ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ା ଉଭୟ ଜୀବନରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କ୍ୱାଦ୍ରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଡକ୍ଟର ବିଶ୍ୱଜିତ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି ଓ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଛାତ୍ର ସୂର୍ଯ୍ୟସେନ ଦାସ ମହାପାତ୍ର ଓ ଛାତ୍ରୀ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ଦେବାଶିଷ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗୁଲନଗର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୧୦।୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସହର ସଂଲଗ୍ନ ଗୁଲନଗର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତିର ସଭାପତି ବିଷ୍ଣୁ ଚରଣ ମହାପାତ୍ର ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସଂପାଦକ ନୃସିଂହ ଚରଣ ଦାସ, ନିର୍ଦ୍ଦେଶକ ହରି ନାରାୟଣ ମଲିକ, ଜ୍ଞାନ ରଞ୍ଜନ ମହାନ୍ତି, ଉପସଭାପତି ମମତା ମହାନ୍ତିଙ୍କ ସମେତ ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳରୁ ଧାନ ନେଇ ଆସୁଥିବା ଚାଷୀମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଆଲୋଚନା କରିଥିଲେ। ଧାନ କମିଟିର ସଦସ୍ୟ ବାସୁଦେବ ତ୍ରିପାଠୀ, ଅଭିମନ୍ୟୁ ଗୋଛାୟତ, କରୁଣାକର ସାହୁ, ଦେବାଶିଷ କୁବେର, ଶୈଳେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ମନିନ୍ଦ୍ର ରାଉତ, ଧିରେନ୍ଦ୍ର ନାୟକ, ଦିପକ ବେହେରା, ବନ୍ଦୁ ସେଠୀ, ଖଗେଶ୍ୱର ସାହୁ, ରୀତାଞ୍ଜଳୀ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ପୁସ୍ତକ ମେଳାରେ ଛାତ୍ରଛାତ୍ରୀଙ୍କ ଦେଶଭକ୍ତି କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା,୧୦।୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମହିପାଳ ଠାରେ ରାଜ୍ୟସ୍ତରୀୟ ପୁସ୍ତକ ମେଳାରେ ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ୟୁନିଭସାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ଦେଶଭକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଛି । ସ୍କୁଲ୍‌ର ଅଧ୍ୟକ୍ଷ ଆଦିକନ୍ଦ ରାଉଳଙ୍କ ତତ୍ତ୍ୱାବଧାନରେ କରଣା ନାୟକ, ଆଦ୍ୟାଶା ସାହୁ, ସୁହାନି ମହାପାତ୍ର, ସାଇଶ୍ରୀ ପରିଡା, ବିକାଶ ଦାସ, ଆଶୁତୋଷ ହାନ୍ତି, ସାଇ ଆଶିଷ ସାହୁ ପ୍ରମୁଖ ଦେଶଭକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଜନ ସାଧାରଣଙ୍କୁ ମୁଗ୍ଧ କରିଥିଲେ। ଉପସ୍ଥିତ ଥିବା ଦର୍ଶକ ଓ ଅତିଥିମାନେ ଏହି କାର୍ଯ୍ୟକ୍ରମକୁ ବେଶ ପ୍ରଶଂସା କରିଥିବା ଜଣାପଡିଛି।

# ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



**କାମାକ୍ଷାନଗର,୧୦।୧/ଏନ୍ଏନ୍ଏସ୍:** କାମାକ୍ଷାନଗର ସନ୍ନିକଟ କାନପୁରା ସ୍ଥିତ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ସଂକଳ୍ପ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦ୍‌ଘାଟକ ଓ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବର ନାମ ସଂକଳ୍ପ ରଖିଥିବାରୁ ଅତ୍ୟନ୍ତ ଆନନ୍ଦିତ ହେବା ସହ ଉକ୍ତ ବିଦ୍ୟାଳୟ ରେ ଥିବା ସମସ୍ତ ଶୈକ୍ଷିକ ସୁବିଧାକୁ ଉପଯୋଗ କରି ଜିଲ୍ଲାରେ ବିଦ୍ୟାଳୟଟି ଶ୍ରେଷ୍ଠ ବିଦ୍ୟାଳୟର ମାନ୍ୟତା ପାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପଲଟିଛି ବୋଲି ମତପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ରୂପେ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସିଓ ଓ ରାଜଲକ୍ଷ୍ମୀ ଦାଶ, ଢେଙ୍କାନାଳ ଜିଲ୍ଲା ଭାଜପାର ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ପ୍ରସଂସା କରିଥିଲେ। ବିଦ୍ୟାଳୟକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଯେପରିକି ଏହା ରାଜ୍ୟରେ ଏକ ନମ୍ବର ବିଦ୍ୟାଳୟ ରୂପେ ପରିଗଣିତ ହୋଇପାରିବ ବୋଲି ଶ୍ରୀ ଜେନା ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ରିୟ ବିଶ୍ୱାଳ, ଶିକ୍ଷାବିତ ଲୋକନାଥ ଷଡ଼ଙ୍ଗୀ, ଶିକ୍ଷାବିତ କୈଳାଶ ଚନ୍ଦ୍ର ପୃଷ୍ଟି, ଶିକ୍ଷାବିତ ଡକ୍ଟର ପ୍ରଫୁଲ୍ଲ କୁମାର ପାଣି, ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଦିନେଶ ଦାସ, ବ୍ଲକ ନୋଡାଲ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ନୂତନ ଭାବେ ନିର୍ମିତ ସଭାଗୃହଟି ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେବା ସହିତ ଚିତ୍ର ପୁସ୍ତକ 'ବର୍ଣାଳି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ବିଶାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନାଟ୍ୟକାର ଦିନେଶ ଦାଶଙ୍କ ରଚିତ ନାଟକ ଦୌଡ଼ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡା, ବାନାର୍ଜୀ ମହାନ୍ତି, ନିର୍ମଳ କୁମାର ମହାନ୍ତି, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୦୨୭ ସୁଦ୍ଧା ଟିଟିପିଏସ୍ କାର୍ଯ୍ୟକ୍ଷମ

**ତାଳଚେର,୧୦।୧/ଏନ୍ଏନ୍ଏସ୍:** ଆଜି ଏକ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟିଟିପିଏସ୍, ଏନଟିପିସି ପକ୍ଷରୁ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟଚାନ୍ଦ, ପ୍ରବୀର କୁମାର ଜିଏମ(ପ୍ରୋଜେକ୍ଟ) ରୋହିତ କୁମାର ଏଜିଏମ(ଏଚ୍ଆର୍), ସୁରେଶଚନ୍ଦ୍ର ବେହେରା ଏଜିଏମ ବୈଦିକ ପ୍ରତିଷ୍ଠା ଏବଂ ପ୍ରକାଶ ଚନ୍ଦ୍ର ଏଜିଏମ (ଯୋଜନା ଏବଂ ସିଷ୍ଟମ) ଉପସ୍ଥିତ ରହି ଟିଟିପିଏସ୍ ଦ୍ୱାରା ବିସ୍ତୃତ ଉପସ୍ଥାପନା କରାଯାଇ ଯେଉଁଥିରେ ଏନଟିପିସି ତାଳଚେର ଥର୍ମାଲର ଭବିଷ୍ୟତ ରୋଡ୍‌ମ୍ୟାପ୍ ବିଷୟରେ ଉପସ୍ଥାପନ କରିଥିଲେ। ୨୦୨୭ ସୁଦ୍ଧା ଟିଟିପିଏସ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାନେଇ ଆଶା ରଖାଯାଇଛି । ଯାହା ପ୍ରକଳ୍ପର ବିକାଶ ଏବଂ ବ୍ୟାପକ ପ୍ରଭାବ ପ୍ରତି ଗଣମାଧ୍ୟମର ଆଗ୍ରହକୁ ପ୍ରତିଫଳିତ କରିଥିଲା। ଉପସ୍ଥାପନାରେ ତାଳଚେର ବିଦ୍ୟୁତ୍ ପ୍ରକଳ୍ପ ପର୍ଯ୍ୟାୟ ୩ର ପ୍ରମୁଖ ମାଇଲଖୁଣ୍ଟିଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ପ୍ରମୁଖ ନିର୍ମାଣ କ୍ଷେତ୍ରରେ ଅଗ୍ରଗତି ଉନ୍ନତି ସୁରକ୍ଷା ଗ୍ରହଣ ଏବଂ ଓଡ଼ିଶାର ବିଦ୍ୟୁତ୍ ଭିତିଭୂମିକୁ ସୁଦୃଢ଼ କରିବାରେ ପ୍ରକଳ୍ପର ଭୂମିକା ମଧ୍ୟ ଅଂଶୀଦାର କରାଯାଇଥିଲା। ଏନ୍‌ଟିପିସି ତାଳଚେର ଥର୍ମାଲ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ସଶକ୍ତିକରଣ, ଦକ୍ଷତା ବିକାଶ ଏବଂ ପାର୍ଶ୍ୱବର୍ତି ଗ୍ରାମଗୁଡ଼ିକରେ ଦୁର୍ବଳ ବର୍ଗଙ୍କ ପାଇଁ ତାଲିମ ଏବଂ ସେମାନଙ୍କର ଉନ୍ନତି ପାଇଁ ୩୦.୨୪କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଥିଲା। ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନଉତ୍ତୋରରେ ଶ୍ରୀ ଚାନ୍ଦ ଧର୍ଯ୍ୟ ଏବଂ ସ୍ୱଷ୍ଟର ସହିତ ପ୍ରକଳ୍ପ ସମୟସୀମା ପରିବେଶ ଗତ ପଦକ୍ଷେପ ଏବଂ ସାମୁଦାୟିକ ସମ୍ପୃକ୍ତି ଉପରେ ପ୍ରକାଶ କରିଥିଲେ।



# ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଗଣିଆ,୧୦ା୧/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଗଣିଆ ଥାନା କରଡାପଡା ପଞ୍ଚାୟତ କଳାଶିମିଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଶନିବାର ଜଣାପଡିଛି। ପୁଅ ବାଡେଇ ବାଡ଼େଇ ମାକୁ ମାରିଦେଇଥିବା ନେଇ ଗଣିଆ ଥାନାରେ ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ସୁଚନାଥାଉକି କଳାଶିମିଳି ଗ୍ରାମର ରବିନ୍ଦ୍ର ବାରିକୀଙ୍କ ସ୍ତ୍ରୀ ସୁକାନ୍ତି ଦେଇ(୫୨)ଙ୍କୁ ତାଙ୍କ ଏକମାତ୍ର ପୁଅ କୁନା ବାରୀକି ବାଡ଼େଇ ବାଡ଼େଇ ମାରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ରବୀନ୍ଦ୍ର ଖଣ୍ଡପଡ଼ାକୁ କାମ କରିବା ପାଇଁ ଯାଇଥିବା ବେଳେ ପୁଅ ବିଭିନ୍ନ ସମୟରେ ମାକୁ ମାରଧର କରୁଥିଲା। ଏପରିକି ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ତରଫରୁ ସମାଧାନ ମଧ୍ୟ କରୁଥିଲେ। କିନ୍ତୁ ପୁଅ ସବୁବେଳେ ମଦ ପିଇ ମା ସହିତ ପାଟିତୁଣ୍ଡ କରୁଥିଲା। ଗତକାଲି ଶୁକ୍ରବାର ଦିନ ମାଆକୁ ବାଡେଇଥିବା ଗ୍ରାମବାସୀ ମାନେ କହିଛନ୍ତି। ଏପରିକି ସନ୍ଧ୍ୟା ବେଳେ ମାଆକୁ ଘରକୁ ଠେଲି ଠେଲି ନେଇ କବାଟ ଭିତର ପଟୁ ବନ୍ଦ କରି ଦେଇଥିଲା। ସକାଳୁ କବାଟ ନ ଖୋଲିବାରୁ ଗ୍ରାମବାସୀ ସନ୍ଦେହ କରି ଗଣିଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସ୍ଆଇ ସାହା ଆଲାମ୍ ଖାଁ ଓ ପୁଲିସ କର୍ମଚାରୀ ପହଞ୍ଚି ଶବକୁ ଜବତ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ପୁଅ କୁନା ବାରିକୀକୁ ଥାନାକୁ ଉଠାଇ ଆଣି ଅଧିକ ପଚରା ଉଚୁରା କରୁଛି ପୋଲିସ। ଘଟଣା ସ୍ଥଳରେ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶବ ବ୍ୟବଚ୍ଛେଦ ଗୃହକୁ ପଠାଇ ଦିଆଯାଇ ତଦନ୍ତ ଚାଲୁ ରହିଥିବା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ଭେଟି ଦେଲେ ୯୪୮ କୋଟିର ...

ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ସମ୍ବଲପୁରକୁ ପ୍ରଗତି ପଥରେ ଓ ବିକଶିତ ସମ୍ବଲପୁର କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି ଓ ତାହାର ଫଳାଫଳ ପ୍ରତିଟି ଜନତାଙ୍କ ମୁହଁରେ ଆଜି ପରିଲକ୍ଷିତ ବୋଲି କହିଥିଲେ। ପଞ୍ଚାୟତିରାଜ,ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉଦବୋଧନ ଦେଇ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ଡବଲ ବିକାଶର ପ୍ରତିଶ୍ରୁତି ପୂରଣ କରୁଛି ଏବଂ କେବଳ ପ୍ରତ୍ୟେକ ଜିଲ୍ଲାକୁ ନୁହେଁ ଗାଁକୁ ବିକଶିତ କରିବା ପାଇଁ ଆମ ସରକାରଙ୍କ ଉଦ୍ୟମ ଜାରି ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଆରଡିସି ରାମଚନ୍ଦ୍ର ଯାଦବ, ପୁଲିସ ଆଇଜି ହିମାଂଶୁ ଲାଲ, ମଞ୍ଚାସୀନ ଥିବା ବେଳେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ରେହାନ ଖତ୍ରୀ ଧନ୍ୟବାଦ ଦେଇଥିଲେ। ସୂଚନା ଥାଉକି ରବିବାର ଜିଲ୍ଲାରେ ଦୁଇଟି ପ୍ରକଳ୍ପର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ। ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ହୋଇଥିବା ଟ୍ରୋମା କେୟାର, ଓପିଡି ବିଲ୍ଡିଙ୍ଗ ଏବଂ ସିଏସ୍ଏସ୍ଡି ବିଲ୍ଡିଂର ଶୁଭ ଉଦ୍‌ଘାଟନ ଏବଂ ସମ୍ବଲପୁର ସହର ପାଇଁ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।

### ମଝି ଆକାଶରୁ ଖସିଲା ...

ନିକଟ ଖୋଲାସ୍ଥାନରେ ଖସିପଡ଼ିଥିଲା ଚାର୍ଟର୍ ପ୍ଲେନ୍। ଅବତରଣର ମାତ୍ର ୧୫ ମିନିଟ୍ ପୂର୍ବରୁ କରିଥିଲା ଫୋର୍ସ ଲ୍ୟାଣ୍ଡିଂ। ସୌଭାଗ୍ୟକୁ ବିମାନ ଖସିଥିବା ସ୍ଥାନର ନିକଟରେ ଥିଲା ଜନବସତି। ଏଣୁ ଦେବଦୂତ ଭଳି ତୁରନ୍ତ ଘଟଣାସ୍ଥଳକୁ ଆସିଯାଇଥିଲେ ସ୍ଥାନୀୟ ଲୋକେ। ବିସ୍ଫୋରଣ, ନିଆଁ ଲାଗିବା ଆଶଙ୍କାକୁ ଖାତିର ନକରି ଦେଖାଇଥିଲେ ମାନବିକତାର ଶ୍ରେଷ୍ଠ ପରିଚୟ। ନିଜ ଜୀବନକୁ ବାଜିରେ ଲଗାଇ ବିମାନ ପାଖକୁ ଯାଇ ପାଇଲଟ୍ ଓ ଅନ୍ୟ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିଲେ। ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବାର ବ୍ୟବସ୍ଥା କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫୋର୍ସ ଲ୍ୟାଣ୍ଡିଂ ହେଲା ସେନେଇ କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନଥିବାବେଳେ, ଅଘଟଣ ନେଇ ଡିଜିସିଏ ଓ ମନ୍ତ୍ରଣାଳୟକୁ ଅବଗତ କରିଛି ଡାଇରେକ୍ଟୋରେଟ୍ ଅଫ୍ ସିଭିଲ ଆଭିଏସନ। ଶନିବାର ଡିଜିସିଏ ଟିମ୍ ଆସିଥିବାବେଳେ ଓ ରବିବାର ଏଏଆଇବି ଟିମ୍ ରାଉରକେଲା ଆସି ତଦନ୍ତ କରିବ। ଏଥିରେ ସମନ୍ୱୟ ପାଇଁ ଭୁବନେଶ୍ୱରରୁ ୨ ବେସାମରିକ ବିମାନ ଚଳାଚଳ କର୍ମଚାରୀ ସାମିଲ ହୋଇଛନ୍ତି। ଜିଲ୍ଲାପାଳ ଓ ଏସପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କ ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଘଟଣାର ତଦାରଖ କରାଯାଉଛି। ଆବଶ୍ୟକ ପଡ଼ିଲେ ଆହତଙ୍କୁ ଏୟାରଲିଫ୍ଟ କରାଯାଇପାରେ ବୋଲି ରାଉରକେଲା ଏସପି ନୀତେଶ ୱାଧୱାନି କହିଛନ୍ତି। ଓଡ଼ିଶାରେ ଉଡ଼ାଣ ଯୋଜନାରେ ରାଉରକେଲା ସମେତ ଉତକେଲା ଓ ଜୟପୁରକୁ ଏହି ୯ ସିଟର୍ ବିମାନ ଚଳାଚଳ କରୁଛି। ରାଉରକେଲାରେ ବିମାନ ଦୁର୍ଘଟଣା ଯାତ୍ରୀଙ୍କ ମଧ୍ୟରେ ଛନକା ଭରିଛି। ସେପଟେ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି, ଘଟଣାର ତଦନ୍ତ ପରେ କାରଣ ସାମ୍ନାକୁ ଆସିବ। ବିମାନ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମହାପ୍ରଭୁଙ୍କ କୃପାରୁ ସମସ୍ତ ଯାତ୍ରୀ ସୁରକ୍ଷିତ ରହିବା ଆଶ୍ୱସ୍ତିକରଣ ଖବର । ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଭାରତକୁ ଭେନେଜୁଏଲା ତେଲ ...

ବଡ଼ ତେଲ କମ୍ପାନୀଗୁଡ଼ିକର ଶୀର୍ଷ ଅଧିକାରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେ ଭେନେଜୁଏଲା ତେଲ କ୍ଷେତ୍ରରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ନିବେଶ କଥା କହିଛନ୍ତି।ଭେନେଜୁଏଲା ପେଟ୍ରୋଲିୟମ୍ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ (ଓପେକ୍)ର ସଦସ୍ୟ ଅଛି। ଦେଶରେ ବିଶ୍ୱର ସବୁଠୁ ବଡ଼ ତେଲ ଭଣ୍ଡାର ରହିଛି। କିନ୍ତୁ ବୈଶ୍ୱିକ ସପ୍ଲାଇର କେବଳ ମାତ୍ର ୧ ପ୍ରତିଶତ ଦେଇଥାଏ। ଆମେରିକାର ୨୦୧୯ରେ ଭେନେଜୁଏଲା ଉପରେ କଡ଼ା ଆର୍ଥିକ ପ୍ରତିବନ୍ଧ (ସାଙ୍କସନ୍) ଲଗାଇଥିଲା। ଏପରିକି ଆମେରିକା ସେକେଣ୍ଡରୀ ସାଙ୍କସନ୍ ମଧ୍ୟ ଲଗାଇଥିଲା। ଅର୍ଥାତ ଯେଉଁ ଦେଶ କିମ୍ବା କମ୍ପାନୀ ଭେନେଜୁଏଲାରୁ ତେଲ କିଣିବେ, ସେମାନଙ୍କୁ ଆମେରିକା ବଜାରେ ବ୍ୟାପାର କିମ୍ବା ବ୍ୟାଙ୍କିଙ୍ଗ୍ ସୁବିଧାରୁ ହାତ ଧୋଇବାକୁ ପଡ଼ିବ। ଏହି କାରଣରୁ ଭାରତ ସମେତ ବହୁ ଦେଶ ଭେନେଜୁଏଲାରୁ ତେଲ କିଣିବା ବନ୍ଦ କରିଦେଇଥିଲେ। ମିଡିଆ ରିପୋର୍ଟ ଅନୁସାରେ ଭାରତ ସେତେବେଳେ ନିଜର ମୋଟ ତେଲ ଆମଦାନିର ପ୍ରାୟ ୬ ପ୍ରତିଶତ ଭେନେଜୁଏଲାରୁ ନେଉଥିଲା।ଯଦି ଭାରତକୁ ପୁଣିଥରେ ଭେନେଜୁଏଲାର ତେଲ କିଣିବାର ଅନୁମତି ମିଳିଯାଏ, ତେବେ ତାକୁ ଅଲଗା ଅଲଗା ଦେଶରୁ ତେଲ ମଗାଇବାର ଆଉ ଏକ ବିକଳ୍ପ ମିଳିଯିବ। ଏହା ଦ୍ୱାରା ଭାରତର ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ କରିବାରେ ସହାୟତା ମିଳିବ।

### ୭ଦିନ ନଆସିଲେ ପିଲାଙ୍କ ...

କରିବାକୁ ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ବଡ଼ କଥା ହେଉଛି କେବଳ ଡ୍ରପ ଆଉଟ୍ ହାର କମାଇବାକୁ ନୁହେଁ, ବରଂ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ସୃଷ୍ଟି ରୋକିବାକୁ ବି ଏହା ଉପାଦେୟ ହେବ। ଯେହେତୁ ଏ ୩ ଦିଗକୁ ଆଖିରେ ରଖି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।

### ମହାକାଶକୁ ଯିବ ଓଡ଼ିଶା ...

ମାଧ୍ୟମ ଭାବେ ବ୍ୟବହାର କରିପାରିବେ। ସୂଚନା ଅନୁସାରେ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ସୁନୀଲ ଷଡ଼ଙ୍ଗୀ ଓ କିଛି ଷ୍ଟୁଡେଣ୍ଟ ଇସ୍ରାଏଲର ଟେକ୍ ନିୟନ ୟୁନିଭରସିଟି ଓ ହର୍ଜିଲିଆ ସାଇନ୍ସ ସେଣ୍ଟର ପରିଭ୍ରମଣ କରି ଉପଗ୍ରହ ତିଆରି ଜ୍ଞାନ ଆହରଣ କରିଥିଲେ। ଅନୁଷ୍ଠାନର ୧୧ ଶିକ୍ଷକ ଓ ୨୦ ଛାତ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ହାଇଦ୍ରାବାଦରେ ଉପଗ୍ରହ ନିର୍ମାଣ ପ୍ରଣାଳୀ ପ୍ରଶିକ୍ଷଣ ବି ଦିଆଯାଇଥିଲା। ତେବେ ଦେଶରେ ଉପଗ୍ରହ ବ୍ୟବସାୟ ଘରୋଇକରଣ ହେବା ପରେ ୟୁନିଭରସିଟି ପକ୍ଷରୁ ଏକ ବିଭାଗ ଖୋଲାଯାଇ ଛାତ୍ରଛାତ୍ରୀମାନଙ୍କୁ ନିଜସ୍ୱ ସ୍ୟାଟେଲାଇଟ୍ ନିର୍ମାଣ, ଟ୍ରାକିଂ, ଇମେଜ୍ ପ୍ରୋସେସିଂ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ୧ବର୍ଷ ମଧ୍ୟରେ ସିଜିୟୁଏସଏଟି-୧କୁ ନିର୍ମାଣ କରାଯାଇଛି। ଏହାର ପ୍ରକ୍ଷେପଣ ପାଇଁ ସିଭିରମଣ ୟୁନିଭରସିଟି ପକ୍ଷରୁ ଅହମ୍ମଦାବାଦର ଇନ-ସ୍ପେଶ୍ ସହିତ ଏକ ଏମଓୟୁ ସ୍ୱାକ୍ଷର ହୋଇଥିଲା।

### ସମ୍ବଲପୁରକୁ ୫୦ ନୂଆ ...

୨୩୮ କୋଟି ୧୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ବସ୍ ବ୍ୟବସ୍ଥା ଦ୍ୱାରା ସମ୍ବଲପୁରବାସୀଙ୍କ ଯାତାୟାତ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ବସଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ହ୍ୱିଲ୍ ଚେୟାରର ବ୍ୟବସ୍ଥା କରାଯିବା ସହିତ ଯାତ୍ରାମାନଙ୍କର ସୁରକ୍ଷା ଏବଂ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଡିଜିଟାଲ୍ ପେମେଣ୍ଟ ସହିତ ଡିଜିଟାଲ୍ ପେମେଣ୍ଟରେ ରିହାତିର ବ୍ୟବସ୍ଥା ମଧ୍ୟ ଏହି ବସ୍‌ରେ କରାଯାଇଛି। ଇ-ବସ୍ ହୋଇଥିବାରୁ ପରିବେଶ ପ୍ରଦୂଷଣକୁ ହ୍ରାସ କରିବାରେ ଏହି ବସ୍‌ଗୁଡ଼ିକ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉକ୍ତ କାର୍ଯ୍ୟକ୍ରମ ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମାସିକ କାର୍ଯ୍ୟ ସମୀକ୍ଷା ବୈଠକ



**ପୁରୀ,୧୦ା୧/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମାସିକ କାର୍ଯ୍ୟ ସମୀକ୍ଷା। ଶ୍ରୀମନ୍ଦିର ଅଧିକାରୀ ମାନଙ୍କ ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ଗତ ବୈଠକର ବିବରଣୀ ଅନୁପାଳନ ଆସନ୍ତା ତା ୧୭.୧.୨୦୨୬ ରିଖରେ ଅନୁଷ୍ଠିତ ହେବାକୁ ଥିବା କମିଟି ବୈଠକରେ ଉପସ୍ଥାପନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାସହ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ କାର୍ଯ୍ୟ ସମୀକ୍ଷା କରି ଅବଶିଷ୍ଟ ନିର୍ମାଣାଧୀନ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ସଂପୃକ୍ତ ଅଧିକାରୀ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏତତ୍ ବ୍ୟତୀତ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଓ ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଅଟକଳ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିରକୁ ଦାନ ଦେବାପାଇଁ ଶ୍ରଦ୍ଧାଳୁ ମାନେ ଆଗ୍ରହ ପ୍ରକାଶ କରୁଥିବା ପରିପ୍ରେକ୍ଷୀରେ ଏହାକୁ ଅଧିକ ପ୍ରୋତ୍ସାହିତ ତଥା କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ମୁଖ୍ୟ ପ୍ରଶାସକ। ଏଥିସହ ଆସନ୍ତା ଓଡ଼ିଆ ନୂଆବର୍ଷ ପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ। ଏଥିପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ମାନଙ୍କର ଏକ କ୍ୟାମ୍ପ୍ ର ଆୟୋଜନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ମୁଖ୍ୟ ପ୍ରଶାସକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆସନ୍ତା ରଥଯାତ୍ରା ପାଇଁ ଉତ୍ତମ ମାନର ରଥକାଠ ଯୋଗାଣ ଉପରେ ଓଡ଼ିଶାର ପ୍ରମୁଖ ବନ ସଂରକ୍ଷକ ଓ ବନଖଣ୍ଡ ଅଧିକାରୀ ମାନଙ୍କ ସହ ବିଶଦ ଆଲୋଚନା କରି ଏ ଦିଗରେ ସେମାନେ ନେଉଥିବା ପଦକ୍ଷେପ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷିକୀ ପ୍ରତିଷ୍ଠା



**କଣ୍ଟାପଡ଼ା,୧୦ା୧/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବାଗଲପୁରଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ୪ର୍ଥ ବାର୍ଷୀକି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଭାରତୀୟ ପ୍ରଶାସନିକ ସେବାରେ ଅବସର ପ୍ରାପ୍ତ ଅଧିକାରୀ ରାଜକିଶୋର ଚୌଧୁରୀ ଭାରତୀୟ ପୋଲିସ ସେବା ପ୍ରାକ୍ତନ ଅଧିକାରୀ ରାଜକିଶୋର ଦାଶ ଅବସରପ୍ରାପ୍ତ ନ୍ୟାୟ ସେବା ଅଧିକାରୀ ଅରବିନ୍ଦଗୁରୁ ସମହସପିଟାଲର ଡିନ ୨ ଡାକ୍ତର ରାଜେଶ କୁମାର ସେଠୀ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମହାନ୍ତି, ପ୍ରମୁଖ ମଞ୍ଚାସୀନ ଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଦ୍ମଲାଭ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଂପାଦକ ଇଂ ଫନି ଭୂଷଣ ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା କବି ଭାରତୀ ରମାକାନ୍ତ ସ୍ୱାଇଁଙ୍କ ଦ୍ୱାରା ରଚିତ ଛନ୍ଦବୋଧ ଗୀତିକବିତାଞ୍ଜଳି, ନିସର୍ଗ ପସରା , ପୁସ୍ତକ ଉନ୍ମୋଚିତ ହୋଇଥିଲା. ଅନୁଷ୍ଠିତ ଉତ୍ସବରେ କାର୍ଯ୍ୟକାରୀ ସଭାପତି କପିଳ ଚରଣ ସେନାପତି ପ୍ରଭାକର ବାରିକ ପ୍ରମୁଖ ସମସ୍ତ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ସଂଗଠନ ସଂପାଦକରାମପ୍ରସାଦ ମହାନ୍ତି ସଭାକାର୍ଯ୍ୟ ସଂଚାଳନ କରିଥିଲେ।

# ପିଏମ୍ଶ୍ରୀ ଅହମ୍ମଦ ବକ୍ସ ଉଚ୍ଚବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି,୧୦ା୧/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନ ନିଶ୍ଚିନ୍ତକୋଇଲି ପି.ଏମ୍ ଶ୍ରୀ ଅହମ୍ମଦ ବକ୍ସ ସରକାରୀ ଉଚ୍ଚବିଦ୍ୟାଳୟର ପିଏମ ଶ୍ରୀ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କାଦମ୍ବିନୀ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଯୋଗ ଦେଇ ପିଏମଶ୍ରୀ ଯୋଜନା କରିବା ପଛରେ ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି କି ଛାତ୍ର ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ, ଡ଼ିଜିଟାଲ ଲାଇବ୍ରେରୀର ବ୍ୟବସ୍ଥା, ଉଚ୍ଚକୋଟୀର ଲାବ୍ରୋଟୋରୀ ଏବଂ ମୁଖ୍ୟତଃ ଆମ ମାତୃଭାଷାରେ ଶିକ୍ଷା ଦାନକୁ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଛି। ଏପରିକି ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ଦ୍ୱାରା ଆମ ଦେଶ ଓ ଜାତିର ବିକାଶ ସମ୍ଭବପର ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ ଆକାଂକ୍ଷୀ ଛାତ୍ର ପରିଷଦ ଓ ଦୋକାନକୁ ଉଦ୍‌ଘାଟନ କରିବା ସହିତ ପିଲାମାନେ ପ୍ରସ୍ତୁତ କରିଥିବା ଜଳଖିଆ ଖାଇବା ସହ ଚାହା ପିଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର ସଂସଦ ସଦସ୍ୟ ଦେବେନ୍ଦ୍ର ସାହୁ ଯୋଗ ଦେଇ ବିଦ୍ୟାଳୟର ସୁବିଧା ଓ ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧକ୍ଷ ନୃସିଂହଚରଣ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ, ନିଶ୍ଚିନ୍ତକୋଇଲି ସରପଞ୍ଚ ମଧୁସ୍ମିତା ରାଉତ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶ୍ରୀଯୁକ୍ତ ନାରାୟଣ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗ ଦେଇ ପିଏମଶ୍ରୀ ଉତ୍ସବର ମହତ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ପୂର୍ବତନ ଉପାଧକ୍ଷ ଅଶୋକ ଓଝା, ପୂର୍ବତନ ଅଧକ୍ଷା କମଳା ବସ୍ତିଆ,ହେମନ୍ତ ରାଉତ,କୈଳାଶ ବେହେରା, ଅବିନାଶ ରାଉତ, ରଂଜନ ରାଉତ, ଦିଲ୍ଲୀପ ରାଉତ, ରାକେଶ ସେଠୀ,ସନ୍ତୋଷ କାପ ପ୍ରମୁଖଙ୍କ ସମେତ ବିଧାୟକଙ୍କ ବହୁ ସମର୍ଥକ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମିନୀତୀ ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା। ପରିଚାଳନାରେ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ପ୍ରଶାସନ ଓ ଆୟୋଜକ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ଓଡ଼ଗାଁ,୧୦ା୧/ଏନ୍ଏନ୍ଏସ୍:** ଓଡ଼ଗାଁ ଏନଏସି ସ୍ଥିତ ମିନିଷ୍ଟାଡିୟମ ଠାରେ ରଘୁନାଥ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଏକ ଦିବସୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ଖେଳମଣିଷ ଦିବାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪ ଗୋଟି ଦଳ ଅଂଶଗ୍ରହଣ କରିଥିଲେ।୧୫ ଓଭର ବିଶିଷ୍ଟ ମ୍ୟାଚର ପ୍ରଥମ ମୁକାବିଲା ଓଡ଼ଗାଁ ତହସିଲ ଟାଇଗର୍ସ ଓ ଓଡ଼ଗାଁ ବ୍ଲକ୍ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଟସ ଜିତି ଓଡ଼ଗାଁ ତହସିଲ ଟାଇଗର୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ପ୍ରଥମେ ବ୍ଲକ ପ୍ରଶାସନଦଳ ନିର୍ଦ୍ଧାରିତ ଓଭର ବ୍ୟବଧାନରେ ୧୫୭ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଓଡ଼ଗାଁ ତହସିଲ ଦଳ ୧୫୮ ରନର ବିଜୟ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇଥିଲେ।ଠିକ ସେହିପରି ଦ୍ୱିତୀୟ ମୁକାବିଲା ଓଡ଼ଗାଁ ଏନଏସି ଗୋଲଡ଼ ଓ ଆରଏସଏମ ସୁପରକିଙ୍ଗସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ଏନଏସି ଗୋଲଡ଼ ନିର୍ଦ୍ଧାରିତ ଓଭର ମଧ୍ୟରେ ୧୪୭ ରନ ସଂଗ୍ରହ କରିଥିବାବେଳେ ୧୪୮ ରନକୁ ପିଛାକରି ଆରଏସଏମ ଦଳ ସମସ୍ତ ଉଇକେଟ ହରାଇ ୮୮ ରନରେ ସୀମିତ ରହିଥିଲା।ଆସନ୍ତା ଜାନୁଆରୀ ୨୬ ତାରିଖ ଦିନ ତହସିଲ ଟାଇଗର୍ସ ଓ ଓଡ଼ଗାଁ ଏନଏସି ଗୋଲଡ଼ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି। ଖେଳରେ ତହସିଲଦାର ଡ଼.ମାନସ ରଞ୍ଜନ ଭୋଇ ବ୍ୟକ୍ତିଗତ ୪୧ ରନ୍ ସଂଗ୍ରହକରି ଦର୍ଶକଙ୍କ ମନ ଜିଣିଥିବା ବେଳେ ବିଡ଼ିଓ ପ୍ରତିବାଳା ରଣା ଓ ତହସିଲ ଓ ବ୍ଲକ୍ ର କର୍ମଚାରୀମାନେ ସାମିଲ୍ ହୋଇଥିଲେ। ଖେଳକୁ ଯୁବ ସଂଗଠକ ସନ୍ତୋଷ ପ୍ରଧାନଙ୍କ ସମେତ ଉମାକାନ୍ତ ମହାପାତ୍ର,ଦିଗ୍ ବିଜୟୀ ଦେବାଶିଷ, ସଞ୍ଜୟ କୁମାର ସାହୁ, ମାନସ ସାହୁ, ଜ୍ୟୋତିପ୍ରକାଶ ମାଝୀ, ପ୍ରଭାକର ବେହେରା ଓ ତାପସ ରଞ୍ଜନ ପରିଚାଳନା କରିଥିବା ଜଣାପଡ଼ିଛି।

# ଏବିଏସ୍ ଅକ୍ସଫୋର୍ଡ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ




**ଚାରିଛକ,୧୦ା୧/ଏନ୍ଏନ୍ଏସ୍:** ଏବିଏସ ଅକ୍ସଫୋର୍ଡ ଇଣ୍ଟରନାସନାଲ ସ୍କୁଲ ନିମାପଡାର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି। ସ୍କୁଲର ପ୍ରିନ୍ସିପାଲ ବନମାଳୀ ପାଣିଙ୍କ ନେତୃତ୍ୱରେ ଏହି କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲର ଚେୟାରମ୍ୟାନ ମହୋଦୟା ରୀନାବାଳା ମଲ୍ଲିକ ସଭାପତିତ୍ୱ କରି କ୍ରୀଡା ଉଦ୍ଘାଟନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଲିପ୍ସା ପ୍ରଧାନ, ସମସ୍ତ ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ସହଯୋଗ ଏବଂ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ଏହି କାର୍ଯ୍ୟକ୍ରମକୁ ବିଶେଷ ଉତ୍ସବ ମୁଖର ଏବଂ ଆକର୍ଷଣୀୟ କରିଥିଲା। ପ୍ରିନ୍ସିପାଲ ବନମାଳୀ ପାଣି ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ କ୍ରୀଡାର ମହତ୍ୱ ବିଷୟରେ କହି ସେମାନଙ୍କୁ ଉତ୍ସାହିତ କରିବା ସହ ସହକର୍ମୀ ମାନଙ୍କର ଉଦ୍ୟମ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭାମଞ୍ଚରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ

**ପୁରୀ,୧୦ା୧/ଏନ୍ଏନ୍ଏସ୍:** 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ' ପକ୍ଷରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭାମଞ୍ଚରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ବିଶିଷ୍ଟ ପ୍ରାବନ୍ଧିକ ପ୍ର. ଅଦ୍ୱୈତ ମତବ୍ୟକ୍ତ କରିଥିଲେ। ପ୍ର. ପ୍ୟାରୀମୋହନ ପଟ୍ଟନାୟକ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କ କବିତା ସଂକଳନ 'ଜୀବନ ସାଢ଼େ ତିନି ଅକ୍ଷର' ଲୋକାର୍ପିତ ହୋଇଥିଲା। ସାଧାରଣ ସମ୍ପାଦକ ଶିଶୁ



ଚରଣ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ର. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟର ଶ୍ରେଷ୍ଠ ପୁରସ୍କାର ହିଁ ଉତ୍ତମ ପୁସ୍ତକ ଅଧ୍ୟୟନ ଓ ମନନରେ ଅଛି। ସହୃଦୟ ହେଉଛି ସେମାନଙ୍କ ଶ୍ରେଷ୍ଠ ବିଚାରକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ବିଜ୍ଞାନ ବିଶାରଦ ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି ସରଳ କରି ଭାବନାର ପ୍ରଭାବ ଯୁବ ପୀଢ଼ି ପାଇଁ ଆବଶ୍ୟକ ବୋଲି ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷା ପ୍ରଶାସିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କବି ଶ୍ୟାମ ପ୍ରକାଶ ସେନାପତି ଓ କମଳ କୁମାର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। କବି କ୍ରୀଷ୍ଣା ମହାପାତ୍ର ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଚାଳିଶ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

## ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ମହୋତ୍ସବ

# 'ମୃତ୍ତିକା ଓ ଜଳ ବିନା ଜୀବନ ଅସମ୍ଭବ'



**ନୟାଗଡ଼,୧୦ା୧/ଏନ୍ଏନ୍ଏସ୍:** ନୟାଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ବ୍ଲକ ସ୍ତରୀୟ ଜଳବିଭାଜିକା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣୀ ଗାଁରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ନାଟୁଗାଁ ସରପଞ୍ଚ ସାଗରବାଳା ବରାଡ଼, ସମିତିସଭ୍ୟା ତୋଫାନୀ ଦାଶ, ଚମ୍ପତିପୁର ପଞ୍ଚାୟତ ସରପଞ୍ଚ ଅମର ପ୍ରସାଦ ସାଥୁଆ, କ୍ରିଦାଶପୁର ପଞ୍ଚାୟତ ସମିତିସଭ୍ୟା ବାସନ୍ତି ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ, ଜଳ ବିଭାଜିକା ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋଚନା ରଖିଥିଲେ। ଗ୍ରାମ କୃଷି ଉତ୍ପାଦନ ବୃଦ୍ଧିରେ ଜଳ ବିଭାଜିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି। କୃଷି ଓ କୃଷକର ଉନ୍ନତୀ ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ। ମୃତ୍ତିକା ଓ ଜଳ ବୀନା ଜୀବନ ଅସମ୍ଭବ ବୋଲି କହିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଜ୍ଞାନ ରଞ୍ଜନ ସାହୁ ତାଙ୍କ ବକ୍ତବ୍ୟରେ ରସାୟନିକ ସାରର ସୀମିତ ବ୍ୟବହାର ଏବଂ ଜୈବିକ ସାର ବ୍ୟବହାର ଉପରେ ଆଲୋଚନା ରଖିଥିଲେ। ସମ୍ବାରିଆ ନାଳ ଅଣୁ ଜଳ ବିଭାଜିକା ସମ୍ପାଦକ ଚକ୍ରଧର ଜେନା ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ୱାରା କିଭଳି କୃଷି ଉପଯୋଗୀ ହୋଇପାରୁଛି ତାହା ଉପରେ ମତ ରଖିଥିଲେ। ଏହି ଅବସରରେ ଜଳ ବିଭାଜିକା ମାର୍ଗଦର୍ଶକ ଏବଂ ଜଳ ବିଭାଜିକା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ନାଟକ ମାଧ୍ୟମରେ ଏବଂ ଏଲଇଡି ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରା, ସୌମ୍ୟରଞ୍ଜନ ଶତପଥି, ମଧୁସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜଳ ବିଭାଜିକା ମହୋତ୍ସବ ଅବସରରେ ବୃକ୍ଷରୋପଣ କରାଯିବା ସହ ଚାଷୀ ଜମିକୁ ସେଚ କେନାଲ ଲୋକାର୍ପଣ ହୋଇଥିଲା। ଏହା ସହିତ ଏକ ନାଟୁଗାଁ ପୋଖରୀ ଜଳ ପ୍ରବେଶ ଓ ନିଷ୍କାସନ ପଥ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ନୟାଗଡ଼ ବ୍ଲକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ସହକାରୀ କୃଷି ଯନ୍ତ୍ରୀ ବୀରଭଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାଲିହାତ


ପିନାକୀ ମିଶ୍ର

କବିତା ଲେଖି ଲାଭ କ'ଣ ?
ମୁଦିଲେ ଆଖି, ସବୁ ଅନ୍ଧାର।

ସରିଛି କବିତାର କାମ
ମୁଦିଲା ଆଖିରେ ପ୍ରାଣୀଙ୍କ ଆରତଲେଖା।

ସରିଛି ନବାକ୍ଷରୀ ଉଦ୍ଧାର କବିତା
ସରିଛି ଧୀରେ ସମୀରେ ପ୍ରଣୟପ୍ରତିତା।

ସରିଛି ଲୁହର ମାଜଣା
କ୍ରୌଞ୍ଚ ଆଦିପର୍ବରୁ ନାଟକ ଶେଷ।

ପବନକୁ ପ୍ରଶ୍ନ କରିବିନି
କାହିଁକି ଟାଣିଲୁ ମୋତେ ମାଳତୀବନକୁ।

ଭାବ ହଜିଯାଉ ବଉଦ ଭିଡରେ
ମୋ କଲମ ଖସିପଡୁ ହାତରୁ,

କଣ୍ଟାଗଛ ରାଜୁତିକରୁ
ମୋ' ଶବ୍ଦଗୁମ୍ଫାର ପାଦଚଲା ବାଟରେ।

କି କବିତା , କାହିଁକି କବିତା ?
କେବେ ମୋର ନଥିଲା ତ !
ପଦ୍ମ କଇଁ କ'ଣ ପୋଖରୀର ?

ଅନେକଥର ଶୁଣିଛି ପ୍ରେମ ନଥିଲା
ହେଲେ କଳସୀ ଭରିଦେଇଛି କେତେ
ମୋ' ଅନ୍ତର ଚୁଆଝର।

ଗମ୍ଭୀରାରେ ମୁଁ କାଠସହ ସାମ୍ନାସାମ୍ନି
ଯାହା ଦେଇଛି ଫେରେଇଦିଏଁ ତା'କୁ ।

ଅଭିମାନ ଅଭିଯୋଗ କିଛିନାହିଁ
କି ଭରସା ଧମନୀ ଧକଧକକୁ
ଥାଉ ଥାଉ କବିତା ବିଳାସ।

ତଥାଗତ ତନୁକ୍ଷୀଣ ବି ସନ୍ଧାନକବିତା
ସାବିତ୍ରୀ ଅନୁଶରଣ ବି ବ୍ରହ୍ମାଣ୍ଡ କବିତା
ରାମାୟଣ ବି ଅଶ୍ଳୀଳକବିତା
ଯୁଦ୍ଧଭୁଇଁର ପୋଡାପାଉଁଶରୁ ଧର୍ମ କବିତା।

ସବୁ ହେଲାପରେ
ହାତ ଖାଲିଥାଉ ମୋର
ଶୂନ୍ୟ ଶୁଷ୍କ ଥାଉ ମୋର ଅନାସକ୍ତ ଅନ୍ତର
ଏ ଓଦାଆଖିକୁ କେମିତି ବୁଝେଇବି ?
**ମୋ - ୯୪୩୮୧୧୮୩୯୭**

# ଉଡାଣ


ସୁନନ୍ଦା ମହାନ୍ତି

ଶୀତ ଦିନେ ଚିଲିକାକୁ ଉଡିଆସନ୍ତି ପକ୍ଷୀ ସମୂହ ଅର୍ଥାତ ଉଡାଣ ଆରମ୍ଭ ହୋଇଯାଏ ସେମାନଙ୍କର। ନାଆରେ ବା ଲଞ୍ଚରେ କାଳିଜାଇଙ୍କ ପୀଠକୁ ଗଲାବେଳେ ପକ୍ଷୀଙ୍କ ଉଡାଣ ଦେଖି ମୁଗ୍ଧ ହୁଅନ୍ତି ପର୍ଯ୍ୟଟକମାନେ। ବିଦେଶୀ ପକ୍ଷୀଙ୍କ କିଚିରି ମିଚିରି ସ୍ୱରରେ ଚିଲିକା ଲାଗେ ସୌନ୍ଦର୍ଯ୍ୟମୟୀ। ଉଡାଣ କରି ଆସିଥିବା ପକ୍ଷୀମାନେ ସତେ ଯେମିତି କହୁଥାନ୍ତି...ବାଃ ଚିଲିକା ବାଃ। ଶୀତର ପହିଲି ସ୍ପର୍ଶରେ ଉଡିଆସୁଥିବା ଦେଶୀ ଓ ବିଦେଶୀ ପକ୍ଷୀ ପ୍ରାୟ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆସିଥାନ୍ତି ଚିଲିକାକୁ। ସଂଖ୍ୟାରେ ପ୍ରାୟେ ଏଗାର ଲକ୍ଷ ପାଖାପାଖି ପକ୍ଷୀ ଭିତରୁ ତଥାପି ରହିଯାଆନ୍ତି ପଞ୍ଚସ୍ତରୀ ହଜାର ପାଖାପାଖି ପକ୍ଷୀ। ପକ୍ଷୀ ସୁରକ୍ଷା ପାଇଁ ଅସ୍ଥାୟୀ ଶିବିର ସବୁ ଉଠିଗଲା ପରେ ମଧ୍ୟ ସେଇସବୁ ଦେଶୀ ବିଦେଶୀ ପକ୍ଷୀ ଯଥା ପିମ୍ପେଲ, ଗଡଓ୍ୱାଲ, ପେଲିକାନ ଓ ସ୍ଲୋଭର ପକ୍ଷୀମାନେ ଅଣ୍ଡା ଦେଇ ପକ୍ଷୀ ଶାବକ କରି ବଢ଼େଇ ଉଡେଇ ଦେବାର ନଜର ମଧ୍ୟ ସାମ୍ନାକୁ ଆସେ। ତା' ସହିତ ଦେଶୀ ଚଢ଼େଇ ହରଡ଼, ଗେଣ୍ଡାଳିଆ, ଗେଣ୍ଡା, ପାଣ୍ଡା ଜାତୀୟ ଦେଶୀ ପକ୍ଷୀଙ୍କ ସମାହାର ସହିତ ଚଢ଼େଇହଗା ପାହାଡ଼ରେ ଅଟକି ଯାଏ ପର୍ଯ୍ୟଟକଙ୍କ ନାଆ ବା ବୋଟ୍ ବା ଲଞ୍ଚ। ଏତେ ପ୍ରକାର ପକ୍ଷୀଙ୍କ ଭିତରେ ମଙ୍ଗଳାଯୋଡି ଓ ନଳବଣ ଠାରେ ପକ୍ଷୀ ସବୁ ବର୍ଷ ସାରା ରହିଥାଆନ୍ତି। ମାଇଗ୍ରେଟେଡ୍ ବାର୍ଡ ସବୁ ଚିଲିକାକୁ ଆସିବା ସହ ରହିଯାଆନ୍ତି ବର୍ଷ ବର୍ଷ ଧରି ଚିଲିକାର ଅନୁକୂଳ ପରିବେଶ ଭିତରେ ତ ଅଧିକା ସଜାଗ ଆବଶ୍ୟକ ବୋଲି ମତାମତ ପ୍ରକାଶ ପାଉଥିବା ବେଳେ ପରେଶଙ୍କ ସ୍ତ୍ରୀ ସେଦିନ ଲଞ୍ଚରେ କାଳିଜାଇ ଦର୍ଶନ କରି ଓ ପକ୍ଷୀ ଦେଖା ମଜା ନେଇ ଫେରିଆସିବା ପରେ ସ୍ୱାମୀ ପରେଶଙ୍କ ଜଣେ ଅଫିସ କର୍ମଚାରୀ ଆସି ପହଁଚିଲେ ଓ ମାଂସ ପୁଡିଆଟି ପରେଶଙ୍କ ସ୍ତ୍ରୀ ଅରୁଙ୍କ ହାତକୁ ବଢ଼େଇ ଦେଇ କହୁଥିଲେ.. ହେ ହେ... ମାଂସ ଟିକେ ଆଣିଥିଲି। ତାଙ୍କୁ ଆତିଥ୍ୟ ଦେଇ ବିଦା କରିବା ପରେ, ଅତି ଆଗ୍ରହରେ ସ୍ୱାମୀ ପରେଶଙ୍କ ପାଇଁ ରାନ୍ଧୁଥିଲେ ମାଂସ। ମଧ୍ୟାହ୍ନ ସମୟରେ ଆସି ପହଞ୍ଚିଗଲେ ସ୍ୱାମୀ ତ ବାଢ଼ି ବସିଲେ ଅରୁ। ଖାଉ ଖାଉ ସ୍ୱାମୀ ପଚାରି ବସିଲେ କଣ କେହି କୁଣିଆ ଆସି ଦେଇଗଲେକି ପହିଲି ଭୋଗ ବଦଳେ ମାଂସ ହଉ ହଉ ଆଜି ଖାଇବାଟା ଜମିବ କହି ଯେମିତି ପାଟିକୁ ହାତ ନେଇଛନ୍ତି ସ୍ୱାମୀ, ଅରୁ କହିଲେ ନାହିଁ ମୋ ବାପାଙ୍କ ଘରୁ କେହି ଆସିନାହାନ୍ତି ବରଂ ତୁମ ଅଫିସର ଗୋଲକ ବିହାରୀ ବାବୁ ଚଢ଼େଇ ମାଂସ ନେଇ ଆସିଥିଲେ। ଶୀତ ଦିନିଆଁ ଚଢ଼େଇ ମାଂସ ଭାରି ସୁଆଦ ପୁଣି ବହୁ କଷ୍ଟ କରି ଯୋଗାଡ଼ କରିଛନ୍ତି କହୁଥିଲେ। ଖୁସି ହେବା ପରିବର୍ତ୍ତେ ଖାଇବାରୁ ଉଠିଗଲେ ସ୍ୱାମୀ କହିଲେ ହଉ ତୁମେ ଏ ଲାଞ୍ଚ ଖୋଳ ପୁଣି ନିରୀହ ପକ୍ଷୀ ମାଂସ ଖାଅ ମୁଁ ବାହାରେ ଖାଇନେବି। ଅରୁ ମନେପକେଇଲେ ଆଉ ପାଞ୍ଚଟା ସ୍ୱାମୀ ପରି ନୁହଁନ୍ତି ପରେଶ। କିଛି ନଲୁଚେଇ ସବୁକଥା ସ୍ତ୍ରୀଙ୍କ ଆଗରେ କହନ୍ତି ବୋଲି ଅରୁ ନିଜକୁ ଭାଗ୍ୟବତୀ ମଣନ୍ତି। ସେହି ଆଳରେ ଗୋଲକ ବାବୁ ତାଙ୍କ ପଛରେ ପଡିଛନ୍ତି ପ୍ରମୋଶନ ପାଇଁ ବୋଲି ଶୁଣି ମଧ୍ୟ ତାଙ୍କ ଠାରୁ ମାଂସ ପରି ଲାଞ୍ଚ ସହ ନିରୀହ ଚଢ଼େଇ ମାଂସ ତାଙ୍କର ରଖିବା ଉଚିତ ହୋଇନି ଭାବୁ ଭାବୁ ବାଜିଗଲା ସନ୍ଧ୍ୟା ଛଅ। ଅଫିସ ଫେରନ୍ତା ସ୍ୱାମୀଙ୍କ ମନପସନ୍ଦର ଟିଫିନ ବାଢୁ ବାଢୁ ସ୍ୱାମୀ ବଢ଼େଇ ଦେଇଥିଲେ ଛାଡ଼ପତ୍ର ନୋଟିସ। କହିଥିଲେ ଗୋଲକ ବାବୁଙ୍କ ପ୍ରମୋସନ ନହେଲେ ମଲି ହେଲେ ବି ମଲି କେବଳ ତୁମ ପାଇଁ। ସ୍ତ୍ରୀ କେବଳ ଅର୍ଦ୍ଧାଙ୍ଗିନୀ କି ଶଯ୍ୟାସଙ୍ଗିନୀ ନୁହଁ ବରଂ ମନପକ୍ଷୀ ପରି ମନ ଚିହ୍ନିବା ଉଚିତ। ପ୍ରମୋଶନ ହେଲେ ଗୋଲକ ବାବୁ କହି ବୁଲିବେ ଲାଞ୍ଚ ପାଇ ପରେଶ ସାର ମୋ ପ୍ରମୋଶନ କଲେ ବା ନହେଲେ କହିବୁଲିବେ ଲୋକଟାକୁ ଚଢେଇ ମାଂସ ବୋଧେ ଆହୁରି ଦରକାର ଥିଲା! ଏତିକିରେ ହେଲାନି। ସ୍ତବ୍ଧ ଚକିତ ଅରୁଙ୍କ ଓଲଟା ଯୁକ୍ତି ଶୁଣିବାକୁ ପ୍ରସ୍ତୁତ ନଥିଲେ ସ୍ୱାମୀ ତ ଦସ୍ତଖତ କରିବାକୁ ବାଧ୍ୟ ହେଲେ ଅରୁ ଛାଡପତ୍ର ନୋଟିସ ପେପରରେ।

କୋର୍ଟରେ ସବୁ ଫଇସଲା ହେଲା ପରେ ବାପା, ମାଆ, ଭାଇ ଭାଉଜଙ୍କ ସଙ୍ଗେ ବାପାଙ୍କ ଘରକୁ ଗଲାବେଳେ ଗାଡି ଭିତରେ ଭାଇ କହୁଥିଲା କିଏ କାହା ଘରକୁ ପ୍ରଥମ କରି ଆସିଲେ କିଛି ନେଇକି ଆସିବା ଉଚିତ। କେବେ ଆସି ନଥିବା ଗୋଲକ ବାବୁ ପ୍ରଥମ କରି ଆସିଲେ ଯେତେବେଳେ କିଛି ନେଇଆସିଲେ ଏଥିରେ ଲାଞ୍ଚର ପ୍ରଶ୍ନ ଉଠୁଛି କୁଆଡୁ! ଦ୍ୱିତୀୟତଃ କୁକୁଡ଼ା, ଗଞ୍ଜା ପରି ପକ୍ଷୀର ମାଂସ ଖାଉଛ ଆଉ ଶୀତ ଦିନିଆଁ ହରଡ଼ ଚଢ଼େଇ ବା କିଛି ବିଦେଶୀ ଚଢେଇଙ୍କ ମାଂସ ଖାଇଲେ କ୍ଷତି କଣ! ବାପା ଭାଇ କଥା ଶୁଣି କହୁଥିଲେ ଏଥିରେ ମୋ ଝିଅର ଦୋଷ ରହିଲା କଣ ବୁଝିପାରୁନି ? ତ ବୋଉ କହିଥିଲା ଅବୁଝାମଣା ଲୋକ ବୋଲି କେମିତି ଜାଣିଥାଆନ୍ତି ଆଗରୁ! ସବୁତ ଭଲ ଦେଖିଲି ଶୁଣିଲି ବୋଲି ମୋ ଅରୁ ପରି ଝିଅର ହାତ ଟେକି ଦେଲି ପରେଶ ହାତରେ। ଭାଉଜ କହୁଥିଲେ ଆଙ୍କୁ ହିଁ କହନ୍ତି ଖଣ୍ଡିଗଣିଆଁ। ଅରୁ ଚୁପଚାପ ସବୁ ଶୁଣି ଚିନ୍ତା କରୁଥିଲେ ଏବେ ସେ ମୁକ୍ତ ପକ୍ଷୀ। ଝିଅ ଏଯାଏଁ କାହିଁ ବାହା ହୋଇନି ବୋଲି କେହି ପଚାରିବାକୁ ନାହିଁ କାରଣ ମୁଣ୍ଡରେ ସିନ୍ଦୁର ଅଛି ପୁଣି ଅନ୍ୟର ଲୋଲୁପ ଦୃଷ୍ଟି ଆଢୁଆଳରେ ରହି ସେ ପୂର୍ବପରି କଣ କଣ ସବୁ କରିବେ ଲିଷ୍ଟ କରୁଥିଲେ। ମନେ ମନେ ତ ଗାଡି ଆଗକୁ ବଢୁଥିଲା।

**ସାକ୍ଷୀଗୋପାଳ, ପୁରୀ,**
**ମୋ-୯୦୪୦୯୭୭୩୨୭**



## ଅଣୁଗଳ୍ପ

# ନୂଆବର୍ଷର ସଂକଳ୍ପ


ମୈତ୍ରେୟୀ କମିଳା

ବାସନରେ ତେଲ ଛାଡ଼ି ନଥିବା ଦେଖି ରିତା ଭାବିଲା ଆଜି ନୂଆବର୍ଷ ହେଉ ପଛେ କାମବାଲିକୁ ଭଲ ସେ ଗାଳି ଦେବ। ଦରକାର ପଡିଲେ କହିବ ଆଉ ତୋର ଆସିବା ଦରକାର ନାହିଁ। ଏଭଳି କାମ ମୋତେ ପସନ୍ଦ ନୁହେଁ। ରାଗି ରାଗି ତା'ର ଆଉ ଦୁଇ ତିନିଟା ଭୁଲ ମନେ ମନେ ଭାବିହେଲା। କାମବାଲୀ ଆସିବା ମାତ୍ରେ ଭଲ ସେ ତାକୁ ଶୁଣେଇଦେଲା। ହାତରେ ପଇସା ଧରେଇ କହିଲା ଯା' ଆଉ କାଲି ଠୁ ଆସିବା ଦରକାର ନାହିଁ। ଚଟକିନା କାମବାଲୀ କହିଲା ଦିଦି ରାଗ ରୁଷା ଛାଡ ହେପି ନିଉ ଇୟର କୁହ।

ହାଁ, କରି ତା ମୁହଁକୁ ଅନେଇ ରହିଲା ରୀତା। ସେପଟୁ ଛୁଆ ସବୁ ହୋ ହୋ ହୋଇ ହସି ଉଠିଲେ। ନୂଆବର୍ଷ ସଂକଳ୍ପ ପାଣି ଭଳି ମିଳେଇ ଗଲା।

**ନିଶା**

ହାତରେ ୨୦ ଟଙ୍କା ଆଉ ଔଷଧର ନା ଲେଖା କାଗଜ୍ ଧରେଇ କାଳିଆ ନନା ଘରପାଖ ସନ୍ତୁକୁ କହିଲା ଗଲୁ ଗଲୁ ଚଞ୍ଚଳ ଏଇ ଔଷଧ ନେଇ ଆସିବୁ, ବୁଢ଼ୀମା କାଲିଠୁ ବିଛଣା ଧରିଛି ଦେହ ବହୁତ ଖରାପ। ସାଇକେଲ ନେଇ ବାହାରି ଗଲା ସନ୍ତୁ, ବଜାରରୁ ଔଷଧ କିଣି ଫେରୁଛି ଗୋଟେ ଜାଗାରୁ ମାଇକରେ ଗୀତ ବାଜିଲା। ଗୀତ କିଛି ସମୟ ପାଇଁ ବନ୍ଦ ହୋଇ ପୁଣି ବାଜିଲା। ତାକୁ ଶୁଣିବା ପାଇଁ ସାଇକେଲରୁ ଓହ୍ଲେଇ କାନ ଡେରିଲା, ସନ୍ତୁକୁ ଗୀତ ସବୁ ମନକୁ ଛୁଇଁଲା। ଆଉ ଗୋଟେ ଶୁଣିଲା। ଏମିତି ଗୋଟେ ପରେ ଗୀତ ବାଜୁଛି ମାଇକରେ...ସେ ସେଇଠି ଠିଆ ହୋଇ ଶୁଣୁଛି, ଅଧଘଣ୍ଟେ ହେଲା। ହଠାତ ମନେ ପଡ଼ିଲା କାଳିଆ ନନା ଔଷଧ କଥା କହିଥିଲା। ତରବର ହୋଇ ସାଇକେଲ ଚଳେଇ ପହଁଚି ଦେଖିଲା କାଳିଆ ନନା ଘର ଆଗରେ ଲୋକ ଜମା ହୋଇଛନ୍ତି।

**-ନବୀ, ମୁମ୍ବାଇ**

# ଚେକାଏ ମାଟି


ସଞ୍ଜୟ କୁମାର ଚୌଧୁରୀ

କିଏ ତ ଅଛ କୁହ
ମତେ ପାରିବ ଦେଇ
ମୋର ଆବଶ୍ୟକତା ଯା
ଚେକାଏ ମାଟି
ଦେଖିବ,
ମୋ ପାଇଁ ବେଶୀ ଲାଭ ହେବ
ଆଉ ସବୁ ଅଭାବ ମେଣ୍ଟିଯିବ
ଯଦି ଚେକାଏ ମାଟି କିଏ ଦେବ
ମୁଁ ନିର୍ଭୟେ ସେଠି ଦୁନ୍ଦୁଭି ବଜାଇ
ନାଚୁଥିବା ଗାଉଥିବି ଗୀତ ବି
ଯେ ଏ ମାଟି ଚେକାଏ ମୋର,
ଆଉ ମୁଁ ତା'ର ଅଧିଶ୍ୱର
ମୋର ସୁଖ ହିଁ ସେତକ ଜୀବନ ସନ୍ତକ
କିଏ ତ ଅଛି କୁହ ଏପରି କରିବ
ଚେକାଏ ମାଟି ମୋତେ ଟେକିଦେବ
ଦେଖିବ ତମେ,
ଗଢ଼ିଦେବି ଅଳ୍ପ ନିର୍ମିତ ଭୂଖଣ୍ଡଟେ
ଟିକି ପ୍ରାସାଦଟେ
ଆଉ ଚୁନା ଚୁନା ସ୍ୱପ୍ନ ମହଲ ସବୁ
ଲଗାଇ ଶ୍ରମ ବଳ
ବୁଦ୍ଧି ଖଞ୍ଜି କଉଶଳ
ଦେଖିବ ହଟିଯିବ
ଦାରିଦ୍ର୍ୟତା ଦେଶଠୁ ମାଟିଠୁ
ଉଙ୍କୁଟିବ ବଞ୍ଚିବାର ସ୍ୱପ୍ନ
ଦାଦନ କ୍ରମଶଃ ହେଉଥିବ ସପନ
ଭଲ ହେବ ଲେଉଟିବ ସେଦିନ
ତୃଷାର୍ତ୍ତକୁ ଜଳ ଭୋକିଲାକୁ ମୁଠା ମୁଠା
ଅନ୍ନ ମିଳିବ
ଫେରିବ ସେଦିନ,

ହଁ, ସେତକ ସବୁ ହେବ
ତମେ କେ ମୋତେ
ଚେକାଏ ମାଟି ଦେବ ସ୍ୱାର୍ଥ ନରଖି
ହୁଏତ ବଦଳି ଯିବ ଦୁଃଖ
ରାତିର ଲୁକ୍କାୟିତ ସପନଗୁଡ଼ା
ସକାଳକୁ ତିଆରି କରିବେ
ଏକ ଲମ୍ବା ରାସ୍ତାଟେ
ମାନବତ୍ୱର ବାସ୍ତବତାର
ହଁ କିଏ ତ ଅଛି କୁହ
ଖାସ୍ ଚେକାଏ ମାଟି ମୋତେ
କଥା ଦିଅ ଦେଖିବ
ଚେକାଏ ମାଟିଠି
ବୀଜ ରୋପିବ ସମୟ
ଅଛ କିଏ ତ ଅଛ କୁହ ହୋଇ ଦୃଢ଼
ଚେକାଏ ମାଟିରୁ ତିଆରିବ
ଗୁଡ଼ିଏ ଘର କାନ୍ଥ ପ୍ରାଚୀର
ରାଇଜ, ଦେଶ ମୋ ପରି
ହଁ ବୁଝିହେଲା ଏବେ
ଏକ ବିଶ୍ୱ ଗଢ଼ିବାରେ
ଚେକାଏ ମାଟି ହିଁ ସମ୍ବଳ
ନତୁବା ଆଉ ଅଧିକ କଣ ଯେ ଦରକାର
ଜୀବନ ଜୀଇବାରେ ଆଉ ବାଟ ଚାଲିବାରେ
ଗୁଡ଼ିଏ ସଂଘର୍ଷକୁ ଧରି
ତମେ କୁହ ଈଶ୍ୱର
ଚେକାଏ ମାଟି ବ୍ୟତୀତ
ଆଉ ଅଧିକ କଣ ଦରକାର।

**ସମ୍ପାଦକ 'ବୋଉ', କଟକ**
**ମୋ-୬୩୭୦୦୫୮୪୦୩**

# ଅନ୍ୟ ଏକ ଦିନ ପାଇଁ


ମୂଳ ଅସମୀୟା- ଅଭିଜିତ ଗୋଗୋଇ


ଓଡ଼ିଆ ଭାଷାନ୍ତର- ପବିତ୍ର ମୋହନ ଦାଶ

ଛାଇରେ ଥିବା କାଠଗଡ଼ଗୁଡିକ
ବର୍ତ୍ତମାନ ବାହାରେ
କେହି ଜଣେ ସେଗୁଡିକୁ ବୋହି ନେଇଛି ଖରାକୁ।
ସେଗୁଡିକ ପଡିଛନ୍ତି ଖେଳେଇହୋଇ,
ଚିରାଚରିତ ଭାବେ ବଢିଛି ତାପମାତ୍ରା
ଖେଳେଇ ହୋଇ ପଡ଼ିଥିବା କାଠଗୁଡିକ
ଶୁଖି ଆସୁଛନ୍ତି,
ବାହାରି ଆସୁଛି ସେଥିରୁ ବକ୍କଳ
ସୂର୍ଯ୍ୟର ନିର୍ଦ୍ଦୟ ଭ୍ରୁକ୍ଷେପରେ।
ଏବେ ପୁଣି ଥରେ ଖାଇବା ବେଳ
ଶୁଖିଲା କାଠଗୁଡିକ ନିଆ ଯାଉଛି ଜାଳିବା ପାଇଁ
ଅଳ୍ପ କିରୋସିନୀ ଓ ଦିଆସିଲି ସହଯୋଗେ
ସେଗୁଡିକ ଧୀରେ ହେଉଛି ପାଉଁଶ,
ଶୁଖି ନଥିବା କାଠଗୁଡିକ ପଡିଛି କୋଣରେ
ଆଉ ଗୋଟିଏ ଦିନ ପାଇଁ ।

**ଇଂରାଜୀ ବିଭାଗ,**
**ଶାସ୍ତ୍ରୀ ସ୍ମୃତି ଡ଼ିଗ୍ରୀ ମହାବିଦ୍ୟାଳୟ,**
**ବାଲିପୁଟ, ପୁରୀ**
**ମୋ-୯୪୩୭୨୦୭୫୪୮**

# ନବପ୍ରକାଶ

## ପ୍ରତିବେଶୀ



**ସମ୍ପାଦକ-ପୀତାମ୍ବର ବାରିକ**
**ଉତ୍କଳ ଶିକ୍ଷା ସଂସଦ, ମହାରାଜା ଠାକୁର ରୋଡ୍, କଲକାତା**
**ମୂଲ୍ୟ-୨୦୦/-**

ସମ୍ଭ୍ରାନ୍ତଶୀଳ ସାହିତ୍ୟ ପତ୍ରିକା ଭାବରେ ପ୍ରତିବେଶୀ ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଭିନ୍ନ। ନିୟମିତ ଭାବରେ ପ୍ରକାଶିତ ହେଉଥିବା ଓଡ଼ିଆ ପତ୍ରିକା କଲକାତାରୁ ପ୍ରକାଶିତ ହେବା ସହ ଓଡ଼ିଆ ସାହିତ୍ୟ ସମୃଦ୍ଧି ପଛରେ ବିଶେଷ ଅବଦାନ ରହିଛି। ସଂପାଦକ ସାହିତ୍ୟର ଜେନ-ଜିଙ୍କୁ ନେଇ ସୁନ୍ଦର ଉପସ୍ଥାପନା କରିବା ସହ ଅନେକ ଉପାଦେୟ ଲେଖା ପତ୍ରିକାରେ ସ୍ଥାନିତ କରିଛନ୍ତି। ଡ.ଦେବୀ ପ୍ରସନ୍ନ ପଟ୍ଟନାୟକ, ଶୈଳଜ ରବି, ପ୍ର. ଉଦୟନାଥ ସାହୁ, ଜ୍ଞାନୀ ଦେବାଶିଷ ମିଶ୍ର, ଦିଲ୍ଲୀପ କୁମାର ସ୍ୱାଇଁ, ଗୌରହରି ଦାସ, ବୈଷ୍ଣବ ଚରଣ ମହାନ୍ତି, କଇଳାଶ ପଟ୍ଟନାୟକ, ଭାଗ୍ୟଲିପି ମଲ୍ଲ, ମୃଣାଳ ଚାଟାର୍ଜୀ ପ୍ରମୁଖଙ୍କ ପ୍ରବନ୍ଧ ସହିତ ରାମଚନ୍ଦ୍ର ବେହେରା, ନାରୁ ମହାନ୍ତି, ମନୋଜ କୁମାର ମହାପାତ୍ର, ରଜନୀକାନ୍ତ ମହାନ୍ତି, ଅରବିନ୍ଦ ରାୟ, ଯଶୋଧାରା ମିଶ୍ର, କୃପାସାଗର ସାହୁ, ଅନୀଲ କୁମାର ପାଢ଼ୀ, ସୁରେଶ ଛୋଟରାୟ ପ୍ରମୁଖଙ୍କ ଗପ ଖୁବ ଚମତ୍କାର ହୋଇପାରିଛି। କବିତାରେ ଶ୍ରୀନିବାସ ଉଦ୍‌ଗାତା, ଫନୀ ମହାନ୍ତି, ଦେବଦାସ ଛୋଟରାୟ, ଗିରିଜା ବଳିୟାରସିଂ, ସଂଗ୍ରାମ ଜେନା, ପ୍ରତିଭା ଶତପଥୀ, ଅପର୍ଣ୍ଣା ମହାନ୍ତି, ରୁନୁ ମହାନ୍ତି, ସୌଭାଗ୍ୟବନ୍ତ ମହାରଣା, ଶିଶିର ନାୟକ ପ୍ରମୁଖଙ୍କ କବିତା ସହିତ ଅନେକ ବରିଷ୍ଠ ତଥା ନବପ୍ରଜନ୍ମର କବିତା ଗୁଡ଼ିକ ହୃଦୟସ୍ପର୍ଶୀ ହୋଇପାରିଛି। ଗଦ୍ୟ କବିତା, ଫିଚର, ପ୍ରତିବେଶୀ ସାହିତ୍ୟ, ଅନୁବାଦ କବିତା, ଶ୍ରଦ୍ଧାଞ୍ଜଳି, ବ୍ୟଙ୍ଗ, ପୁସ୍ତକ ସମୀକ୍ଷା ଆଦି ପତ୍ରିକାର କଳେବରକୁ ଆହୁରି ସୁନ୍ଦର କରିପାରିଛି। ପରିପାଟୀ, ପ୍ରଚ୍ଛଦ, ଅଳଙ୍କରଣରେ ସମସ୍ତଙ୍କ ଠାରୁ ଭିନ୍ନ। ସତ୍ୟ ପଟ୍ଟନାୟକଙ୍କ ଫିଚର ଫାଲୀହା ହାସନ୍‌ଙ୍କ ଉପରେ ଯେତିକି ସୁନ୍ଦର ହୋଇପାରିଛି, ଯୁବକବିମାନଙ୍କୁ ନେଇ ଚିତ୍ତରଞ୍ଜନ ନାୟକ ପ୍ରସ୍ତୁତ କରିଥିବା ଫିଚର ଛଅଟି ଋତୁର ସାରେଗାମା...ସେତିକି ପାଠକଙ୍କୁ ବିମୁଗ୍ଧ କରିପାରିଛି। ପୂଜା ଭିଡ଼ରେ ନଥିବା ପତ୍ରିକା ଭାବରେ ଯେଉଁ ମର୍ଯ୍ୟାଦା ବଜାୟ ରଖିଛି, ପ୍ରତ୍ୟେକ ପାଠକଙ୍କ ପାଇଁ ସଂଗ୍ରହଣୀୟ ନିଶ୍ଚୟ।

# ମାନିନୀ ମମତା


ପ୍ରଶାନ୍ତ କୁମାର ଦାଶ

ମନର ଆବେଗ ତୁମ
ପୁଷ୍ପିତ ମମତା
ମନେପଡେ ତୁମର ସେ
ସୁରମ୍ୟ କବିତା।

ମୋହାଚ୍ଛନ୍ନ ହୁଏ ଯେବେ
ଦେଖେ ତୁମ ମୁଖର ଛବିଟା

ରକ୍ତାୟିତ ହୁଏ ପାଦ
କଣ୍ଟାଭରା ସଡ଼କ ଛାତିରେ
ମନେପଡ ମାନମୟୀ
ଅନ୍ଧକାର ନୀରବ ରାତିରେ।

ମୁଁ ସାଇତେ ସ୍ମୃତିକୁ ତୁମର
ମନର ଗୁପ୍ତ ଗନ୍ତାଘରେ
ତୁମେତ ସଜେଇଦିଅ
ଗଭା ତୁମ
ଗୋଲାପ ଫୁଲରେ।

ଜୀବନର ପଥେ ପ୍ରାନ୍ତେ
ଘେନିଛି ଆଶ୍ରୟ
ଭାବୁଚି ଏ ଦୁନିଆଟା
ମିଛ ମାୟାମୟ।

ଆକାଶର ଜହ୍ନପରି
ହସୁଥାଅ ପୁନେଇଁ ରାତିରେ
ମୁଁ କିନ୍ତୁ ଝରାଏ ଲୁହ
କୋହଭରା ପାଷାଣ ଛାତିରେ।

ଭାବିଲନି କେତେ ଦୁଃଖ
ଲୁହନଈ ପହଁରୁଚି ପ୍ରିୟା
କରିଦେଇ ମତେ ପର
ଗଢିଦେଲ ନୂଆ ଏକ
ପ୍ରୀତିର ଦୁନିଆ।

**କୁଞ୍ଜର, ସଙ୍ଗଲାଇ, ପିପିଲି, ପୁରୀ**
**ମୋ-୯୬୬୮୮୨୨୧୯୦**

# ପ୍ରେମ ନାଁରେ


ସ୍ନିଗ୍ଧା ପଣ୍ଡା

ନାରୀ ପୁରୁଷକୁ ଗଢେ
କେବେ ଅବତାରୀ କେବେ ଈଶ୍ୱର
ପ୍ରେମକୁ ଗଢେ
ଗଢିସାରି ଈଶ୍ୱରଙ୍କୁ ଲାଗି କରିଦିଏ ।

ଏକୁଟିଆ ପୁରୁଷ ହିଁ ଜାଣେ
ନାରୀର ଚରିତ୍ର କାଚ ଖଣ୍ଡେ
ସେଥିପାଇଁ ପ୍ରେମର ଦ୍ୱାହି ଦେଇ

ପଥର ଫିଙ୍ଗେ
ତା' ପରେ ତୁଟିବା ତ ଥୟ ।

ନାରୀ ରହିଥାଏ ନାରୀ ହେଇ
ପୁରୁଷ ତାକୁ ଆସନ ଦିଏ
ଥାଳି ସଜାଡ଼େ
ମନରୁ ତିଆରି କରେ ଅସୁର
ଯାହାକୁ ମାରିବାକୁ
ଉତୁରେଇ ଦିଏ ସବୁ କିଛି ଦେହରୁ
ପ୍ରେମ ନାଁରେ
ଦେବୀ ବୋଲି ନା ପ୍ରେମିକା ବୋଲି
କିଏ ଜାଣେ ।

ପୁରୁଷକୁ ନାରୀ ଦିଏ ଆଲୁଅର ଚିକ୍‌ଚିକ୍ ଖରା
ଆଉ ପୁରୁଷଠୁ ପାଏ ପୁଳାଏ ଅନ୍ଧାର
ଛି' ଛାକର

ପ୍ରେମ ନାଁରେ ବାନ୍ଧି ରଖେ
ସନ୍ଦେହ ଖୁଆଡ଼ରେ
ଆଖି ସାମ୍ନାରେ।

ନାରୀ ଘର ଗଢିଦିଏ ପୁରୁଷ ପାଇଁ
ଘରୁ କାଢି ଆଣି ରାସ୍ତା କଡ଼ରେ
ପୁରୁଷ ବିକ୍ରି କରେ ନାରୀକୁ
କିଣେ ବି ନାରୀକୁ
ପ୍ରେମ ନାଁରେ ।

ନାରୀ ପୁରୁଷକୁ ଗଢେ
ପ୍ରେମକୁ ଗଢେ
ପୁରୁଷ କେବେ ନାରୀକୁ ଗଢିପାରେ କି
ପ୍ରେମ ନାଁରେ।

**-ଲହଣ୍ଡା, ବରଗଡ, ମୋ-୯୮୬୧୩୨୩୬୫୦**

# ଅଗ୍ନିଶମ କେନ୍ଦ୍ର ପରିସରରୁ ଉଚ୍ଛେଦ



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ଅଗ୍ନିଶମ ଓ ଜରୁରୀକାଳୀନ ସେବା କେନ୍ଦ୍ର ପରିସର ଭିତରେ ଦୀର୍ଘ ବର୍ଷ ଧରି ରହିଆସୁଥିବା କିଛି ଅନଧିକୃତ ବାସିନ୍ଦାଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ, ସମ୍ମତିମୂଳକ ଓ ସଫଳ ଭାବେ ସମ୍ପନ୍ନ ହୋଇଯାଇଛି। ଅଗ୍ନିଶମ କେନ୍ଦ୍ରର ସୁରକ୍ଷା, ଇଣ୍ଟିଗ୍ରିଟି ଓ ଜରୁରୀକାଳୀନ ସେବାର କାର୍ଯ୍ୟକ୍ଷମତାକୁ ଆଖିଆଗରେ ରଖି ପୂର୍ବରୁ ଏହି ଅଧିକୃତ ସରକାରୀ ସ୍ଥାନକୁ ଖାଲି କରିବା ପାଇଁ ଅନେକଥର ପ୍ରୟାସ କରାଯାଇଥିଲା। ଏଥର ସଚେତନତା, ସମ୍ବାଦ ଓ ଆପସ ବୁଝାମଣା ମାଧ୍ୟମରେ ଏହାର ସଫଳ ସମାଧାନ ସମ୍ଭବ ହୋଇଛି। ସ୍ଥାନୀୟ କର୍ପୋରେଟର ଓ ସେଠାର ଜଣେ ସଚେତନ ନାଗରିକ ଶ୍ରୀ ସୁକାନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ମଧ୍ୟସ୍ଥତା ଫଳରେ ମୋଟ ୧୮ଟି ପରିବାର ଅଗ୍ନିଶମ ବିଭାଗର ଭୂମିକା ଓ ଜରୁରୀକାଳୀନ ସେବାର ଗୁରୁତ୍ୱ ବୁଝି ସ୍ୱଇଚ୍ଛାରେ ନିଜେ ନିଜେ ଘର ଭାଙ୍ଗି ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ। ଉଚ୍ଛେଦ ସମୟରେ କୌଣସି ପ୍ରକାରର ବଳପୂର୍ବକ କାର୍ଯ୍ୟ କିମ୍ବା ଅସନ୍ତୋଷଜନକ ପରିସ୍ଥିତି ଦେଖାଦିଆ ଯାଇନଥିଲା, ଯାହା ଏକ ସକାରାତ୍ମକ ଓ ମାନବିକ ଉଦାହରଣ ସୃଷ୍ଟି କରିଛି। ଏହି ସହଯୋଗାତ୍ମକ ମନୋଭାବକୁ ସମ୍ମାନ ଜଣାଇ କଟକ ସଦର ତହସିଲଦାରଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୩ଟି ଲେଖାଏଁ ପଲିଥିନ୍ ବଣ୍ଟନ କରାଯାଇଥିଲା। ଏଥିସହିତଅଗ୍ନିଶମ ଅଧିକାରୀଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୩ଟି କମ୍ବଳ ଓ ଦୁଇ ସମୟର ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା।

## ସାଇବର୍ ଠକେଇ

# ୭ ଗିରଫ, ୯୦ଲକ୍ଷରୁ ଅଧିକ ଟଙ୍କା ଫ୍ରିଜ୍

### ମୋବାଇଲ୍, ସିମ୍‌କାର୍ଡ଼, ଲ୍ୟାପ୍‌ଟପ୍, କାର୍ ଓ ୨ ବାଇକ୍ ଜବତ



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ଏକ ବଡ଼ ଧରଣର ଆନ୍ତଃ ରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗର କଳାକାରନାମା ବାବଦରେ ପର୍ଦ୍ଦାଫାଶ କରିବାରେ ସଫଳ ହୋଇଛି କମିଶନରେଟ୍ ପୁଲିସ। ଠକେଇରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ଟି ଘରୋଇ ବ୍ୟାଙ୍କର ଅଧିକାରୀ ସମ୍ପୃକ୍ତ ଅଛନ୍ତି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତମାନେ ହେଲେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ମୁରୁଣିଆ ଗ୍ରାମର ବାବୁଲା ନାୟକ (୨୭), କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଲାପୁଡୁର ଗ୍ରାମର ପନଙ୍ଗ ନାରାୟଣ ଦାଶ (୨୫), ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନେହେରୁ ପଡ଼ିଆ ଅଞ୍ଚଳର ରୁଦ୍ରମାଧବ ମହାପାତ୍ର (୨୩) ଏବଂ ବ୍ୟାଙ୍କ ଅଧିକାରୀ ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ବରୁଣାଇ ଗ୍ରାମ ତଥା ଅଧୁନା କଟକ ତିନିଘରିଆ ଗ୍ରାମରେ ରହୁଥିବା ହରେକୃଷ୍ଣ ସାହୁ (୩୦)।

ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ଦୁଲାଦେବୀ ରୋଡ଼ ଅଞ୍ଚଳ ତଥା ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୁଲା ଗ୍ରାମରେ ରହୁଥିବା ଘରୋଇ ବ୍ୟାଙ୍କ ଡେପୁଟି ମ୍ୟାନେଜର ଅଭିଷେକ ମହାନ୍ତି (୩୧), ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନାନଦିଆ ଗ୍ରାମର ଘରୋଇ ବ୍ୟାଙ୍କ ପିଆରଓ ଦେବାଶିଷ ମଲ୍ଲିକ (୩୨) ଓ ସ୍ଥାନୀୟ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମହ୍ଲାସାହି ଅଞ୍ଚଳର ଘରୋଇ ବ୍ୟାଙ୍କ ଆସିଷ୍ଟାଣ୍ଟ ବ୍ୟାଙ୍କ ମାନେଜର ସ୍ୱରାଜ ସାମଲ (୩୨)। ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୬୯ଟି ମୋବାଇଲ, ୪ଟି ଲ୍ୟାପଟପ, ୩ଟି ଡେସ୍କଟପ, ୨୨୫ଟି ସିମକାର୍ଡ, ୫୫୪ଟି ବ୍ୟାଙ୍କ ଖାତା, ୭୦୨ଟି ଡେବିଟ୍ ଓ କ୍ରେଡ଼ିଟ୍ କାର୍ଡ, ଗୋଟିଏ କାର ଓ ୨ଟି ବାଇକ ଜବତ କରିଛି। ଏହାଛଡ଼ା ଗିରଫ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୯୦ଲକ୍ଷ ଟଙ୍କାକୁ ମଧ୍ୟ ପୁଲିସ ଫ୍ରିଜ୍ କରିଛି। ସୂଚନା ମୁତାବକ, ସାଇବର ଠକମାନେ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ନିବେଶ କରିବାକୁ ପ୍ରଲୋଭିତ କରୁଥିଲେ। ପରେ ପୀଡ଼ିତମାନେ ଏହା ଏକ ନକଲି ବାଣିଜ୍ୟ ପ୍ଲାଟଫର୍ମ ବୋଲି ଜାଣିଲାବେଳକୁ ସେମାନେ କୋଟି କୋଟି ଟଙ୍କା ହରାଇ ସାରିଥିଲେ। ଏହା ପରେ ପୀଡ଼ିତମାନେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। କମିଶନରେଟ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ତଦନ୍ତ ଆରମ୍ଭ କରି ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ସାଇବର ଠକମାନେ ମଧ୍ୟ ଉତ୍ତରପ୍ରଦେଶ ଓ ବିହାର ଲୋକଙ୍କୁ ଠକିଥିବା ନେଇ କମିଶନର କହିଛନ୍ତି। ଦେଢ଼ ବର୍ଷରେ ସାଇବର ଠକମାନେ ୯କୋଟିରୁ ଅଧିକ ଟଙ୍କା ଠକେଇ କରିଥିବାର ପ୍ରମାଣ ମିଳିଛି ବୋଲି ପୁଲିସ କମିଶନର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମାର୍ଚ୍ଚ ଶେଷ ସୁଦ୍ଧା ମୋକିମ୍ ଗଢ଼ିବେ ଲୋକ କଂଗ୍ରେସ !

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ମହମ୍ମଦ ମୋକିମ ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ଦଳ ଘୋଷଣା କରିବେ ବୋଲି ଆଜି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂଆ ଦଳ ଗଠନ ନେଇ ସମୀକରଣ ଚାଲିଛି। ପୁରା ରାଜ୍ୟରୁ ମତାମତ ନିଆ ଯାଉଛି। ଆସନ୍ତା ୧୨ ତାରିଖରେ ରାଜ୍ୟର ଅନେକ ଯୁବପିଢ଼ି ଯୁବସମାବେଶରେ ଏକାଠି ହେବେ। ଉପକୂଳ ଓଡ଼ିଶାର ଅନେକ ଯୁବନେତା ଏକାଠି ହେଉଛନ୍ତି। ସେଥିରେ ଓଡ଼ିଶାର ଭବିଷ୍ୟତ ନେଇ ଆଲୋଚନା ହେବ। ପରେ ମହିଳା ଓ ଚାଷୀ ସମାବେଶ ହେବ ବୋଲି ମହମ୍ମଦ ମୋକିମ କହିଛନ୍ତି। ନୂଆ ଦଳର ନାମ 'ଲୋକ କଂଗ୍ରେସ' ରଖାଯିବ ବୋଲି ଚର୍ଚ୍ଚା ହେଉଛି। ତେବେ ମହମ୍ମଦ ମୋକିମଙ୍କ ନୂଆ ଦଳ କେତେ ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟଏ ପୂର୍ବରୁ ଏହି ବରିଷ୍ଠ କଂଗ୍ରେସ ନେତାଙ୍କୁ ଦଳରୁ ବହିଷ୍କୃତ କରାଯାଇଛି। ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସେ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି। ତେବେ ଏହା ପରେ ସେ ଏକ ନୂଆ ଆଂଚଳିକ ଦଳ ଗଠନ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା। ନିଜ ଶୁଭେଚ୍ଛୁ ପରାମର୍ଶ ଅନୁସାରେ ଆଗାମୀ ପଦକ୍ଷେପ ଗ୍ରହଣ କରିବେ ବୋଲି ମହମ୍ମଦ ମୋକିମ କହିଥିଲେ।

# ମହାନଦୀ ବିହାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବନବିହାର



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ମହାନଦୀବିହାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କନ୍ହେଇପୁର ଆମ୍ବ ବଗିଚାରେ ଏକ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ରବୀନ୍ଦ୍ର ନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ। ଉପ-ସଭାପତି ପ୍ରହଲ୍ଲାଦ ମହାନ୍ତି, ସମ୍ପାଦକ ଭାଗିରଥି ସାମଲ ଓ କୋଷାଧକ୍ଷ ଶରତ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ଭାବେ ପରିଚାଳିତ ହୋଇଥିବା ବେଳେ ଏଥିରେ ଉପଦେଷ୍ଟା ଇଂ.ଗୋପାଳ କୃଷ୍ଣ ବେହେରା, ଇଂ ଯଦୁନାଥ ମହାପାତ୍ର,ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ରବି ନାରାୟଣ ଶତପଥୀଙ୍କ ସହ ୪୭ନଂ ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡ଼େଇ,ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ଉପ-ସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହସମ୍ପାଦକ ଜ୍ଞାନ ରଞ୍ଜନ ଦାସ ଓ ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

# 'ଭିବି-ଜୀ ରାମ୍‌ଜୀ'ରେ ସରକାରଙ୍କ ଦାୟିତ୍ୱବୋଧ ବୃଦ୍ଧି ପାଇବ




**କଟକ,୧୦।୧/ଏନ୍‌ଏନ୍‌ଏସ୍:** ମନରେଗାରେ ଥିବା ୧୦୦ଦିନ କାର୍ଯ୍ୟ ବଦଳରେ ଭିବି.ଜି.-ରାମ୍.ଜି ବିଲ୍‌ରେ ୧୨୫ ଦିନର ରୋଜଗାର ସୁନିଶ୍ଚିତ ଏବଂ ଦୁର୍ନୀତି ମୁକ୍ତ ରହିବା ସହ ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱବୋଧ ବୃଦ୍ଧି ପାଇବ। ଭାରତର ପୂର୍ବ ରାଜ୍ୟଗୁଡିକ ପାଇଁ ୯୦:୧୦, କେନ୍ଦ୍ରଶାସିତ ଅଂଚଳ ପାଇଁ ୧୦୦ ପ୍ରତିଶତ, ଅନ୍ୟ ରାଜ୍ୟଗୁଡିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କର ୪୦ ପ୍ରତିଶତ ଭାଗିଦାରୀ ରହିବ ବୋଲି ଜିଲ୍ଲା ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ମନରେଗାରେ ମାହାତ୍ମା ଗାନ୍ଧୀଙ୍କ ନାମ ବ୍ୟବହାର କରି ନିଜର ରାଜନୈତିକ ଫାଇଦା ହାସଲ କରାଯାଇ ବ୍ୟାପକ ଦୁର୍ନୀତି ହେଉଥିଲା ବୋଲି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ମିଶ୍ର, ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅଶୋକ କୁମାର ସାହୁ, ଉପସଭାପତି ସୁନୀଲ କୁମାର ଦ୍ୱିବେଦୀ, ଭାଗିରଥି ଦଳାଇ, ଏବଂ ଜିଲ୍ଲା ସଂପାଦକ ସ୍ୱାଧିନ ମହାନ୍ତି, ନିତାଇ ଗୌର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀରେ କୁମ୍ଭୀର, ଲୋକେ ଆତଙ୍କିତ



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ମହାନଦୀର ଯୋବ୍ରା ଆନିକଟ ନିକଟରେ ଏକ କୁମ୍ଭୀର ଦେଖାଦେଇଛି। ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ମହାନଦୀର ବାଲୁକା ଶଯ୍ୟାରେ କୁମ୍ଭୀରଟି ଶୋଇ ଖରା ଖାଉଥିବା ବେଳେ ଶନିବାର ଏହାକୁ ଦେଖିବାକୁ ମହାନଦୀ ବ୍ୟାରେଜ ଉପରେ ପ୍ରବଳ ଭିଡ଼ ଜମି ରହିଥିଲା। ଏଥିପାଇଁ ଦୀର୍ଘ ସମୟ ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କ ହଟାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ନଦୀକୂଳରେ ବସବାସ କରୁଥିବା ଲୋକମାନେ ସ୍ନାନ ଓ ଶୌଚ ପାଇଁ ନଦୀ ଉପରେ ନିର୍ଭର କରିଥାନ୍ତି। ମାତ୍ର ଏହି କୁମ୍ଭୀରର ଉପସ୍ଥିତି ଦେଖି ସ୍ଥାନୀୟ ନଦୀକୂଳିଆ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ସେମାନେ ନଦୀକୁ ଯିବାକୁ ନେଇ ଭୟ ପ୍ରକାଶ କରୁଛନ୍ତି। ବନ୍ୟ କର୍ମଚାରୀ ପରିସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି।

# ଭାରତମାତା ପୂଜନ ସମିତି ପକ୍ଷରୁ ସମୀର ଦେ'ଙ୍କ ଜୟନ୍ତୀ

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ଭାରତମାତା ପୂଜନ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସମୀର ଦେ'ଙ୍କ ୭୦ତମ ଜୟନ୍ତୀ ପାଳନ କରାଯାଇଛି। ସିଡିଏସ୍ଥିତ ଭାରତମାତା ମନ୍ଦିର ପରିସରରେ ସ୍ଥାପିତ କରାଯାଇଥିବା ସ୍ୱର୍ଗତଃ ଦେ'ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ଦେ'ଙ୍କ ଧର୍ମପତ୍ନୀ ଡା. ଦୀପିକା ଦତ୍ତରାୟ, ପୂଜନ ସମିତିର ସଭାପତି ଭିକାରୀ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସମେତ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପକୁମାର ସିହ୍ନା, ଉପସଭାପତି ତାପସକୁମାର ପ୍ରହରାଜ ଓ ରବୀନ୍ଦ୍ରକୁମାର ବେହେରା, ୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବକଟୁଆଲ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଜେପି ନେତା ଶ୍ରୀତମ ଦାସ, ଗୀତାରାଣୀ ଦାସ, ରଶ୍ମିରେଖା ଦାସ, ଲଲାଟେନ୍ଦୁ ଦାସ, ଭବାନୀପ୍ରସାଦ ମିଶ୍ର,ଗୀତାଞ୍ଜଳି ବେଉରା, ପ୍ରବୀଣା ମହାପାତ୍ର, ବ୍ରହ୍ମାନନ୍ଦ ସିଂହ, ଲୋକନାଥ ସାହୁ, ନିଶିକାନ୍ତ ସେଠୀ, ମନୋରମା ରାଉତ, ଅମ୍ବିକା ଦାସ, ଅଶୋକ ସାହୁ, ସୁଜାତା ଭରଦ୍ୱାଜ, ପୁଷ୍ପିତା ମହାପାତ୍ର, ପ୍ରଭାସ ରାଉତ, କେଦାର ବେହେରା, ସୁଦୀପ୍ତ ସ୍ୱାଇଁ, କବିରଞ୍ଜନ ମହାନ୍ତି, ରତିକାନ୍ତ ପରମାଣିକ, ମନୋରଞ୍ଜନ ନାୟକ, ଦିଲ୍ଲୀପ ଦାସ, ମୀନକେତନ ଦାସ, ପ୍ରଶାନ୍ତ ଦାସ, ପିଣ୍ଟୁ ମହାରା, ଭାନୁପ୍ରତାପ ସାହୁ, ରାକେଶ ସାହୁ, ଜୟନ୍ତ ମହାନ୍ତି, ସବିତା ରାଉତ, ଚିତ୍ତରଞ୍ଜନ ଜୀ, ଗଣେଶ ରାଉତ, ରାଜନ ଦାସ, ଦିବ୍ୟଜ୍ୟୋତି ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଃ ଦେ'ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



# ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ



**କଟକ,୧୦।୧/ଏନ୍‌ଏନ୍‌ଏସ୍:** ବ୍ରାଉନ୍‌ସୁଗର୍ ବେପାର ଅଭିଯୋଗରେ କଟକ ଅବକାରୀ ମୋବାଇଲ ୟୁନିଟ ଆଜି ସ୍ଥାନୀୟ କ୍ୟାଣ୍ଟେନମେଣ୍ଟ ଥାନା ଅନ୍ତର୍ଗତ ବାଲିଯାତ୍ରା ପଡ଼ିଆ ନିକଟ ଚିଂଗ ବନ୍ଧରୁ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀଘାଟ ଥାନା ରାଜା ବଗିଚା ଅଞ୍ଚଳର ସୁମିତ ବେହେରା (୧୯)। ଅବକାରୀ ପୁଲିସ ଅଭିଯୁକ୍ତଠାରୁ ୫୨ଗ୍ରାମର ବ୍ରାଉନସୁଗାର ଓ ଗୋଟିଏ ହୁଣ୍ଡା ଆକ୍ଟିଭା (ଓଡ଼ି-୦୫-ଏକେ-୬୪୭୧) ଜବତ କରିଛି। ଜବତ ବ୍ରାଉନସୁଗର୍‌ର ଆନୁମାନିକ ବଜାରର ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୁଲିସ ଆକଳନ କରିଛି। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା,ଏସଆଇ ଅକ୍ଷୟ ଜେନା, ଏଏସ୍‌ଆଇ ଜୟପ୍ରକାଶ ବେଉରିଆ, କନ୍‌ଷ୍ଟେବଲ ଅବକାରୀ ଜେନା, ଦେବବ୍ରତ ଓଝା, ପୂର୍ଣ୍ଣେଶ୍ୱର ମାଝୀ, ଶଙ୍କର ସିଂ, ଦମୟନ୍ତୀ ନାଥ ଓ ମୋନାଲିସା ଦାସ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୨୮ରେ ପଠାଣି ସାମନ୍ତ ଗଣିତ ଛାତ୍ରବୃତ୍ତି ପରୀକ୍ଷା

**କଟକ,୧୦।୧/ଏନ୍‌ଏନ୍‌ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ଛାତ୍ରବୃତ୍ତି ପରୀକ୍ଷା (ପିଏମଏସଟି)-୨୦୨୫ ଆସନ୍ତା ଜାନୁୟାରୀ ୨୮ ତାରିଖ ବୁଧବାର ଅନୁଷ୍ଠିତ ହେବ। ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ଼ ସଭାପତି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଗୋଟିଏ ସିଟିଂରେ ଉଭୟ ଷ୍ଟେଜ-୧ ଓ ଷ୍ଟେଜ-୨ ପରୀକ୍ଷା ହେବ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାରଙ୍କ ନୀତି ବିରୋଧରେ ଗର୍ଜିଲା ନଗର କଂଗ୍ରେସ




**କଟକ,୧୦।୧/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଏହାକୁ ସମ୍ପୂର୍ଣ୍ଣ 'ଜନବିରୋଧୀ' ବୋଲି ନଗର କଂଗ୍ରେସ। ଏକ ସାମ୍ବାଦିକ କଟକ ନଗର କଂଗ୍ରେସ ସଭାପତି ସଭାପତି ଗିରିବାଳା ବେହେରା କହିଛନ୍ତି ଯେ, ଗରିବ ଲୋକଙ୍କ ଜୀବିକାର ପ୍ରମୁଖ ମାଧ୍ୟମ ସାଜିଥିବା 'ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା'କୁ ଯୋଜନାବଦ୍ଧ ଭାବେ ଉଚ୍ଛେଦ କରାଯିବା ଏକ ଦୁର୍ଭାଗ୍ୟଜନକ ବିଷୟ। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହରତଳି ଅଞ୍ଚଳର ଶ୍ରମିକମାନେ ବେକାର ହେବା ସହ ସେମାନଙ୍କ ପରିବାର ପ୍ରତି ବିପଦ ସୃଷ୍ଟି ହୋଇଛି। ସେହିପରି ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସେ ଅଭିଯୋଗ କରିଛନ୍ତି। ମଣ୍ଡିଗୁଡ଼ିକରେ ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖକୁ ସୁଫଳ ପହଞ୍ଚି ପାରୁନାହିଁ। ବର୍ତ୍ତମାନର ବିଦ୍ୟୁତ ସେବାକୁ ନେଇ ଶ୍ରୀମତୀ ବେହେରା ବର୍ଷିଛନ୍ତି। ଟାଟା ପାୱାର ନିଜର ମନମାନି ଚଳାଇ ଖାଉଟିମାନଙ୍କୁ ଶୋଷଣ କରୁଥିବା ସେ ଅଭିଯୋଗ କରିଛନ୍ତି। ବିନା ସୂଚନାରେ ବିଦ୍ୟୁତ କାଟ ଏବଂ ଆଖିବୁଜା ବିଲ୍ ଦ୍ୱାରା ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି। ଅତିରିକ୍ତ ଜମା ରାଶି ମାଧ୍ୟମରେ ଲୋକଙ୍କୁ ଲୁଟ କରାଯାଉଛି। ସବୁଠାରୁ ଗମ୍ଭୀର ପ୍ରସଙ୍ଗ ଭାବେ ସେ 'ଭୋଟର ତାଲିକାରୁ ନାମ କଟାଯିବା' ବିଷୟକୁ ଉପସ୍ଥାପନ କରିଛନ୍ତି। ସରକାରୀ ସ୍ତରରେ ବିଭିନ୍ନ ମାଧ୍ୟମରେ ସରକାର ବିରୋଧୀ ଭୋଟ୍‌କୁ କାଟିଦେବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ଏହା ଗଣତନ୍ତ୍ରକୁ ହତ୍ୟା କରିବା ସହ ସମାନ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ ଓ ଜନାର୍ଦ୍ଦନ ପରିଡା, ବରିଷ୍ଠ କଂଗ୍ରେସ ନେତା କମଲେସ ସାଗର, ଗୌରୀ ଦାସ, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ପ୍ରଭାତୀ ପଟ୍ଟନାୟକ, ଅନିତା ବେହେରା, ମାମାନି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କନିଷ୍ଠ ଫେନ୍‌ସିଂ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

# ଏସ୍‌ଏସ୍‌ସିବି ବାଳକ ଓ ହରିଆଣା ବାଳିକା ଚାମ୍ପିଅନ୍




**କଟକ,୧୦।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ୩୩ତମ ଜାତୀୟ କନିଷ୍ଠ ଫେନ୍‌ସିଂ ଚାମ୍ପିଅନ୍‌ଶିପ୍ ଶନିବାର ଉଦ୍‌ଯାପିତ ହୋଇଛି। ଜାନୁଆରୀ ୫ ତାରିଖରୁ ଆରମ୍ଭ ହୋଇଥିବା ଚାମ୍ପିଅନ୍‌ଶିପ୍‌ରେ ୨୩ ରାଜ୍ୟର ୫୭୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବାଳକ ବିଭାଗରେ ଏସ୍‌ଏସ୍‌ସିବି ଦଳ ଚାମ୍ପିଅନ୍ ହୋଇଥିବା ବେଳେ ହରିଆଣା ବାଳିକା ବିଭାଗ ଟାଇଟଲ୍ ଜିତିଛି। ସେହିପରି ପୁରୁଷ ବିଭାଗରେ ହରିଆଣା ଦ୍ୱିତୀୟ ଓ ପଞ୍ଜାବ ତୃତୀୟ ହୋଇଛନ୍ତି। ମହିଳା ବିଭାଗରେ ମଣିପୁର ଓ ତାମିଲନାଡୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁଗ୍ମ ସଚିବ ଗୀତା ଦାସ, ଉପ ସଚିବ ଅମିତ କୁମାର ନାଏକ, କ୍ରୀଡ଼ା ବିଭାଗ ଅଧିକାରୀ କ୍ଷଣପ୍ରଭାବ ମହାନ୍ତି, ରାଜ୍ୟ ରୋଇଙ୍ଗ୍ ସଂଘ ସମ୍ପାଦକ ବିନୋଦ ଦାସ, ରାଜ୍ୟ ଫେନ୍‌ସିଂ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି, ଫେନ୍‌ସିଂ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, କୋଷାଧକ୍ଷ ପୁଲିସ ମହାପାତ୍ର, ଅମ୍ରିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜାତୀୟ ଟୁର୍ଣ୍ଣାମେଣ୍ଟ୍ ସଫଳ ହୋଇଥିବାରୁସଂଗଠନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

### ହରମନପ୍ରୀତ୍ ଓ ସିଭର୍-ବ୍ରଣ୍ଟ୍‌ଙ୍କ ଅର୍ଦ୍ଧଶତକ

# ଦିଲ୍ଲୀକୁ ୫୦ ରନ୍‌ରେ ହରାଇଲା ମୁମ୍ବାଇ

**ନଭି ମୁମ୍ବାଇ,୧୦ା୧/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍‌ର ତୃତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୦ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଦେଇଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ୪ ୱିକେଟ୍ ବିନିମୟରେ ୧୯୫ ରନ୍ କରିଥିଲା।

### ନିକୋଲା ଓ ଆମେଲିଆଙ୍କୁ ୩-୩ ୱିକେଟ୍



ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୯ ଓଭର୍‌ରେ ୧୪୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ୭୪ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିବା ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଲକ୍ଷ୍ୟର ପିଛା କରୁଥିବା ଦିଲ୍ଲୀ କ୍ୟାପିଟାଲ୍ସର ଆରମ୍ଭ ବହୁ ଖରାପ ଥିଲା ଏବଂ ଟିମ୍ ୬ଷ୍ଠ ଓଭର୍‌ରେ ହିଁ ୩୩ ରନ୍‌ର ୪ ୱିକେଟ୍ ହରାଇଥିଲା। ଲିଜେଲ୍ ଲି (୧୦), ଶେଫାଳୀ ବର୍ମା (୯), ଲୌରା ୱିଲ୍‌ଭର୍ଡଟ୍ (୯) ଓ କ୍ୟାପ୍‌ଟେନ୍ ଜେମିମା ରଡ୍ରିଗ୍ସ (୧ ରନ୍) ଶସ୍ତାରେ ଆଉଟ୍ ହୋଇଥିଲେ। ଅବଶ୍ୟ ପରେ ଚିନେଲେ ହେନ୍‌ରୀ (୫୬ ରନ୍) ଯଦିଓ ଅର୍ଦ୍ଧଶତକ କରିଥିଲେ ତେବେ ତାଙ୍କୁ ଅନ୍ୟ ବ୍ୟାଟର୍‌ଙ୍କ ସାଥ୍ ମିଳିନଥିଲା। ଟିମ୍ ୧୯ ଓଭର୍‌ରେ ୧୪୫ ରନ୍‌ରେ ସୀମିତ ହୋଇଯାଇଥିଲା। ମୁମ୍ବାଇ ପକ୍ଷରୁ ଆମେଲିଆ କେର୍ ଓ ନିକୋଲା କେରୀ ୩-୩ ୱିକେଟ୍ ନେଇଥିଲେ। ଏହା ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ। ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଟିମ୍ ଆର୍‌ସିବି ହାତରୁ ପରାଜିତ ହୋଇଥିଲା।

ଟସ୍ ହାରି ବ୍ୟାଟିଂ ପାଇଥିବା ମୁମ୍ବାଇ ଦ୍ୱିତୀୟ ଓଭର୍‌ରେ ହିଁ ଆମେଲିଆ କେର୍‌ଙ୍କୁ ହରାଇଥିଲା। ସେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ଜି କମଳିନୀ ଇନିଂସ୍ ସମ୍ଭାଳି ଟିମ୍‌ର ସ୍କୋର୍ ୫୦ ରନ୍ ପାର କରାଇଥିଲେ। ସପ୍ତମ ଓଭର୍‌ରେ ସେ ୧୬ ରନ୍ କରି ଆଉଟ୍ ହେବା ପରେ ନାଟ୍ ସିଭର୍-ବ୍ରଣ୍ଟ୍ କମାଲ ଇନିଂସ୍ ଖେଳି ୪୬ ବଲ୍‌ରେ ୧୩ ଚୌକା ସହାୟତାରେ ୭୦ ରନ୍ କରିଥିଲେ। ଏହାପରେ ହରମନପ୍ରୀତ୍‌ଙ୍କ ବ୍ୟାଟ୍ ମଧ୍ୟ ଚାଲିଥିଲା। ସେ ୪୨ ବଲ୍‌ରେ ୮ ଚୌକା ଓ ୩ ଛକା ସହାୟତାରେ ୭୪ ରନ୍ କରି ଅପରାଜିତ ରହିଥିଲେ। ମୁମ୍ବାଇ ତାଙ୍କର ଏହି ଇନିଂସ୍ ଦମ୍‌ରେ ଦିଲ୍ଲୀ ଆଗରେ ୧୯୬ ରନ୍‌ର ଲକ୍ଷ୍ୟ ରଖିଥିଲା। ଶେଷ ଆଡ଼କୁ ନିକୋଲା କେରୀ ମଧ୍ୟ ୧୨ ବଲ୍‌ରେ ୪ ଚୌକା ସହାୟତାରେ ଦ୍ରୁତ ୨୧ ରନ୍ କରିଥିଲେ। ଦିଲ୍ଲୀ ପକ୍ଷରୁ ନନ୍ଦିନୀ ଶର୍ମା ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

### ଡବ୍ଲ୍ୟୁପିଏଲ୍: ଅନୁଷ୍କା-ଗାର୍ଡନର୍‌ଙ୍କ ଶତକୀୟ ପାର୍ଟନରଶିପ୍

# ଗୁଜରାଟ ଜାଏଣ୍ଟ୍‌ସର ବିଜୟୀ ଅଭିଯାନ

### ହାଇସ୍କୋରିଂ ମ୍ୟାଚ୍‌ରେ ୟୁପି ୱାରିୟର୍ସଙ୍କୁ ହରାଇଲା

**ନଭି ମୁମ୍ବାଇ,୧୦ା୧/ଏଜେନ୍ସି:** ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୬ର ଦ୍ୱିତୀୟ ମ୍ୟାଚ୍‌ରେ ୟୁପି ୱାରିୟର୍ସ ବିପକ୍ଷରେ ଗୁଜରାଟ ଜାଏଣ୍ଟ୍ସ ୧୦ ରନ୍‌ରେ ବିଜୟ ହାସଲ କରିଛି। ନଭି ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ପ୍ରଥମେ ୪ ୱିକେଟ୍ ହରାଇ ୨୦୭ ରନ୍ କରିଥିଲା। ଜବାବରେ ୟୁପି ୱାରିୟର୍ସ ୮ ୱିକେଟ୍ ବିନିମୟରେ ୧୯୭ ରନ୍ କରିବାକୁ ସମର୍ଥ ହୋଇଥିଲା।



ରନ୍‌ଚେଜ୍‌ର ୟୁପି ୱାରିୟର୍ସ ପକ୍ଷରୁ ଓପ୍ନର୍ ଫୋଏବେ ଲିଚ୍‌ଫିଲ୍ଡ ୪୦ ବଲ୍‌ରେ ୮ ଚୌକା ଓ ୫ ଛକା ସହାୟତାରେ ୭୮ ରନ୍‌ର ଚମତ୍କାର ଇନିଂସ୍ ଖେଳିଥିଲେ। ସେହିପରି କ୍ୟାପ୍‌ଟେନ୍ ମେଗ୍ ଲେନିଙ୍ଗ୍ ୫ ଚୌକା ବଲରେ ୨୭ ବଲ୍‌ରେ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଆଶା ଶୋଭନା (ଅପରାଜିତ ୨୭) ଏବଂ ୱିକେଟ୍‌କିପର୍ ବ୍ୟାଟର୍ ଶ୍ୱେତା ସହରାୱତ୍ (୨୫ ରନ୍) ମଧ୍ୟ ଉପଯୋଗୀ ଇନିଂସ୍ ଖେଳିଥିଲେ। ଲିଚ୍‌ଫିଲ୍ଡ ଓ ଶ୍ୱେତାଙ୍କ ମଧ୍ୟରେ ୫ମ ୱିକେଟ୍ ପାଇଁ ମଧ୍ୟ ୩୫ ବଲ୍‌ରେ ୬୯ ରନ୍‌ର ଦ୍ରୁତ ପାର୍ଟନରଶିପ୍ ହୋଇଥିଲା। ଏହା ସତ୍ତ୍ୱେ ଟିମ୍ ୨୦୮ ରନ୍‌ର ଲକ୍ଷ୍ୟରେ ପହଞ୍ଚିପାରି ନଥିଲା। ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ଜର୍ଜିଆ ୱେରହାମ୍, ରେଣୁକା ସିଂହ ଠାକୁ ଏବଂ ସୋଫି ଡିଭାଇନ୍ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। କ୍ୟାପ୍‌ଟେନ୍ ଆସ୍‌ଲେ ଗାର୍ଡନର୍ ଏବଂ ରାଜେଶ୍ୱରୀ ଗାଏକୱାଡ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ଟସ୍ ହାରି ବ୍ୟାଟିଂ ପାଇଥିବା ଗୁଜରାଟ ଜାଏଣ୍ଟ୍ସର ଆରମ୍ଭ ଭଲ ଥିଲା। ବେଥ୍ ମୁନୀ ଓ ସୋଫି ଡିଭାଇନ୍ ୪.୨ ଓଭର୍‌ରେ ୪୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ମୁନୀ (୧୩ ରନ୍)ଙ୍କୁ ଇଂଲିଶ୍ ସ୍ପିନର୍ ସୋଫି ଏକ୍ଲେଷ୍ଟୋନ୍ ବୋଲ୍ଡ କରି ପାର୍ଟନରଶିପ୍ ଭାଙ୍ଗିଥିଲେ। ଏହାପରେ ଡିଭାଇନ୍‌ଙ୍କୁ ଶିଖା ପାଣ୍ଡେ କ୍ୟାଚ୍ ଆଉଟ୍ କରାଇଥିଲେ। ଡିଭାଇନ୍ ୫ ଚୌକା ଓ ୨ ଛକା ସହାୟତାରେ ୨୦ ବଲ୍‌ରେ ୩୮ ରନ୍ କରିଥିଲେ। ୫୫ ରନ୍‌ରେ ୨ ୱିକେଟ୍‌ର ପତନ ପରେ ଅନୁଷ୍କା ଶର୍ମା ଓ କ୍ୟାପ୍‌ଟେନ୍ ଆସ୍‌ଲେ ଗାର୍ଡନର୍ ତୃତୀୟ ୱିକେଟ୍ ପାଇଁ ୬୩ ବଲ୍‌ରେ ୧୦୩ ରନ୍‌ର ପାର୍ଟନର୍‌ଶିପ୍ କରି ଗୁଜରାଟକୁ ଏକ ବଡ଼ ସ୍କୋର୍‌ରେ ପହଞ୍ଚିବାକୁ ସହାୟତା କରିଥିଲେ। ଅନୁଷ୍କା ଶର୍ମା ୭ ଚୌକା ସହାୟତାରେ ୩୦ ବଲ୍‌ରେ ୪୪ ରନ୍ ଏବଂ ଆସ୍‌ଲେ ଗାର୍ଡନର୍ ୪୧ ବଲ୍‌ର ୬୫ ରନ୍ କରିଥିଲେ। ଏଥିରେ ତାଙ୍କ ୬ ଚୌକା ଓ ୩ ଛକା ସାମିଲ ଥିଲା। ଏହାପରେ ଜର୍ଜିୟା ୱେରହାମ୍ (ଅପରାଜିତ ୨୭) ଏବଂ ଭାରତୀ ଫୁଲମାଲୀ (ଅପରାଜିତ ୧୪ ରନ୍) ମଧ୍ୟ କେତେକ ବଡ଼ ଶଟ୍ ଲଗାଇଥିଲେ। ୟୁପି ୱାରିୟର୍ସ ପକ୍ଷରୁ ସୋଫି ଏକ୍ଲେଷ୍ଟୋନ୍ ସର୍ବାଧିକ ୨ଟି, ଶିଖା ପାଣ୍ଡେ ଓ ଡିଏଣ୍ଡ୍ରା ଡଟିନ୍ ୧-୧ ୱିକେଟ୍ ନେଇଥିଲେ।

## ଡବ୍ଲ୍ପିଏଲ୍: ଦୁଇ ସପ୍ତାହ ଖେଳିପାରିବେନି ପୂଜା ବସ୍ତ୍ରାକର

**ନୂଆଦିଲ୍ଲୀ,୧୦ା୧/ଏଜେନ୍ସି:** ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର ଫାଷ୍ଟ ବୋଲର୍ ଏବଂ ଅଲ୍‌ରାଉଣ୍ଡର୍ ପୂଜା ବସ୍ତ୍ରାକର ଜଂଘ ମାଂସପେଶୀରେ ଯନ୍ତ୍ରଣା କାରଣରୁ ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ୨୦୨୬ର ପ୍ରାରମ୍ଭିକ ଦୁଇ ସପ୍ତାହର ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ନଭେମ୍ବରରେ ଅନୁଷ୍ଠିତ ଅକ୍ସନ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତାଙ୍କୁ ୮୫ ଲକ୍ଷ ଟଙ୍କାରେ କିଣିଥିଲା। ଆର୍‌ସିବି ମୁଖ୍ୟ କୋଚ୍ ମନୋଲନ୍ ରଙ୍ଗରାଜନ୍ ଶୁକ୍ରବାରର ଉଦ୍‌ଘାଟନୀ ମ୍ୟାଚ୍ ପରେ କହିଛନ୍ତି ଯେ ବିସିସିଆଇର ସେଣ୍ଟର୍ ଅଫ୍ ଏକ୍ସଲେନ୍ସରୁ ବାହାରିବାର ଦୁଇଦିନ ପୂର୍ବରୁ



ପୂଜା ଜଂଘରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପୂର୍ବରୁ ସେ କାନ୍ଧ ଆଘାତରୁ ସୁସ୍ଥ ହୋଇଥିଲେ। ଡାକ୍ତରଙ୍କ ଅନୁସାରେ ପୂଜାଙ୍କୁ ଏବେ ଆହୁରି ଅତିକମ୍‌ରେ ଦୁଇ ସପ୍ତାହ ବିଶ୍ରାମ କରିବାକୁ ହେବ। ପୂଜା ଶେଷଥର ପାଇଁ ୨୦୨୪ ଅକ୍ଟୋବରରେ ଟି-୨୦ ବିଶ୍ୱକପ୍ ଖେଳିଥିଲେ। ଡବ୍ଲ୍ୟୁପିଏଲ୍ ୨୦୨୬ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସୁଯୋଗ ଥିଲା। କିନ୍ତୁ ଆଘାତ କାରଣରୁ ତାଙ୍କ ପ୍ରତୀକ୍ଷା ପୁଣି ବଢ଼ିଯାଇଛି। କୋଚ୍‌ଙ୍କ ଅନୁସାରେ ପୂଜା ଟିମ୍‌ର ସନ୍ତୁଳନ ଏବଂ କମ୍ବିନେସନ୍‌ରେ ପ୍ରମୁଖ ଭୂମିକା ନିଭାଉଥିଲେ। ମାତ୍ର ତାଙ୍କ ଅନୁପସ୍ଥିତିରେ ଟିମ୍‌କୁ ଅନ୍ୟ ଅଲ୍‌ରାଉଣ୍ଡର୍‌ଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

# କୋଚ୍ ଜେଲେଜ୍‌ନୀଙ୍କ ଠାରୁ ଅଲଗା ହେଲେ ନୀରଜ

**ନୂଆଦିଲ୍ଲୀ,୧୦ା୧/ଏଜେନ୍ସି:** ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଏବଂ ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଶନିବାର ଚେକ୍ ଗଣରାଜ୍ୟର ମହାନ କୋଚ୍ ଜାନ୍ ଜେଲେଜ୍‌ନୀଙ୍କ ସହ ନିଜ ଚୁକ୍ତି ସମାପ୍ତ ଘୋଷଣା କରିଛନ୍ତି। ଏହି ଚୁକ୍ତି କେବଳ ଗୋଟିଏ ସିଜନ୍ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା, ଯାହାକୁ ନୀରଜ ପ୍ରଗତି, ପାରସ୍ପରିକ ସମ୍ମାନ ଏବଂ ଖେଳ ପ୍ରତି ଗଭୀର ବିଶ୍ୱାସରେ ଭରି

### ୯୦ ମିଟରର ଐତିହାସିକ ପ୍ରଦର୍ଶନ ପରେ ବିଦାୟ



ରହିଥିବା କହିଛନ୍ତି। ତେବେ ଏହି ଚୁକ୍ତି ସମାପ୍ତର ନୀରଜ କୋଣସି ନିର୍ଦ୍ଦିଷ୍ଟ କାରଣ ଜଣାଇ ନାହାନ୍ତି। ଜାନ୍ ଜେଲେଜ୍‌ନୀ ଜାଭେଲିନ୍ ଥ୍ରୋ ଇତିହାସର ସବୁଠୁ ମହାନ୍ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ ଏବଂ ବିଶ୍ୱ ରେକର୍ଡଧାରୀ ମଧ୍ୟ। ତାଙ୍କ ଦିଗ୍‌ଦର୍ଶନରେ ନୀରଜ ଗତବର୍ଷ ପ୍ରଥମ ଥର ୯୦ ମିଟର୍ ମାର୍କ ପାର୍ କରିଥିଲେ। ନିଜ ଅନୁଭବ ଶେୟାର୍ କରି ନୀରଜକହିଛନ୍ତି, ଯେଉଁ ଖେଳାଳିଙ୍କୁ ସେ ପିଲାଦିନରୁ ନିଜ ଆଦର୍ଶ ମାନିଆସିଛନ୍ତି, ତାଙ୍କଠାରୁ ସିଧା ଶିଖିବା ତାଙ୍କ ପାଇଁ ସ୍ୱପ୍ନ ସତ୍ୟ ହେବା ପରି ଥିଲା। ସେ କହିଛନ୍ତି, ଜେଲେଜ୍‌ନୀଙ୍କ ସହ କାମ କରି ମୋତେ ଏକ ନୂଆ ଟୁଲ୍‌ବକ୍ସ ନୂଆ ଏକ୍ସର୍‌ସାଇଜ୍, ଟେକ୍ନିକାଲ୍ ବିଚାର ଏବଂ ଖେଳକୁ ଦେଖିବାର ନୂଆ ଦୃଷ୍ଟିକୋଣ ମିଳିଛି। ଟେକ୍‌ନିକ୍ ଏବଂ ମୁଭ୍‌ମେଣ୍ଟ୍‌କୁ ନେଇ ତାଙ୍କ ଚିନ୍ତାଧାରା ଅଦ୍ଭୁତ। ପ୍ରତ୍ୟେକ ସେସନ୍‌ରେ ମୁଁ କିଛି ନୂଆ ଶିଖିଛି। ମୋ ଜୀବନର ଆଦର୍ଶଙ୍କ ସହିତ ଏକ ଗଭୀର ବନ୍ଧୁତା ସୃଷ୍ଟି କରିଥିବା ମୋ ପାଇଁ ସବୁଠୁ ଗର୍ବର ବିଷୟ। ଜେଲେଜ୍‌ନୀ କେବଳ ଜଣେ ସବୁଠୁ ମହାନ୍ ଜାଭେଲିନ୍ ଥ୍ରୋୟର୍ ନୁହନ୍ତି, ବରଂ ସବୁଠୁ ଉନ୍ନତ ମଣିଷଙ୍କ ମଧ୍ୟରେ ଅନ୍ୟତମ। ଜାନ୍ ଜେଲେଜ୍‌ନୀ ମଧ୍ୟ ଏହି ଯୋଡ଼ିକୁ ନେଇ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, 'ନୀରଜଙ୍କ ପରି ଆଥ୍‌ଲେଟ୍‌ଙ୍କ ସହ କାମ କରିବା ଏକ ଚମତ୍କାର ଅନୁଭବ ହୋଇଛି। ମୁଁ ଖୁସି ଯେ ତାଙ୍କୁ ପ୍ରଥମ ଥରରେ ୯୦ ମିଟର ବାଧା ପାର୍ କରାଇବାରେ ସହାୟତା କରିଛି। ସେ ଆହୁରି କହିଛନ୍ତି, ବିଶ୍ୱ ଚାମ୍ପିଅନ୍‌ଶିପ୍‌କୁ ଛାଡ଼ିଦେଲେ ନୀରଜ ପ୍ରାୟ ପ୍ରତ୍ୟେକ ପ୍ରତିଯୋଗିତାରେ ଅତିକମ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହା ଏକ ଉନ୍ନତ ରକର୍ଡ। ତେବେ ଟୋକିଓ ପ୍ରତିଯୋଗିତାର ୧୨ ଦିନ ପୂର୍ବରୁ ପିଠି ଆଘାତ ତାଙ୍କ ପ୍ରଦର୍ଶନକୁ ବହୁ ପ୍ରଭାବିତ କରିଛି।

### ମାଲେସିଆ ଓପନ୍‌ରେ ଭାରତର ଅଭିଯାନ ଶେଷ

## ସେମିଫାଇନାଲ୍‌ରେ ହାରିଲେ ସିନ୍ଧୁ

**କ୍ୱାଲାଲମ୍ପୁର୍,୧୦ା୧/ଏଜେନ୍ସି:** ଏଠାରେ ଚାଲିଥିବା ଡବ୍ଲ୍ୟୁଏଫ୍ ସୁପର୍ ୧୦୦୦ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁଙ୍କୁ ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏହା ପୂର୍ବରୁ ଶୁକ୍ରବାର ପୁରୁଷ ଡବଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ହାରି ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଭାରତୀୟ ଯୋଡ଼ି ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଥିଲା।

ଆଜି ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ସେମିଫାଇନାଲ୍‌ରେ ସିନ୍ଧୁ ଚୀନ୍‌ର ବିଶ୍ୱ ନମ୍ବର-୨ ଖେଳାଳି ୱାଙ୍ଗ୍ ଝି ୟୀ'ଙ୍କ ଠାରୁ ୧୬-୨୧, ୧୫-୨୧ ସିଧା ଗେମ୍‌ରେ ହାରିଯାଇଛନ୍ତି। ମ୍ୟାଚ୍‌ର ଉଭୟ ଗେମ୍‌ରେ ସିନ୍ଧୁ ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ନିର୍ଣ୍ଣାୟକ ମୁହୂର୍ତ୍ତରେ ଏହା ବଜାୟ ରଖିବାରେ ବିଫଳ ହୋଇଥିଲେ। ପ୍ରଥମ ଗେମ୍‌ରେ ୩-୪ ପଏଣ୍ଟରେ ଅଗ୍ରଣୀ ରହିବା ପରେ କରିଥିବା କେତେକ ତ୍ରୁଟିର ଫାଇଦା ୱାଙ୍ଗ୍ ଝି ୟୀ ଉଠାଇଥିଲେ। ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ବ୍ୟାକ୍‌ହ୍ୟାଣ୍ଡ୍ ସାଇଡ୍‌ରେ ଅଧିକ ଲିଫ୍ଟ ଖେଳିଥିଲେ। ଫଳରେ ୟୀ ଲଗାତାର ସ୍ମାଶ୍ ଲଗାଇ ଚାପ ସୃଷ୍ଟି ସହିତ ମ୍ୟାଚ୍ ନିଜ ନାମରେ କରିନେଇଥିଲେ।

ଏହା ପୂର୍ବରୁ କ୍ୱାର୍ଟର୍ ଫାଇନାଲ୍‌ରେ ସିନ୍ଧୁ ତୃତୀୟ ସିଡ୍ ଜାପାନର ଅକାନେ ୟାମାଗୁଚିଙ୍କ ବିପକ୍ଷରେ ପ୍ରଥମ ଗେମ୍ ମାତ୍ର ୧୧ ମିନିଟ୍‌ରେ ୨୧-୧୧ରେ ଜିତି ନେଇଥିଲେ। ଏହାପରେ ୟାମାଗୁଚି ଆଣ୍ଠୁରେ ଆଘାତ କାରଣରୁ ମ୍ୟାଚ୍‌ରୁ ହଟିଯିବା (ରିଟାୟର୍ଡ ହର୍ଟ) ଫଳରେ ସିନ୍ଧୁଙ୍କୁ ସେମିଫାଇନାଲ୍‌ରେ ସ୍ଥାନ ମିଳିଥିଲା।

# ବକ୍ସର୍‌ଙ୍କ ହୋଟେଲ୍ ଖାଲି କରାଗଲା

### ଜାତୀୟ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ବିବାଦ

**ଗ୍ରେଟର୍ ନୋଏଡା,୧୦ା୧/ଏଜେନ୍ସି:** ଜାତୀୟ ବକ୍ସିଂ ଚାମ୍ପିଅନ୍‌ଶିପ୍ ପୁଣିଥରେ ବିବାଦୀୟ ହୋଇପଡ଼ିଛି। ଚାମ୍ପିଅନ୍‌ଶିପ୍ ଜାରି ରହିଥିବା ବେଳେ ଏଥିରେ ଭାଗନେବା ପାଇଁ କେତେକ ରାଜ୍ୟରୁ ଆସିଥିବା ବକ୍ସର୍, ପ୍ରଶିକ୍ଷଣ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ହୋଟେଲ୍ ଖାଲି କରିବାକୁ କୁହାଯାଇଛି। ବକ୍ସର୍ ଗୁରୁବାର ଓ ଶୁକ୍ରବାର ନିଜ ନିଜ ବାଉଟ୍ ଶେଷ କରି ହୋଟେଲ୍ ଫେରିବା ବେଳକୁ ସେମାନଙ୍କ ଜିନିଷପତ୍ର ପ୍ୟାକ୍ କରି ରିସେପ୍‌ସନ୍‌ରେ ରଖିଦିଆଯାଇଥିଲା। ହୋଟେଲ୍‌ରେ ସେମାନଙ୍କ ପାଇଁ ଆଗକୁ ବୁକିଂ ନଥିବା କୁହାଯାଇଥିଲା।

ଆୟୋଜକଙ୍କ ପକ୍ଷରୁ ବକ୍ସର୍‌ମାନଙ୍କ ହୋଟେଲ୍‌ରେ ରହିବା ବ୍ୟବସ୍ଥା କରାଯାଇଥିଲା। ଚାମ୍ପିଅନ୍‌ଶିପ୍‌ର ପ୍ରଥମ ଦିନ ଚିଂ ଲାଗିନଥିବାରୁ ମୁକାବିଲା ବିଳମ୍ବରେ ଆରମ୍ଭ ହୋଇଥିଲା। ମହିଳା ବକ୍ସର୍‌ଙ୍କ ୩୨ ମ୍ୟାଚ୍ ପରଦିନକୁ ଶିଫ୍ଟ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର କହିବା ଅନୁସାରେ ଏ ସମ୍ପର୍କରେ ସୂଚନା ମିଳିବା ପରେ ବକ୍ସର୍‌ମାନଙ୍କ ରହିବାର ପାଇଁ ତତ୍କାଳ ବ୍ୟବସ୍ଥା କରାଯାଇଥିଲା। ଅଧିକାଂଶ ବକ୍ସର୍‌ଙ୍କୁ ଉନ୍ନତ ବ୍ୟବସ୍ଥା ଥିବା ଆୟୋଜନସ୍ଥଳ ଗୌତମବୁଦ୍ଧ ୟୁନିଭର୍ସିଟିରେ ରଖାଯାଇଥିଲା। ମହାସଂଘ ଘଟଣାକ୍ରମ ଉପରେ ନଜର ରଖିଥିବା କହିଛି।

## ଦେଶ ବିଦେଶ

# ମମତା ସରକାରଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟ ଗଲା ଇଡି

**ନୂଆଦିଲ୍ଲୀ,କୋଲ୍‌କାତା,୧୦ା୧/ଏଜେନ୍ସି:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ମମତା ବାନାର୍ଜୀଙ୍କ ସରକାର ବିରୋଧରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଛି। ପଶ୍ଚିମବଙ୍ଗର ସରକାର ମଧ୍ୟ ସୁପ୍ରିମ୍‌କୋର୍ଟରେ କେଭିଏଟ୍ ଦାଖଲ କରିଛନ୍ତି। ସରକାର ଦାବି କରିଛନ୍ତି ଯେ ତାଙ୍କ ପକ୍ଷରୁ ଶୁଣିବା ବିନା କୌଣସି ଆଦେଶ ପାରିତ ନକରାଯାଉ। ଇଡି ଅଭିଯୋଗ କରିଛି ଯେ ଗୁରୁବାର ପଲିଟିକାଲ୍ କନ୍‌ସଲ୍‌ଟାଣ୍ଟ ଫାର୍ମ ଆଇ-ପ୍ୟାକ୍ ଅଫିସ୍ ଏବଂ ଏହାର ନିର୍ଦ୍ଦେଶକଙ୍କ ଘରେ ତଲାସୀ ଚାଲିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ବାଧା ସୃଷ୍ଟି କରାଯାଇଛି। ଇଡି ମାମଲାର ସିବିଆଇ ତଦନ୍ତ ଦାବି କରିଛି। ଏହା ପୂର୍ବରୁ ଶୁକ୍ରବାର ଇଡି କଲିକତା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ମାତ୍ର କୋର୍ଟରୁମ୍‌ରେ ହଙ୍ଗାମା କାରଣରୁ ଶୁଣାଣି ହୋଇପାରି ନଥିଲା। ଏହାପରେ ହାଇକୋର୍ଟ ମାମଲାର ଶୁଣାଣି ଜାନୁଆରୀ ୧୪ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ଇଡି ଟିମ୍ ଜାନୁଆରୀ ୮ ତାରିଖରେ ଆଇ-ପ୍ୟାକ୍ ନିର୍ଦ୍ଦେଶକ ପ୍ରତୀକ ଜୈନ୍‌ଙ୍କ କୋଲ୍‌କାତାର ଗୁଲାଉଡନ୍‌ସ୍ଥିତ ଘର ଏବଂ ଅନ୍ୟ ଏକ ଟିମ୍ ସଲ୍ଟଲେକ୍‌ସ୍ଥିତ ଅଫିସ୍ ଉପରେ ଚଢ଼ଉ କରିଥିଲା। ପ୍ରତୀକ୍ ଜୈନ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ମମତା ବାନାର୍ଜୀଙ୍କ ପାଇଁ ରାଜନୈତିକ ରଣନୀତି ପ୍ରସ୍ତୁତ କରୁଛନ୍ତି। ଚଢ଼ଉ ସକାଳ ୬ଟା ବେଳେ ଆରମ୍ଭ ହୋଇଥିବା ବେଳେ ପ୍ରାୟ ସାଢ଼େ ୧୧ଟା ବେଳ ମାମଲା ବଢ଼ିବାଥିଲା। ସର୍ବପ୍ରଥମେ କୋଲ୍‌କାତା ପୁଲିସ କମିଶନର୍ ପ୍ରତୀକଙ୍କ ଘରେ ପହଞ୍ଚିଥିଲେ। କିଛି ସମୟ ପରେ ମମତା ବାନାର୍ଜୀ ସ୍ୱୟଂ ଲାଉଡନ୍ ଷ୍ଟ୍ରୀଟ୍‌ସ୍ଥିତ ତାଙ୍କ ଘରେ ପହଞ୍ଚି ଇଡି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। କିଛି ସମୟ ପରେ ମମତା ଘରୁ ବାହାରିବା ବେଳେ ତାଙ୍କ ହାତରେ ଏକ ସବୁଜ ଫାଇଲ୍ ଥିବା ଦେଖିବାକୁ ମିଳିଥିଲା। ଏହାପରେ ସେ ଆଇ-ପ୍ୟାକ୍ ଅଫିସ୍ ଯାଇଥିଲେ।

### ଜୟପୁରରେ ଅଡି କାର୍ ଆତଙ୍କ

# ୧୬ ଜଣଙ୍କୁ ଚାପିଦେଲା, ଜଣେ ମୃତ



**ଜୟପୁର,୧୦ା୧/ଏଜେନ୍ସି:** ରାଜସ୍ଥାନ ରାଜଧାନୀ ଜୟପୁରରେ ଶୁକ୍ରବାର ରାତିରେ ରେସିଂ କରୁଥିବା ଏକ ଅଡି କାର୍ ଆତଙ୍କ ଖେଳାଯାଇଛି। ମାନସରୋବରର ଜନଗହଳି ଅଞ୍ଚଳରେ ୧୨୦ କିମି ଗତିରେ ଦୌଡୁଥିବା କାର୍ ପ୍ରଥମେ ବେକାବୁ ହୋଇ ଡିଭାଇଡର୍‌ରେ ଧକ୍କା ଲାଗିଥିଲା। ଏହାପରେ ରାସ୍ତା ପାର୍ଶ୍ୱରେ ଥିବା ଫୁଡ୍ ଷ୍ଟଲ୍‌ରେ ପଶିଯାଇଥିଲା। ଏହି ସମୟରେ ସେଠାରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। କାର୍ ପ୍ରାୟ ୧୬ ଜଣଙ୍କ ଉପରେ ଚଢ଼ିଯାଇ ଏକ ଗଥରେ ଧକ୍କାଲାଗି ଅଟକି ଯାଇଥିଲା। ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଚାରିଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଅଡିରେ ଡ୍ରାଇଭର୍ ସମେତ ଚାରିଜଣ ଲୋକ ଥିଲେ। ସେମାନଙ୍କ ମଧ୍ୟରେ ଜୟପୁର ପୁଲିସର ଜଣେ ସିପାହୀ ମଧ୍ୟ ସାମିଲ। ଘଟଣାର ତୁରନ୍ତ ପରେ ଲୋକମାନେ ଜଣେ କାର୍ ଯାତ୍ରୀଙ୍କୁ ଧରିଥିଲେ। ଶନିବାର ସକାଳେ ପୁଲସ ଅନ୍ୟ ଜଣେ ଯୁବକକୁ ଧରି ହାଜତକୁ ନେଇଛି। ତେବେ ଅଭିଯୁକ୍ତ ଡ୍ରାଇଭର୍ ଦିନେଶ ସମେତ ଦୁଇଜଣ ଫେରାର୍ ଅଛନ୍ତି। ସୂଚନା ଅନୁସାରେ କାର୍‌ରେ ଥିବା ଚାରିଜଣ ଯାକ ନିଶାସକ୍ତ ଥିଲେ। ଦୁର୍ଘଟଣା ରାତି ପ୍ରାୟ ସାଢ଼େ ୯ଟା ସମୟରେ ସାମ୍ବାଦିକ କଲୋନୀ ଥାନାଞ୍ଚଳର ଖରବାସ୍ ସର୍କଲ୍ ନିକଟରେ ହୋଇଛି। କାର୍‌ର ଇନ୍‌ସ୍ୟୁରାନ୍ସ ମଧ୍ୟ ନାହିଁ।

# ୧୭ରେ ବନ୍ଦେ ଭାରତ ସ୍ଲିପର୍‌ର ଉଦ୍‌ଘାଟନ କରିବେ ମୋଦୀ

■ କୋଲ୍‌କାତା ଓ ଗୁଆହାଟୀ ମଧ୍ୟରେ ଚାଲିବ ■ ୬ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ବି ଲଞ୍ଚ୍ ହେବ

**ନୂଆଦିଲ୍ଲୀ,୧୦ା୧/ଏଜେନ୍ସି:** କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର୍ ଜାନୁଆରୀ ୧୭ ତାରିଖରୁ କୋଲ୍‌କାତା ଓ ଗୁଆହାଟୀ ମଧ୍ୟରେ ଚଳାଚଳ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ମାଲଦା ଟାଉନ୍‌ରେ ଏହାର ଉଦ୍‌ଘାଟନ କରିବେ। ଏହି ଟ୍ରେନ୍ ସପ୍ତାହକୁ ୬ ଦିନ କାମାକ୍ଷା ଏବଂ ହାୱଡ଼ା ଜଙ୍କସନ୍ ମଧ୍ୟରେ ଚଳାଚଳ କରିବ। ଏହା ବ୍ୟତୀତ ୬ ନୂଆ ଅମୃତ ଭାରତ ଏକ୍ସପ୍ରେସ୍ ମଧ୍ୟ ଲଞ୍ଚ୍ କରାଯିବ। ଏହାର ସେବା ଜାନୁଆରୀ୧୭ ଓ ୧୮ ତାରିଖରୁ ମିଳିବା ଆରମ୍ଭ ହେବ। ଦିଲ୍ଲୀରେ ଅତି ବିଶିଷ୍ଟ ରେଳସେବା ପୁରସ୍କାର ସମାରୋହରେ ମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୨୦୨୬ରେ ଭାରତୀୟ ରେଳବାଇରେ ବଡ଼ ପରିବର୍ତ୍ତନ ହେବ। ସମସ୍ତ ପ୍ରକାର ସୁଧାର ପାଇଁ ବଡ଼ ସ୍ତରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)କୁ ସାମିଲ କରାଯିବ। ଭାରତର ଷ୍ଟାର୍ଟଅପ୍ ଓ ଇନୋଭେଟିଭ୍ ମାଇଣ୍ଡ୍‌କୁ ରେଳବାଇରେ ଯୋଡ଼ିବା ପାଇଁ ଟେକ୍ନୋଲୋଜି ଓ ଇନୋଭେସନ୍ ପାଇଁ ଏକ ନୂଆ ଷ୍ଟ୍ରକ୍‌ଚରାଲ୍ ଉପାୟ ଲାଗୁ ହେବ। ଏଥିପାଇଁ ଏକ ଟେକ୍ନୋଲୋଜି ଇନୋଭେସନ୍ ଆପ୍ ଲଞ୍ଚ୍ କରାଯିବ। ରକ୍ଷଣାବେକ୍ଷଣ ଗତିବିଧି ପାଇଁ ଏଆଇକୁ ବଡ଼ ସ୍ତରରେ ସାମିଲ କରାଯିବ।

ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ତୃତୀୟ ଶ୍ରେଣୀ ଏସିର ଭଡ଼ା ୨୩୦୦ ଟଙ୍କା ସ୍ଥିର ହୋଇଛି। ସେହିପରି ଦ୍ୱିତୀୟ ଏବଂ ପ୍ରଥମ ଶ୍ରେଣୀ ଏସି ଭଡ଼ା ଯଥାକ୍ରମେ ୩ ହଜାର ଓ ୩୬୦୦ ଟଙ୍କା ପ୍ରସ୍ତାବିତ କରାଯାଇଛି। ସ୍ଲିପର୍ ଟ୍ରେନ୍‌କୁ ୧୦୦୦ କିମିରୁ ଅଧିକ ଦୂରର ଯାତ୍ରାକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି। ଚଳିତ ବର୍ଷ ଶେଷ ବେଳକୁ ପ୍ରାୟ ୧୨ ବନ୍ଦେ ଭାରତ ସ୍ଲିପର୍ ପ୍ରସ୍ତୁତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ଭାରତ-ବାଂଲାଦେଶ ସମ୍ବନ୍ଧ ସୁଧାରିବାକୁ ଉଦ୍ୟମ

# ବିଏନ୍‌ପି ଅଧ୍ୟକ୍ଷଙ୍କୁ ଭେଟିଲେ ଭାରତୀୟ ରାଷ୍ଟ୍ରଦୂତ

**ଢାକା,୧୦ା୧/ଏଜେନ୍ସି:** ଭାରତ ଓ ବାଂଲାଦେଶ ମଧ୍ୟରେ କେତେକ କାରଣକୁ ନେଇ ବର୍ତ୍ତମାନ ଉତ୍ତେଜନାପୂର୍ଣ୍ଣ ପରିବେଶ ରହିଛି। ଏହି ଅବସରରେ ଦୁଇ ଦେଶ ମଧ୍ୟର ରାଜନୈତିକ ଏବଂ କୂଟନୈତିକ ବାର୍ତ୍ତାଳାପକୁ ମଜଭୁତ କରିବା ପାଇଁ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ହାଇକମିଶନର୍ ପ୍ରଣୟ କୁମାର ବର୍ମା ବାଂଲାଦେଶ ନାସ୍‌ନାଲିଷ୍ଟ ପାର୍ଟି (ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ୍ ଖାଲିଦା ଜିୟାଙ୍କ ପୁତ୍ର ତାରିକ୍ ରହମାନ୍‌ଙ୍କୁ ଭେଟିଛନ୍ତି। ଏହି ସାକ୍ଷତକାର ବେଳେ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ବନ୍ଧ ଏବଂ ସହଯୋଗ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।



ଉଲ୍ଲେଖଯୋଗ୍ୟ, ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ବନ୍ଧରେ ଏବେ ଚରମ ଉତ୍ତେଜନା ଦେଖିବାକୁ ମିଳିଛି। ବାଂଲାଦେଶରେ ଲଗାତାର ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାର ଏହାର ବଡ଼ କାରଣ। ଏହା ପୂର୍ବରୁ ଶୁକ୍ରବାର ବିଦେଶ ମନ୍ତ୍ରଣାଳୟ ମଧ୍ୟ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଉତ୍ପୀଡ଼ନକୁ ନିନ୍ଦା କରିଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଆମେ ଲଗାତାର ଦେଖିବାକୁ ପାଉଛୁ ଚରମପନ୍ଥୀଙ୍କ ପକ୍ଷରୁ ସଂଖ୍ୟାଲଘୁଙ୍କ ସହିତ ସେମାନଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ବାରମ୍ବାର ଆକ୍ରମଣ ହେଉଛି। ଏପରି ସାମ୍ପ୍ରଦାୟିକ ଘଟଣାକୁ ତତ୍କାଳ ଏବଂ କଠୋର ଭାବେ ପ୍ରତିହତ କରାଯିବା ଆବଶ୍ୟକ। ଏପରି ଘଟଣାକୁ ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା, ରାଜନୈତିକ ମତଭେଦ କିମ୍ବା ବାହାର କାରଣ ସହିତ ଯୋଡ଼ିବା ପ୍ରବୃତ୍ତି ଚିନ୍ତାଜନକ। ସେ କହିଛନ୍ତି ଏପରି ଅଣଦେଖା ଅପରାଧୀଙ୍କୁ ଆହୁରି ନିର୍ଭୀକ କରିବା ସହିତ ସଂଖ୍ୟାଲଘୁଙ୍କ ମଧ୍ୟରେ ଆତଙ୍କ ଏବଂ ଅସୁରକ୍ଷା ଭାବନାକୁ ଆହୁରି ଗଭୀର କରୁଛୁ।

ସୂଚନାଯୋଗ୍ୟ, ବାଂଲାଦେଶରେ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ଆକ୍ରମଣ ଥମିବାର ନାଁ ଧରୁନାହିଁ। ଉସ୍‌ମାନ୍ ହାଦି ହତ୍ୟା ପରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡରେ ୧୮ ଦିନ ମଧ୍ୟରେ ୬ ହିନ୍ଦୁଙ୍କ ହତ୍ୟା ହୋଇସାରିଛି। ଏହା ମଧ୍ୟରୁ ଗତ ୨୪ ଘଣ୍ଟା ମଧ୍ୟରେ ଦୁଇଟି ହତ୍ୟାକାଣ୍ଡ ଘଟିଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି ହତ୍ୟାକାଣ୍ଡ ପରେ ମଧ୍ୟ ବାଂଲାଦେଶର ମହମ୍ମଦ ୟୁନୁସ୍ ସରକାର ଚୁପ୍ ବସିଛି।

# ଅଯୋଧ୍ୟା ରାମ ମନ୍ଦିରରେ ନମାଜ୍ ପାଠ ଉଦ୍ୟମ

**ଅଯୋଧ୍ୟା,୧୦ା୧/ଏଜେନ୍ସି:** ଶନିବାର ଅଯୋଧ୍ୟାର ରାମ ମନ୍ଦିର ପରିସରରେ ଶନିବାର ନମାଜ ପାଠ ଉଦ୍ୟମ ପଣ୍ଡ ହୋଇଛି। ୫୫ ବର୍ଷୀୟ ଜଣେ କଶ୍ମୀରୀ ବ୍ୟକ୍ତି ନମାଜ ପାଠ ପାଇଁ କପଡ଼ା ବିଛାଉଥିବା ବେଳେ ସେଠାରେ ମୁତୟନ ସୁରକ୍ଷାକର୍ମୀ ତାଙ୍କୁ ଧରିଥିଲେ। ଏହାପରେ ସେ ନାରାବାଜି କରିବାକୁ ଲାଗିଥିଲା। ପଚରା ଉଚରା ବେଳେ ସେ ନିଜ ନାମ ଅବୁ ଅହଦ ଶେଖ୍ କହିଛି। ସେ କଶ୍ମୀରର ସୋପିୟାଁ ନିବାସୀ। ସୂଚନା ମିଳିବା ମାତ୍ରେ ସୁରକ୍ଷା ଏଜେନ୍ସି, ସ୍ଥାନୀୟ ପୁଲିସ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚିଥିଲେ। ଅବୁ ଅହଦ ଶେଖ୍‌କୁ ରାମ ମନ୍ଦିର ପରିସରରେ ଥିବା ପୁଲିସ୍ କଣ୍ଟ୍ରୋଲ୍ ରୁମ୍‌ରେ ସେ କଶ୍ମୀରରୁ କାହିଁକି ଆସିଥିଲା ସେ ନେଇ ଜେରା କରାଯାଉଛି। ତା ବୟାନ ଅନୁସାରେ ପଲିସ ରାମ ମନ୍ଦିର ପଥ ଏବଂ ରେଳ ଷ୍ଟେସନ୍‌ର ସିସିଟିଭି ଯାଞ୍ଚ୍ କରୁଛି। ଏହି ସନ୍ଦିଗ୍ଧ ବ୍ୟକ୍ତି ଜଣ ବିହାର ରାସ୍ତା ଦେଇ ୟୁପି



୫୫ ବର୍ଷୀୟ କଶ୍ମୀରୀ ବ୍ୟକ୍ତି ଗିରଫ

ଏବଂ ପରେ ଅଯୋଧ୍ୟାରେ ପହଞ୍ଚିଥିଲା। ଅବଶ୍ୟ ପ୍ରଥମ ମନ୍ଦିର ପରିସରରୁ ୩ ଜଣ ଧରାପଡ଼ିଥିବା ସୂଚନା ମିଳିଥିଲା। ତେବେ ଅଯୋଧ୍ୟା ଏସ୍‌ଏସ୍‌ପି ଗୌରବ ଗ୍ରୋଭର୍ କହିଛନ୍ତି, ଆମ ପାଖରେ ଜଣେ ବ୍ୟକ୍ତି ରହିଛି। ସେ ନମାଜ ପଢ଼ିବାକୁ ଉଦ୍ୟମ କରୁଥିବା ବେଳେ ସୁରକ୍ଷା କର୍ମୀମାନେ ତାକୁ ଧରିଛନ୍ତି।

ସୂଚନା ଅନୁସାରେ ଅବୁ ଅହଦ ଶେଖ୍ ରାମ ମନ୍ଦିରର ଗେଟ୍ ଡି-୧ ଦେଇ ପରିସରରେ ପଶିଥିଲା। ଏହାପରେ ସୀତା ରସୋଇ ପାଖରେ ନମାଜ ପଢ଼ିବା ପାଇଁ ବସିଥିଲା। ସୁରକ୍ଷା କର୍ମୀ ତାକୁ ଏପରି କରୁଥିବା ଦେଖି ଧରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra